

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ-୩୧ ● ସଂଖ୍ୟା-୮୧ ● ୧୮ ଅପ୍ରେଲ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-81 ● 18th April 2024, Thursday ● Bhubaneswar
Licensed to post without pre-payment of postage No- BN-60/22-24

# ସୁପ୍ରିମକୋର୍ଟରେ ଭିଭିପିଏଟି ଶୁଣାଣି: ନିର୍ବାଚନ କମିଶନ ଉପରେ ଭରସା ରଖ

**ନୂଆଦିଲ୍ଲୀ, ୧୭/୦୪**

ସୁପ୍ରିମକୋର୍ଟରେ ବୁଧବାର ଭିଭିପିଏଟି (ଭୋଟର ଭେରିଫାଏବଲ୍ ପେପର୍ ଅଡିଟ୍ ଟ୍ରେଲ୍) ବ୍ୟବସ୍ଥା ଜରିଆରେ ଉପଲବ୍ଧ ହେଉଥିବା କାଗଜ ସ୍ଲିପ୍ ସହ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)ରେ ଦିଆଯାଇଥିବା ଭୋଟ୍‌କୁ ମିଳାଇବା ତଥା ପୁନଃ ଯାଞ୍ଚ କରିବା ପାଇଁ ହୋଇଥିବା ଆବେଦନର ଶୁଣାଣି ହୋଇଛି। ବୁଧବାର ସୁପ୍ରିମକୋର୍ଟ ଏ ବାବଦରେ ଦୁଇ ଘଣ୍ଟା ଶୁଣାଣି କରିବା ପରେ ୧୮ ତାରିଖରେ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ସଂପ୍ରତି ଗୁପ୍ତ ମତଦାନ ପଦ୍ଧତିରେ ସମସ୍ୟା ଥିବା ଦର୍ଶାଇ ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ଆବେଦନକାରୀଙ୍କୁ କହିଛନ୍ତି ଯେ ଆମ ନିଜ ବ୍ୟବସ୍ଥା ଉପରେ ଭରସା କରିବାକୁ ହେବ ଏବଂ ବ୍ୟବସ୍ଥା ଭୁଶୁଡ଼ାଇବାକୁ ପ୍ରୟାସ କରିବା ଉଚିତ ନୁହେଁ। ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର) ଏବଂ ସାମାଜିକ କର୍ମୀ ଅରୁଣ କୁମାର ଅଗ୍ରୱାଲ ଇଭିଏମ୍ ଭୋଟ୍ ଏବଂ ଭିଭିପ୍ୟାଟ୍ ଉପରେ



ପ୍ରତିବନ୍ଧକ ଲଗାଇବା ପାଇଁ ପିଟିସନ୍ ଦାଖଲ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ରଖିଥିଲେ।

ସେ ଯୁକ୍ତି ବାଢ଼ିଥିଲେ ଯେ ଇଭିଏମ୍ ମାଧ୍ୟମରେ ଭୋଟ୍ ଦେବାକୁ ପସନ୍ଦ କରିଥିବା ଅଧିକାଂଶ ୟୁରୋପୀୟ ଦେଶ ଏବେ ବାଲଟକୁ ଫେରିଛନ୍ତି। ସେ କହିଥିଲେ ଯେ ଆମେ କାଗଜ ବାଲଟକୁ ଫେରିପାରିବୁ ଏବଂ ଅନ୍ୟ ଏକ ବିକଳ୍ପ ହେଉଛି ଭୋଟରଙ୍କୁ ଭିଭିପିଏଟି ସ୍ଲିପ୍ ଦେବା ଏବଂ ଏହାକୁ ଇଭିଏମ୍ ସହ ମେଳ କରାଇବା ପାଇଁ ପଦକ୍ଷେପ ନେବା। ପ୍ରତ୍ୟେକ ସ୍ଲିପ୍ ଏକ ବାଲଟ୍ ବକ୍ସରେ ରଖାଯାଇପାରିବ ବୋଲି ସେ କହିଥିଲେ। ଏହି ଯୁକ୍ତି ସହ ଭୂଷଣ ଜର୍ମାନୀରେ ହେଉଥିବା ଭୋଟ୍ ଗ୍ରହଣ ପ୍ରକ୍ରିୟାର ଉଦାହରଣ ଦେଇଥିଲେ। ଜଷ୍ଟିସ ଦୀପଙ୍କର ଦତ୍ତା ଭୂଷଣଙ୍କୁ ପଚାରିଥିଲେ ଯେ ଜର୍ମାନୀର ଜନସଂଖ୍ୟା କ'ଣ ? ଏହାର ଉତ୍ତରରେ ଭୂଷଣ କହିଥିଲେ ଯେ ଏହା ପ୍ରାୟ ୬ କୋଟି ଏବଂ ଭାରତରେ ଭୋଟର୍ ସଂଖ୍ୟା ୫୦ରୁ ୬୦ କୋଟି ହେବ। ଏହାପରେ ଖଣ୍ଡପୀଠ କହିଥିଲେ ଯେ ଭାରତରେ ମୋଟ ପଞ୍ଜୀକୃତ ଭୋଟରଙ୍କ ସଂଖ୍ୟା ହେଉଛି ୯୭ କୋଟି। ବାଲାଟ୍ ପେପର ଥିବା ବେଳେ କ'ଣ ଘଟିଥିଲା ତାହା ଆମେ ସମସ୍ତେ ଜାଣିଛୁ। ଭାରତ ଭଳି ବିଶାଳ ରାଷ୍ଟ୍ରରେ ପ୍ରତି ଭୋଟରଙ୍କ ସ୍ଲିପ୍ ଗଣତି କରାଯିବା ଉଚିତ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ ଏବଂ ନିର୍ବାଚନ କମିଶନଙ୍କ ଉପରେ ଭରସା ରଖିବାକୁ କହିଥିଲେ।

ଆବେଦନକାରୀଙ୍କ ଓକିଲଙ୍କୁ ଜଷ୍ଟିସ ଦତ୍ତା କହିଥିଲେ ଯେ ଭାରତୀୟ ନିର୍ବାଚନକୁ ବିଦେଶର ମତଦାନ ପ୍ରକ୍ରିୟା ସହ ତୁଳନା କରନାହିଁ। 'ମୋ ନିଜ ରାଜ୍ୟ ପଶ୍ଚିମବଙ୍ଗର ଜନସଂଖ୍ୟା ଜର୍ମାନୀ ତୁଳନାରେ ଅଧିକ। ସିଷ୍ଟମକୁ ଏଭଳି ଭାବେ ତଳକୁ ଆଣିବାକୁ ଚେଷ୍ଟା କରନ୍ତୁ ନାହିଁ। ୟୁରୋପୀୟ ଉଦାହରଣ ଭାରତରେ କାମ କରେ ନାହିଁ' ବୋଲି ଜଷ୍ଟିସ ଦତ୍ତା କହିଥିଲେ। ଖଣ୍ଡପୀଠ ଭୂଷଣଙ୍କୁ ପଚାରିଥିଲେ ଯେ ଲୋକମାନେ ଇଭିଏମ୍ ଉପରେ *(ପୃଷ୍ଠା ୭ରେ)*

# ଆତଙ୍କବାଦୀମାନଙ୍କୁ ଘରେ ପଶି ମାରିବୁ ବୋଲି ମୋଦି ଓ ରାଜନାଥଙ୍କ ବୟାନ ଉପରେ ପ୍ରତିକ୍ରିୟା ରଖିଲା ଆମେରିକା

**ୱାଶିଂଟନ୍, ୧୭/୦୪**

ଆତଙ୍କବାଦୀମାନଙ୍କ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ବୟାନ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛି ଆମେରିକା। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଥିବା ଉତ୍ତେଜନାକୁ ଏଡ଼ାଇବା ପାଇଁ ଏବଂ ସମାଧାନ ଖୋଜିବାକୁ ଆମେରିକା ଉତ୍ସାହିତ କରୁଛି ବୋଲି ଆମେରିକାର ସ୍ୱରାଷ୍ଟ୍ର ବିଭାଗର ମୁଖପାତ୍ର ମାଥ୍ୟୁ ମିଲର୍ କହିଛନ୍ତି।

ଆତଙ୍କବାଦୀମାନଙ୍କୁ ସେମାନଙ୍କ ଘରେ ପଶି ମାରିବୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ମନ୍ତବ୍ୟରେ ବାଇଡେନ୍ ପ୍ରଶାସନ ଚିନ୍ତିତ କି ନାହିଁ ବୋଲି ପଚରାଯିବାରୁ ମିଲର କହିଛନ୍ତି ଯେ ମୁଁ ପୂର୍ବରୁ ବି କହିଛି ଯେ, ଆମେରିକା ସେଥିରେ ପଶିବ ନାହିଁ। ମାତ୍ର ଆମେ କେବଳ ଏତିକି ଚାହୁଁ ଯେ ଉଭୟ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସବୁକିଛି ସମାଧାନ ହୋଇଯାଉ।



ଗତ ୧୧ ତାରିଖରେ ଉତ୍ତରାଖଣ୍ଡର ଋଷିକେଶରେ ଏକ ସାଧାରଣ ସଭାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ''ବିଜେପି ସରକାରର ୧୦ ବର୍ଷ ଶାସନ କାଳ ମଧ୍ୟରେ ଆତଙ୍କବାଦୀମାନଙ୍କୁ ସେମାନଙ୍କ ଘରେ ପଶି ନିପାତ କରିଛି।'' ଏହାବ୍ୟତୀତ ତାଙ୍କ ଶାସନକାଳ ମଧ୍ୟରେ ଆଉ ଯାହା ଉଲ୍ଲେଖନୀୟ କାର୍ଯ୍ୟ ହୋଇଛି ତାହାକୁ ମଧ୍ୟ ମନେ ପକାଇ ଦେଇଥିଲେ ମୋଦି।

ସେହିପରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଥିଲେ, ''ଯଦି ପଡୋଶୀ ଦେଶ ନିଜକୁ ଅସମର୍ଥ ମନେ କରେ ତେବେ ଆତଙ୍କବାଦକୁ ରୋକିବା ପାଇଁ ଭାରତ ସହଯୋଗ କରିବାକୁ ପ୍ରସ୍ତୁତ ଅଛି। ଆତଙ୍କବାଦ ବ୍ୟବହାର କରି ଭାରତକୁ ଅସ୍ଥିର କରିବାକୁ ଚେଷ୍ଟା କଲେ ପାକିସ୍ତାନକୁ ତାହାର ପରିଣାମ ଭୋଗିବାକୁ ପଡ଼ିବ।''

## ଭାରତର ଜନସଂଖ୍ୟା ୧୪୪ କୋଟି : ମିଳିତ ଜାତିସଂଘ

**ନୂଆଦିଲ୍ଲୀ, ୧୭/୦୪**

ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ ଭାରତର ଜନସଂଖ୍ୟା ୧୪୪ କୋଟିରେ ପହଞ୍ଚିଛି ଏବଂ ୨୪ ପ୍ରତିଶତ ୦-୧୪ ବର୍ଷ ବୟସ ବର୍ଗର ବୋଲି ଆକଳନ କରାଯାଇଛି।

ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫପିଏ)ର ଷ୍ଟେଟ୍ ଅଫ୍ ୱାର୍ଲ୍ଡ ପପୁଲେସନ୍- ୨୦୨୪ ରିପୋର୍ଟ 'ପରସ୍ପର ସହ ଜଡ଼ିତ ଜୀବନ, ଆଶାର ସୂତ୍ର: ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଓ ଅଧିକାରରେ ଅସମାନତା ଦୂର' ରିପୋର୍ଟରୁ ଜଣାପଡ଼ିଛି ଯେ ୭୭ ବର୍ଷ ମଧ୍ୟରେ ଭାରତର ଜନସଂଖ୍ୟା ଦୁଇଗୁଣ ହେବ ବୋଲି ଆକଳନ କରାଯାଇଛି।

୧୪୪.୧୭ କୋଟି ଜନସଂଖ୍ୟା ସହ ଭାରତ ବିଶ୍ୱସ୍ତରରେ ଶୀର୍ଷରେ ଥିବା ବେଳେ ଚୀନ୍ ୧୪୨.୫ କୋଟି ଜନସଂଖ୍ୟା ସହ ଦ୍ୱିତୀୟ ସ୍ଥାନରେ ରହିଛି। ଗତ ୨୦୧୧ ଜନଗଣନାରେ ଭାରତର ଜନସଂଖ୍ୟା ୧୨୧ କୋଟି ରେକର୍ଡ କରାଯାଇଥିଲା।

ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଭାରତର ଆନୁମାନିକ ୨୪ ପ୍ରତିଶତ ଲୋକ ୦-୧୪ ବର୍ଷ ବୟସର ହୋଇଥିବା ବେଳେ ୧୭ ପ୍ରତିଶତ ୧୦-୧୯ ବର୍ଷ ବୟସ ମଧ୍ୟରେ ଅଛନ୍ତି।

୧୦ରୁ ୨୪ ବର୍ଷ ବୟସର ଏହି ବର୍ଗରେ ୨୬ ପ୍ରତିଶତ ଥିବା ବେଳେ ୧୫ରୁ ୬୪ ବର୍ଷ ବୟସ ବର୍ଗର ସଂଖ୍ୟା ୬୮ ପ୍ରତିଶତ ବୋଲି ଆକଳନ କରାଯାଇଛି। ଏହାବ୍ୟତୀତ ଭାରତର *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଆଉ ୯ ଆସନରେ ପ୍ରାର୍ଥୀ ଘୋଷଣା କଲା ବିଜେଡ଼ି

**ଭୁବନେଶ୍ୱର, ୧୭/୦୪**
**ନ୍ୟୁଜ ବ୍ୟୁରୋ**

ବୁଧବାର ବିଜେଡି ପକ୍ଷରୁ ଆଉ ୯ ଜଣ ବିଧାୟକ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରାଯାଇଛି। ପଞ୍ଚମ ପର୍ଯ୍ୟାୟ ବିଧାନସଭା ତାଲିକାରେ ନବୀନ ପଟ୍ଟନାୟକଙ୍କ ସମେତ ପ୍ରଥମ ପର୍ଯ୍ୟାୟ ମତଦାନ ନିମନ୍ତେ ବାକି ଥିବା ଜୟପୁର, ଚିତ୍ରକୋଣ୍ଡା ଆସନ ପାଇଁ ବି ପ୍ରାର୍ଥୀ ଘୋଷଣା ହୋଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷଣା ଅନୁସାରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ସମ୍ବଲପୁରରୁ ଲଢ଼ିବାକୁ ଅନିଚ୍ଛା ପ୍ରକାଶ କରିବା ପରେ ତାଙ୍କୁ ରେଢାଖୋଲ ଓ ସେଠାରେ ପ୍ରାର୍ଥୀ ଥିବା ରୋହିତ ପୂଜାରୀଙ୍କୁ ସମ୍ବଲପୁର ଆସନରୁ ପ୍ରାର୍ଥୀ କରାଯାଇଛି।

ଏହା ସହିତ ବିଜେଡି ମୋଟ ୧୨୬ଟି ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିଛି। ଗତଥର ଭଳି ନବୀନଙ୍କୁ ପଶ୍ଚିମ ଓଡ଼ିଶାର କଣ୍ଟାବାଞ୍ଜିରୁ ବିଜେଡି ପ୍ରାର୍ଥୀ କରି ପଶ୍ଚିମ ଓଡ଼ିଶା ଭୋଟକୁ ହାତେଇବାକୁ ଲକ୍ଷ୍ୟ



ରଖିଛି। ନବୀନଙ୍କ ଘୋଷଣା ଅନୁସାରେ ଜୟପୁରରୁ ରବି ନନ୍ଦଙ୍କ ପତ୍ନୀ ଇନ୍ଦିରା ନନ୍ଦ, ଚିତ୍ରକୋଣ୍ଡାରୁ ଲକ୍ଷ୍ମୀପ୍ରିୟା ନାୟକ, ସାନଖେମୁଣ୍ଡିରୁ ରାଣୀ ନନ୍ଦିନୀ ଦେବୀଙ୍କ ଝିଅ ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ପଦ୍ମପୁରରୁ ବର୍ଷା ସିଂ ବରିହା, କୁଚିଣ୍ଡାରୁ ରାଜେନ୍ଦ୍ର ଛତ୍ରିଆ, ଦେବଗଡ଼ରୁ ଅରୁନ୍ଧତୀ କୁମାରୀ ଦେବୀ, ନିମାପଡ଼ାରୁ ଦିଲୀପ କୁମାର ନାୟକ ଓ ଅନୁଗୁଳରୁ ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ପତ୍ନୀ ସଙ୍ଗୀତା ସିଂଙ୍କୁ ଦଳ ପ୍ରାର୍ଥୀ କରିଛି।

ଉଲ୍ଲେଖଯୋଗ୍ୟ, ଅରୁନ୍ଧତି ଦେବୀ ଓ ଦିଲ୍ଲୀପ ନାୟକ ନିକଟରେ ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ସେହିପରି ରାଜେନ୍ଦ୍ର ଛତ୍ରିଆ ମଧ୍ୟ ଦଳ ଡେଇଁ ନିକଟରେ ବିଜେଡିରେ ସାମିଲ ହୋଇଥିଲେ। ଏହି ପ୍ରାର୍ଥୀମାନଙ୍କ ନାମ ଘୋଷଣା ସହ ବିଜେଡି ଏପର୍ଯ୍ୟନ୍ତ ୧୨୬ ଆସନରେ ମୋଟ ୨୮ ଜଣ ମହିଳାଙ୍କୁ ପ୍ରାର୍ଥୀ କରି ସାରିଲାଣି । ବରିଷ୍ଠ ବିଜେଡି *(ପୃଷ୍ଠା ୭ରେ)*

# ୧୮ ଓ ୧୯ ତାରିଖ ପାଇଁ 'ସିଭିୟର ହିଟ୍‌ୱେଭ' ଆଲର୍ଟ ଜାରି

**ଭୁବନେଶ୍ୱର, ୧୭/୦୪**
**ନ୍ୟୁଜ ବ୍ୟୁରୋ**

ସାରା ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହ। ୧୮ ଏବଂ ୧୯ ତାରିଖରେ 'ସିଭିୟର ହିଟୱେଭ' ପାଇଁ ସତର୍କତା ସୂଚନା ଜାରି କରିଛି ପାଣିପାଗ ବିଭାଗ । ଦୁଇ ଦିନ ପାଇଁ ମୟୂରଭଞ୍ଜ, ନୟାଗଡ଼, ଗଜପତି ଏବଂ ନୂଆପଡାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସ୍ୱାଭାବିକ ଠାରୁ ୫ରୁ ୭ ଡିଗ୍ରୀ ଉପରେ ରହିବ ତାପମାତ୍ରା ।

ଏପ୍ରିଲ ୧୮ ତାରିଖରେ ବାରିପଦାର ତାପମାତ୍ରା ୪୫ ଡିଗ୍ରୀ ହେବାର ଆକଳନ କରାଯାଇଥିବା ବେଳେ ଅନୁଗୁଳ, ବୌଦ୍ଧ, ବଲାଙ୍ଗୀର, ମାଲକାନଗିରିରେ ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇପାରେ। ନୂଆପଡ଼ା, ଝାରସୁଗୁଡ଼ା, ଭଦ୍ରକ, ଖୋର୍ଦ୍ଧା, ବାଲେଶ୍ୱର ଓ ନୟାଗଡ଼ରେ ୪୩ ଡିଗ୍ରୀ ପାରା ପହଞ୍ଚିପାରେ।

ସେହିପରି, ଏପ୍ରିଲ ୧୯ ତାରିଖରେ ଅନୁଗୁଳ, ବଲାଙ୍ଗୀର, ବୌଦ୍ଧ, ବାରିପଦା ଓ ମାଲକାନଗିରିରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ



ହେବାର ଆକଳନ କରାଯାଉଛି। ସମ୍ବଲପୁର, ନୂଆପଡ଼ା ଓ ଟିଟିଲାଗଡ଼ରେ ତାପମାତ୍ରା ୪୪ ଡିଗ୍ରୀ ପହଞ୍ଚିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଉଛି। ଏପ୍ରିଲ ୨୦ ଓ ୨୧ ତାରିଖ ଦିନ ମଧ୍ୟ ତାତିରୁ ନିସ୍ତାର ମିଳିବ ନାହିଁ। ଏହି ଦୁଇ ଦିନ ସମ୍ବଲପୁରରେ ପାରା ୪୪ ଡିଗ୍ରୀ ରହିପାରେ। ଏପ୍ରିଲ ୨୦ରେ ସମ୍ବଲପୁର, ସୋନପୁର ଓ ଟିଟିଲାଗଡ଼ରେ ତାପମାତ୍ରା ୪୪ ଡିଗ୍ରୀ ରହିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଅନୁରୂପ ଭାବେ ପଶ୍ଚିମଓଡିଶାର ଅଧିକାଂଶ ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଦିନର ତାପମାତ୍ରା ବୃଦ୍ଧି ପାଇଛି।

# ଆଜିଠୁ ୩ ଦିନ ଯାଏ ସବୁ ସ୍କୁଲ ଛୁଟି

**ଭୁବନେଶ୍ୱର, ୧୭/୦୪**
**ନ୍ୟୁଜ ବ୍ୟୁରୋ**

ଗୁରୁବାରଠୁ ରାଜ୍ୟରେ ବନ୍ଦ ରହିବ ସମସ୍ତ ସ୍କୁଲ । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗୁରୁବାରଠୁ ୩ ଦିନ ଯାଏଁ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଗୁରୁବାରଠୁ ଅର୍ଥାତ ଏପ୍ରିଲ ୧୮ରୁ ୨୦ ତାରିଖ ଯାଏ ସବୁ ସ୍କୁଲ ବନ୍ଦ ରହିବ।

ବର୍ତ୍ତମାନ ରାଜ୍ୟରେ ପ୍ରବଳ ଖରା ହେଉଛି। ସୋମବାର ରାଜ୍ୟର ୧୮ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରେକର୍ଡ କରାଯାଇଥିବା ବେଳେ ମଙ୍ଗଳବାର ୨୯ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରେକର୍ଡ ହୋଇଛି। ତେବେ ଗୁରୁବାର ପାରଦ ଆହୁରି ବଢିପାରେ କାରଣ



ବୁଧବାର ସକାଳୁ ପ୍ରବଳ ତାତି ଅନୁଭୂତ ହୋଇଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି, ବର୍ତ୍ତମାନ ରାଜ୍ୟ ମଧ୍ୟକୁ ଉତ୍ତର-ପଶ୍ଚିମ ତଥା ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ଆଗାମୀ ତିନି ଦିନ ମଧ୍ୟରେ ଦିନର ତାପମାତ୍ରା ଆହୁରି ୨ରୁ ୪ ଡିଗ୍ରୀ ଯାଏଁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଗ୍ରୀଷ୍ମ ପ୍ରବାହକୁ *(ପୃଷ୍ଠା ୭ରେ)*

# ୧୯ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ପାଇଁ ପ୍ରଚାର ଶେଷ

**ନୂଆଦିଲ୍ଲୀ, ୧୭/୪**

ଲୋକସଭା ନିର୍ବାଚନ ୨୦୨୪ର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଆସନ୍ତା ୧୯ ତାରିଖରେ ହେବ । ଏଥିପାଇଁ ପ୍ରଚାର ବୁଧବାର ସନ୍ଧ୍ୟାରେ ଶେଷ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟ (ଏପ୍ରିଲ ୧୯, ୨୦୨୪)ରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ମିଶାଇ ୨୧ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ମୋଟ ୧୦୨ଟି ଆସନରେ ମତଦାନ ହେବ। ଏହି ସମୟ ମଧ୍ୟରେ ଅରୁଣାଚଳ ପ୍ରଦେଶରେ ୨, ଆସାମରେ ୫, ବିହାରରେ ୪, ଛତିଶଗଡ଼ରେ ୧, ମଧ୍ୟପ୍ରଦେଶରେ ୬, ମହାରାଷ୍ଟ୍ରରେ ୫, ମଣିପୁରରେ ୨, ମେଘାଳୟରେ ୨, ମିଜୋରାମରେ ୧, ନାଗାଲାଣ୍ଡରେ ୧, ରାଜସ୍ଥାନରେ ୧୨, ସିକିମରେ ୧, ତାମିଲନାଡୁରେ ୩୯, ତ୍ରିପୁରାରେ ୧, ଉତ୍ତରପ୍ରଦେଶରେ ୮, ଉତ୍ତରାଖଣ୍ଡରେ ୫, ପଶ୍ଚିମବଙ୍ଗରେ ୩,



ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଗୋଟିଏ ଆସନ ରହିଛି। ଜମ୍ମୁ-କଶ୍ମୀରର ଗୋଟିଏ, ଲାକ୍ଷାଦ୍ୱୀପର ଗୋଟିଏ ଓ ପୁଡୁଚେରୀର ଗୋଟିଏ ଆସନରେ ମତଦାନ ହେବ।

ବୁଧବାର ସମସ୍ତ ପ୍ରମୁଖ ରାଜନୈତିକ ଦଳ ରାଲି-ରୋଡ୍ ସୋ ଓ ଜନସଭା ମାଧ୍ୟମରେ ପଡ଼ିଆରେ ପୂରା ଶକ୍ତି ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଆସାମର ନଲବାରୀରେ ପହଞ୍ଚି ଏକ ରାଲିରେ ଉଦବୋଧନ ଦେଇଥିଲେ । କଂଗ୍ରେସ ସାଂସଦ ରାହୁଲ ଗାନ୍ଧି *(ପୃଷ୍ଠା ୭ରେ)*

## ଇରାନ୍ ଉପରେ ଆକ୍ରମଣ ପାଇଁ ଜୋରଦାର ଯୋଜନା କରୁଛି ଇସ୍ରାଏଲ୍

**ନୂଆଦିଲ୍ଲୀ, ୧୭/୦୪**

ଚିନ୍ତା ବଢାଇ ଦେଇଛି ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ । ଦୀର୍ଘ ଦିନ ହେବ ଋଷ-ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଥଣ୍ଡା ପଡିନଥିବା ବେଳେ ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ବିଶ୍ୱର ଚିନ୍ତା ବଢାଇଦେଇଛି । ଇସ୍ରାଏଲ ଉପରେ ଇରାନର ଆକ୍ରମଣ ପରେ ଇସ୍ରାଏଲର ନଜର ଏବେ ଇରାନର ପରମାଣୁ ଠିକଣା ଉପରେ ରହିଛି। ମିଳିଥିବା ସୂଚନା ଆଧାରରେ, ଇସ୍ରାଏଲର ପ୍ରଧାନମନ୍ତ୍ରୀ ଏକ ବୈଠକ ଡକାଇଥିଲେ । ଏହି ବୈଠକରେ ଇରାନ୍ ଉପରେ ଜୋରଦାର ଆକ୍ରମଣ ପାଇଁ ଯୋଜନା କରାଯାଇଥିବା ଜଣାପଡିଛି । ସୂଚନା ଆଧାରରେ ଇସ୍ରାଏଲ୍ ଇରାନର ପରମାଣୁ ଠିକଣା ଉପରେ ଆକ୍ରମଣ କରିପାରେ। ଇରାନ ପାଖରେ କେ.ଏଚ୍-୫୫ ଭଳି କ୍ରୁଜ୍ ମିଜାଇଲ୍ *(ପୃଷ୍ଠା ୭ରେ)*

# ଲୋକସଭା ନିର୍ବାଚନ ଲଢୁଥିବା ଭାଗ୍ୟବାନ ପ୍ରାର୍ଥୀମାନେ ...

**ଭୁବନେଶ୍ୱର, ୧୭।୪**
**ନ୍ୟୁଜ୍ ବ୍ୟୁରୋ**

ନିର୍ବାଚନ ଲଢିବା ଲାଗି ଦଳୀୟ ଟିକେଟ୍ ପାଇ ପ୍ରାର୍ଥୀହେବା ନିଶ୍ଚିତ ଭାବେ ଅତ୍ୟନ୍ତ ଭାଗ୍ୟର କଥା। ନିର୍ଦ୍ଧାରିତ ମାପକାଠି ଅନୁସାରେ ଯେଉଁମାନଙ୍କର ଏଥିପାଇଁ ଦକ୍ଷତା ବା ଯୋଗ୍ୟତା ରହିଛି ସେମାନଙ୍କୁ ପ୍ରାର୍ଥୀ କରାଯିବା ଭିନ୍ନ କଥା, ହେଲେ ଏ କ୍ଷେତ୍ରରେ ଦଳର ସର୍ବୋଚ୍ଚକର୍ତ୍ତା ବା ସଭାପତିଙ୍କ ଆଶୀର୍ବାଦ ପାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଅନ୍ୟଅର୍ଥରେ କହିବାକୁ ଗଲେ ଦଳର ସଭାପତିଙ୍କ ପ୍ରତି ଆନୁଗତ୍ୟ ପ୍ରକଟ ଓ ବିଶ୍ୱାସଭାଜନ ନହେଲେ ନିର୍ବାଚନରେ ପ୍ରାର୍ଥୀହେବା ଆଦୌ ସମ୍ଭବ ନୁହେଁ। ଭାଗ୍ୟ ସାଥ୍ ନଦେଲେ କେହିବି ଏହି ପର୍ଯ୍ୟାୟରେ ପହଞ୍ଚି ପାରନ୍ତି ନାହିଁ। ଏହି ରେସ୍ (ପ୍ରାର୍ଥୀ ହେବା ଦୌଡ)ରେ ଭାଗ ନେଇ ହେଉ କି ନ ନେଇ ହେଉ ଯେଉଁମାନେ ଏବେ ଆଗାମୀ ନିର୍ବାଚନ ଲଢିବାକୁ ଦଳୀୟ ଟିକେଟ୍ ପାଇ ପ୍ରାର୍ଥୀ ହେବାକୁ ସକ୍ଷମ ହୋଇପାରିଛନ୍ତି ସେମାନେ ସମସ୍ତେ ନିଶ୍ଚିତ ଭାବେ ଭାଗ୍ୟବାନ। ନିର୍ବାଚନ ଲଢିବାକୁ ସଭାପତିଙ୍କ ଦ୍ୱାରା ପ୍ରାର୍ଥୀ ଘୋଷଣା ପରେ ଏବେ ସେମାନେ ଗର୍ବର ସହ ଆଗକୁ ମାଡିଯିବାର ପ୍ରୟାସ ଆରମ୍ଭ କରିଛନ୍ତି।

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଏବେ ସବୁଦଳ ତା'ର ପ୍ରାର୍ଥୀ ତାଲିକା ଘୋଷଣା ଅବ୍ୟାହତ ରଖିଥିବା ବେଳେ ଯେଉଁମାନଙ୍କର ନାମ ଘୋଷଣା ହୋଇ ସାରିଛି ସେମାନେ ପ୍ରଚାରରେ ମାତିଗଲେଣି। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀ ଗୁଡିକରେ ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା ମଧ୍ୟ ଆରମ୍ଭ ହେଲାଣି। କେଉଁ ଦଳର କେଉଁ ପ୍ରାର୍ଥୀଙ୍କର ଜିତିବା ହାରିବା ସମ୍ଭାବନା ରହିଛି ତା'ଉପରେ ସମୀକ୍ଷକମାନଙ୍କ ଦ୍ୱାରା ବିଶ୍ଳେଷଣ ମଧ୍ୟ ଚାଲିଲାଣି। ତେବେ ବର୍ତ୍ତମାନ କେବଳ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ଭାଗ୍ୟବାନ୍ ପ୍ରାର୍ଥୀମାନଙ୍କ ସମ୍ପର୍କରେ ବେଶୀ ଆଲୋଚନା ହେଲାଣି। ଏହି କ୍ରମରେ ଆଗାମୀ ଲୋକସଭା ନିର୍ବାଚନ ପାଇଁ ବିଜେଡିରୁ ଯେଉଁମାନେ ପ୍ରାର୍ଥୀ ହୋଇଛନ୍ତି ସେମାନଙ୍କ ସମ୍ପର୍କରେ ବେଶୀ ଆଲୋଚନା ହେଉଛି। ବିଶେଷ କରି ଭୁବନେଶ୍ୱର, ବ୍ରହ୍ମପୁର, କଟକ, ଆସ୍କା, ବଲାଙ୍ଗୀର, ବାଲେଶ୍ୱର, ଢେଙ୍କାନାଳ ଓ ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀରୁ ଲଢୁଥିବା ପ୍ରାର୍ଥୀ ଯଥାକ୍ରମେ ମନ୍ମଥ ରାଉତରାୟ, ଭୃଗୁ ବକ୍ସିପାତ୍ର, ସଂତୃପ୍ତ ମିଶ୍ର, ରଞ୍ଜିତା ସାହୁ, ସୁରେନ୍ଦ୍ର ସିଂ ଭୋଇ, ଲେଖାଶ୍ରୀ ସାମନ୍ତସିଂହାର, ଅବିନାଶ ସାମଲ, ପ୍ରଣବ ପ୍ରକାଶ ଦାସଙ୍କ ସମ୍ପର୍କରେ ସମଗ୍ର ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ଯୋର ଧରିଛି। ଏହି ପ୍ରାର୍ଥୀମାନଙ୍କୁ ସାଧାରଣରେ ଭାଗ୍ୟବାନ ବୋଲି ବିବେଚନା କରାଯାଉଛି। ଏମାନଙ୍କ ମଧ୍ୟରେ ଭୁବନେଶ୍ୱର, ବଲାଙ୍ଗୀର, ବାଲେଶ୍ୱର, ବ୍ରହ୍ମପୁର ଆସନରେ ଲଢୁଥିବା ପ୍ରାର୍ଥୀମାନେ ଅନ୍ୟଦଳରୁ ଆସି ବିଜେଡିର ପ୍ରାର୍ଥୀ ହୋଇଛନ୍ତି। ହେଲେ ସମ୍ବଲପୁରରେ ପ୍ରାର୍ଥୀ ହୋଇଥିବା ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶଙ୍କୁ ଦଳ ତାଙ୍କର ଦକ୍ଷତା ପାଇଁ ସେଠାରେ ପ୍ରାର୍ଥୀ କରିଛି। ଏହାକୁ ମଧ୍ୟ ସମୀକ୍ଷକ ମାନେ ଭାଗ୍ୟର କଥା ବୋଲି ବିବେଚନା କରିଛନ୍ତି।

ଏଥର ବିଜେପିରୁ ମଧ୍ୟ ଲୋକସଭା ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରେ ଅନେକ ଭାଗ୍ୟବାନ ରହିଛନ୍ତି। ସେମାନଙ୍କ ମଧ୍ୟରେ ଅପରାଜିତା ଷଡଙ୍ଗୀ କ୍ରମାଗତ ଦ୍ୱିତୀୟ ଥର ପାଇଁ ଭୁବନେଶ୍ୱର ଲୋକସଭା ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବଲପୁର ଲୋକସଭା ଆସନରେ ପ୍ରାର୍ଥୀ କରାଯାଇଛି। ସେହିପରି ଦ୍ୱିତୀୟ ଥର ପାଇଁ ପୁରୀ ଲୋକସଭା ଆସନରୁ ଜାତୀୟ ମୁଖପାତ୍ର ସମ୍ବିତ ପାତ୍ରଙ୍କୁ ଏବଂ ବାଲେଶ୍ୱର ଲୋକସଭା ଆସନରେ ପ୍ରତାପ ଷଡଙ୍ଗୀଙ୍କୁ ଦଳ ପ୍ରାର୍ଥୀ କରିଛି। *(ପୃଷ୍ଠା ୭ରେ)*

# ଗରିବଙ୍କ ପାଇଁ ୩୦ ନିୟୁତ ନୂଆ ଘର

## ଲୋକଙ୍କୁ ବଡ ଗ୍ୟାରେଣ୍ଟି ଦେଲେ ପ୍ରଧାନମନ୍ତ୍ରୀ ମୋଦି



**ନୂଆଦିଲ୍ଲୀ, ୧୭/୦୪**

ତ୍ରିପୁରାର ଅଗରତାଲାରେ ଏକ ନିର୍ବାଚନୀ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ବଡ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ଦେଶରେ ଗରିବଙ୍କ ପାଇଁ ୩ କୋଟି ନୂଆ ଘର ନିର୍ମାଣ କରିବାକୁ ଯାଉଛନ୍ତି । ଏହା ଦ୍ୱାରା ତ୍ରିପୁରାବାସୀ ବି ବହୁତ ଉପକୃତ ହେବେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ସେ ଉତ୍ତର-ପୂର୍ବାଞ୍ଚଳରେ ଯୋଗାଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି ସମୟରେ ପ୍ରଧାନମନ୍ତ୍ରୀ ଅଯୋଧ୍ୟାରେ ରାମ ମନ୍ଦିର ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଦୀର୍ଘ ୫୦୦ ବର୍ଷର ପ୍ରତୀକ୍ଷା ପରେ ଶେଷରେ ରାମଲାଲା ତମ୍ବୁ ପରିବର୍ତ୍ତେ ଭବ୍ୟ ମନ୍ଦିରରେ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଜନସାଧାରଣଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ମୋଦିଙ୍କ ଗ୍ୟାରେଣ୍ଟି ସମଗ୍ର ଦେଶରେ ଚାଲିଛି। ମୋଦିଙ୍କ ଗ୍ୟାରେଣ୍ଟିର ସାକ୍ଷୀ ହେଉଛି ଉତ୍ତର-ପୂର୍ବ । ଯେଉଁ ଉତ୍ତର-ପୂର୍ବାଞ୍ଚଳକୁ କଂଗ୍ରେସ କେବଳ ସମସ୍ୟା ଦେଇଥିଲା, ବିଜେପି ସେହି ଉତ୍ତର-ପୂର୍ବକୁ ସମ୍ଭାବନାର ଉତ୍ସ କରିଛି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ଅପ୍ରେଲ ୨୦୨୪ ଗୁରୁବାର







**କେନ୍ଦୁଝର:** ବନ୍ୟଜନ୍ତୁ ଶିକାର ଅଭିଯୋଗରେ ଜଣେ ଗିରଫ



ଭିଣୋଇର ପନିକି ଚୋଟରେ ଶାଳକ ଗୁରୁତର



ଓଲଟିପଡ଼ିଛି ତୁଳା ବୋଝେଇ ଟ୍ରକ୍



ଛାତ୍ରୀ ନିବାସରେ ଜଳ ସଙ୍କଟ



ଚୋରା କାଠ ବ୍ୟବସାୟୀଙ୍କ ଜାମିନ ନାମଞ୍ଜୁର **(ଫଟୋ: ସୁରଜିତ ନ୍ୟୁଜ୍)**

# 'ଉତ୍କଳୀୟ ଓ ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱକୁ ନୂତନ ଦିଶା ଦେଖାଇଛି'

**କଟକ, ନ୍ୟୁଜ୍ ବ୍ୟୁରୋ**

ସାରସ୍ୱତ ଅନୁଷ୍ଠାନ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ଓ ମହାବିଷୁବ ସଂକ୍ରାନ୍ତି ଉତ୍ସବ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ପାଳିତ ହୋଇଯାଇଛି । ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଆଇନଜୀବୀ ପତିତପାବନ ମହାପାତ୍ର, ସମ୍ମାନୀୟ ଅତିଥି ଭାବେ ଉତ୍କଳ ଗ୍ରାମ ସ୍ୱରାଜ୍ୟର ସଭାପତି ବ୍ରହ୍ମାନନ୍ଦ ମହାନ୍ତି ଯୋଗଦେଇ ଉତ୍କଳୀୟ ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତି ସାରା ପୃଥିବୀକୁ ନୂତନ ଦିଶା ଦେଖାଉଛି ବୋଲି କହିଥିଲେ । କବି ରାଜୀବ କୁମାର ଷଡଙ୍ଗୀଙ୍କ ସଂଯୋଜନାରେ କବି ବସନ୍ତ କୁମାର ସାହୁ, ସଚ୍ଚିଦାନନ୍ଦ କର, ସୁରେନ୍ଦ୍ର ଜେନା, ବିନୋଦିନୀ ମିଶ୍ର, ଭୀମସେନ ସାହୁ, ଅନୁସୟା ପ୍ରଧାନ, ଶୁଭସ୍ମିତା ସାହୁ, ନିରୁପମା ସାହୁ, ପ୍ରଭାକର ଦାସ, କ୍ଷୀରୋଦ କୁମାର ଜେନା, ସୁରେନ୍ଦ୍ର ମହାପାତ୍ର, ସଂଯୁକ୍ତା ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପ୍ରାରମ୍ଭରେ ମହେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ମନୋରଞ୍ଜନ ପଣ୍ଡା ଅତିଥି ପରିଚୟ ଓ କବିତା ସମୀକ୍ଷା କରିଥିଲେ । କବି ଆଦିତ୍ୟ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଗ୍ରେସ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟି ତରଫରୁ ଭାରତରତ୍ନ ଡ଼ଃ ବି.ଆର ଆମ୍ବେଦକରଙ୍କର ଜୟନ୍ତୀ ପାଳନ କରାଯାଇଛି । ମୁଖପାତ୍ର ପ୍ରଫୁଲ୍ଲ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଚିନ୍ମୟୀ ବେହୁରା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ଫକିର ଖଟୁଆ, ସିପିଏମ ନେତା ଗୟାଧର ଧଳ, ସୟଦ ଅବଦୁଲ ସତାର, ଧନେଶ୍ୱର ରାଉତ, ସନ୍ତୋଷ ବେହେରା, ହଳଧର ସେଠୀ ପ୍ରମୁଖ ଉପସ୍ଥିତ ରହି ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରିବା ସହିତ ତାଙ୍କର ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଆମ୍ବେଦକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଠାରେ ସମ୍ବିଧାନ ପ୍ରଣେତା, ଭାରତରତ୍ନ ଡ଼ଃ ବି.ଆର. ଆମ୍ବେଦକରଙ୍କର ୧୩୩ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ସଦ୍‌ଭାବନା ସଭାଗୃହ ଠାରେ ଆୟୋଜିତ ସଭାରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ଭାରତୀୟ ସମ୍ବିଧାନର ପ୍ରଣେତା, ଦଳିତ ବିକାଶ ନିମନ୍ତେ ନିଜର ଅସୀମ ତ୍ୟାଗ ଓ ସଂଘର୍ଷ ଦ୍ୱାରା ପରିବର୍ତ୍ତନର ସ୍ୱର ଆଣିଥିବା ମହାନ୍ ଜନନାୟକ, ଭାରତରତ୍ନ ଡ଼ଃ ବିଆର ଆମ୍ବେଦକରଙ୍କ ଉଦ୍ଦେଶ୍ୟରେ ନିଜର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ମହନୀୟତାର ଉଦାହରଣ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଜୀବନରେ କର୍ମ ତତ୍ପର ହେବା ପାଇଁ ଉପଦେଶ ଦେଇଥିଲେ । ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ପ୍ରଣୟନ ନିମନ୍ତେ ଡଃ ଆମ୍ବେଦକରଙ୍କର ନିଷ୍ଠା ଓ ବଳିଷ୍ଠ ନେତୃତ୍ୱର ସ୍ମୃତି ଚାରଣ କରିଥିଲେ । ନିଜର ବ୍ୟକ୍ତିଗତ ଜୀବନର ତିକ୍ତ ଅନୁଭୂତିକୁ ପାଥେୟ କରି ସାମୁହିକ ପରିବର୍ତ୍ତନ ଆଣିବା ପାଇଁ ତାଙ୍କର ସଂଗ୍ରାମକୁ ମନେପକାଇ ଦେଇଥିଲେ । ଜଗତସିଂହପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ସୀମାରାଣୀ ଜେନା ମଧ୍ୟ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଆଗାମୀ ପିଢିର ସୂତ୍ରଧର ଭାବେ ସମ୍ବୋଧିତ କରି ଆମ୍ବେଦକରଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପ୍ରେରଣା ଦେଇଥିଲେ । ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପକେନ୍ଦ୍ର ଜଗମୋହନ ପତି ଆମ୍ବେଦକରଙ୍କ ଜୀବନର ତ୍ୟାଗ ଓ ଦଳିତ ବିକାଶୋନ୍ମୁଖୀ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ । ସଭାର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ସହ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ବି ଆର୍ ଆମ୍ବେଦକର ଓ ଅନ୍ୟ ମହାନ୍ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲା ସ୍ତରୀୟ ଆମ୍ବେଦକର ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏହି ସଭାରେ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ରମ୍ଭା ଘୁମସୁରିଆ ସାହି ଯୁବ କଲ୍ୟାଣ ସଂଘ ତରଫରୁ ଡ଼ଃ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଘୁମସୁରିଆ ସାହି ଯୁବକଲ୍ୟାଣ ସଂଘ ତରଫରୁ ଡ଼ଃ ଭୀମରାଓ ଆମ୍ବେଦକରଙ୍କ ୧୩୩ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ସମସ୍ତଙ୍କ ଉପସ୍ଥିତିରେ ବାବା ସାହେବଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ, ଦୀପ ପ୍ରଜ୍ଜ୍ୱଳନ ଏବଂ ବାବା ସାହେବ ଅମର ରହେ ସ୍ଲୋଗାନ ଦେଇ ଭାରତର ସମ୍ବିଧାନ ପ୍ରଣୟତା ଡ଼ଃ ଭୀମରାଓ ରାମଜୀ ଆମ୍ବେଦକରଙ୍କୁ ମନେ ପକାଇଥିଲେ । ତାପରେ ରମ୍ଭା ପିଡବ୍ଲୁଡ଼ି ପାର୍ଶ୍ୱ ଯୁବକଲ୍ୟାଣ ସଂଘ ଠାରୁ ପାତ୍ରନିବାସ ପର୍ଯ୍ୟନ୍ତ ରମ୍ଭା ସହରରେ ବାବାଙ୍କ ଫଟୋ ବ୍ୟାନର ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଏକ ରାଲି କରି ସହର ପରିକ୍ରମା କରିଥିଲେ । ଏଥିରେ ସମାଜସେବୀ ଭୀମସେନ ବେହେରା, ଆଡ଼ଭୋକେଟ ସୁମା ଦାସ ପ୍ରତିନିଧିତ୍ୱ କରିଥିବା ବେଳେ ବାପି ଜେନା, ଆଡ଼ଭୋକେଟ ରାଜେନ୍ଦ୍ର ବେହେରା, ମହାଦେବ ମଲ୍ଲିକ, ଆଡ଼ଭୋକେଟ ସନ୍ତୋଷ ନାୟକ ସହଯୋଗ କାରିଥିଲେ ।

# ସର୍ପେଶ୍ୱର ପୀଠରେ ସପ୍ତବିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ପଞ୍ଚାୟତ ସଫିପୁର ଗ୍ରାମରେ ଶ୍ରୀ ଶ୍ରୀ ସର୍ପେଶ୍ୱର ମହାଦେବଙ୍କ ପୀଠସ୍ଥଳୀରେ ୩ ଦିନ ବ୍ୟାପି ସପ୍ତବିଂଶତମ ବାର୍ଷିକ ରୁଦ୍ର ମହାଯଜ୍ଞ ଓ ଅଖଣ୍ଡ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି । ପ୍ରଭାତରୁ ମହାପ୍ରଭୁ ସର୍ପେଶ୍ୱରଙ୍କ ଯଥାବିଧି ପୂଜାର୍ଚ୍ଚନା ପରେ ସୁବେଧି ବ୍ରାହ୍ମଣଙ୍କ ଦ୍ୱରା ଅଙ୍କୁରାରୋପଣ କାର୍ଯ୍ୟ ସମାପନ ହୋଇଛି । ଏହି ଅବସରରେ ସନ୍ଧ୍ୟାରେ କୁନି ପ୍ରବଚକ କେଶବ ଦାସ ଦ୍ୱିତୀକୃଷ୍ଣ, ସନ୍ଥ ମଙ୍ଗଳଦାସଜୀ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ବିଜୟ କୁମାର ସ୍ୱାଇଁ, ସମ୍ପାଦକ ବିଚିତ୍ରାନନ୍ଦ ସ୍ୱାଇଁ, ଅକ୍ଷୟକୁମାର ସାହୁ, ସୁଧିରକୁମାର ସ୍ୱାଇଁ, ବଂଶୀଧର ଦାସ, ମହେନ୍ଦ୍ରନାଥ ସ୍ୱାଇଁ, କ୍ଷୀରୋଦ କୁମାର ସେଠୀ ଓ ନୀଳମାଧବ ସ୍ୱାଇଁ ପ୍ରମୁଖ ସଂଯୋଜନା କରିଥିଲେ । ପ୍ରତ୍ୟହ ପ୍ରଭାତରୁ ସୂର୍ଯ୍ୟପୂଜା, ଗୋପୂଜା, ଗୁରୁମଣ୍ଡଳ ପୂଜା ସମେତ ପାର୍ଶ୍ୱ ଦେବାଦେବୀ ଓ ଯଜ୍ଞନାରାୟଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା ।

# ବିଜେପି ତରଫରୁ ଆମ୍ବେଦକରଙ୍କର ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ତରଫରୁ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଉପାଧକ୍ଷ ତଥା ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ସମ୍ବିଧାନ ପ୍ରଣେତା ତଥା ଭାରତରତ୍ନ ଡ଼ଃ ବି.ଆର ଆମ୍ବେଦକରଙ୍କର ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଛାୟତ, ଡ଼ଃ କଳ୍ପନା ମଲିକ, ମହମ୍ମଦ ସଲିମ ଖାନ, ଉପୀନ କୁମାର ରାଉତ, ସୁନାକର ବେହେରା, ନେହେରୁ କୁମାର ସାହୁ, ଐଶ୍ୱର୍ଯ୍ୟା ବିଶ୍ୱାଳ, ପ୍ରିୟଦର୍ଶିନୀ ନନ୍ଦ, ଝିଲ୍ଲୀ ଦାଶ, ଅନୁପ କୁମାର ପରିଡା, ବିଜୟ ସେଠୀ ପ୍ରମୁଖ ଉପସ୍ଥିତ ରହି ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରିଥିଲେ ।

# ବଜରଙ୍ଗ ଦଳ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ପଣା ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ତଥା ହନୁମାନ ଜୟନ୍ତୀ ପାଳନ ଅବସରରେ ବୌଦ୍ଧଜିଲ୍ଲା ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳ ସାଢେ ୮ଟାରେ ଧ୍ୱଜା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବଜରଙ୍ଗ ଦଳର ଏକ ବିଶାଳ ବାଇକ୍ ଶୋଭାଯାତ୍ରା ସ୍ଥାନୀୟ ମାତଙ୍ଗେଶ୍ୱର ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା । ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ସିବ କୁମାର ସାହୁ ଓ ସହ-ସଂଯୋଜକ ଚକିତ କୁମାର ଭଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଜରଙ୍ଗ ଦଳର ଆକାଶ କୁମାର ମେହେର, କୁନ୍ଦନ ଅଗ୍ରୱାଲା, ମିଥୁନଙ୍କ ସମେତ ଶତାଧିକ ବଜରଙ୍ଗୀ ଭାଇମାନେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ବୌଦ୍ଧ ଜିଲ୍ଲା ସଭାପତି ଶମ୍ଭୁ ପ୍ରସାଦ ମିଶ୍ର, ସମ୍ପାଦକ ପ୍ରେମାନନ୍ଦ ମିଶ୍ର, ବୀରେନ୍ଦ୍ର କୁମାର ସାହୁଙ୍କ ସମେତ ବହୁସଂଖ୍ୟାରେ କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସମସ୍ତେ ଗେରୁଆ ପୋଷାକ ପରିଧାନ କରିଥିବାବେଳେ ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଉଠିଥିଲା । ସହରସାରା ଗେରୁଆ ବାନାରେ ଆଚ୍ଛାଦିତ ହୋଇଥିବାରୁ ଗେରୁଆମୟ ହୋଇଉଠିଥିଲା । ଏହି ଅବସରରେ ବୌଦ୍ଧ ମହାନଦୀ ମଧ୍ୟରେ ଥିବା ଶ୍ରୀହନୁମାନଜୀଙ୍କ ମନ୍ଦିର ନିକଟରେ ହନୁମାନ ଜୟନ୍ତୀ ଅବସରରେ ବିଶ୍ୱ ଶାନ୍ତି ହୋମଯଜ୍ଞ ସହ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା । ଚାଳିଶା ପାଠ ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା । ସନ୍ଧ୍ୟାରେ ସମସ୍ତ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

# ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା ଦିବସ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ମାଇନିଙ୍ଗ ରୋଡ଼ ସ୍ଥିତ ମାତୃନିଳୟ ପ୍ରାଙ୍ଗଣରେ ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାଂଶର ୪୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଶନିବାର ପ୍ରାତଃ ଅଧିବେଶନରେ ସମାଧି ନିକଟରେ ନିରବ ଧ୍ୟାନ, ବନ୍ଦେ ମାତରଂ ମା'ଙ୍କ ନିରବ କକ୍ଷ ପରିଦର୍ଶନ ଆଦି କାର୍ଯ୍ୟକ୍ରମରେ ବିଭିନ୍ନ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଅପରାହ୍ନରେ ଧ୍ୟାନ ଓ ପ୍ରାର୍ଥନା ପରେ ଅଜୟ କୁମାର ପଲେଇ ଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ । ଡାକ୍ତର ବିରଞ୍ଚି ନାରାୟଣ ମହାପାତ୍ର 'ପୂର୍ଣ୍ଣ ଯୋଗ ସାଧନା କଣ ଓ ଏହାର ସରଳ' ବିଷୟରେ ଅବଗତ କରିଥିଲେ । ସେହିପରି ସାନ୍ଧ୍ୟ ଅଧିବେଶନରେ ଧ୍ୟାନ ଓ ପ୍ରାର୍ଥନା ପରେ ଡାକ୍ତର ବିରଞ୍ଚି ନାରାୟଣ ମହାପାତ୍ର 'ପୂର୍ଣ୍ଣ ଯୋଗ ମାଧ୍ୟମରେ ଜୀବନ ବଞ୍ଚିବାର ସର୍ବୋତ୍ତମ ଉପାୟ' ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀକାନ୍ତ ସାହୁ, ଦାଶରଥି ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ । ଗଜେନ୍ଦ୍ର ଦାସ, ଶିବ ପ୍ରସାଦ ଶତପଥି, ଦୋଳ ଗୋବିନ୍ଦ ମହାରଣା, ରାଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ପରିଚାଳନା ଓ ସହଯୋଗ କରିଥିଲେ ।

# ମଙ୍ଗଳା କମିଟି ତରଫରୁ ଝାମୁ ଯାତ୍ରା



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୋିରାଞ୍ଚଳ ଅନ୍ତର୍ଗତ ଭାସ୍କର ଟକିଜ ସାମ୍ନା ଚଉଁରୀ ବରହ୍ମପୁର ମା' ମଙ୍ଗଳା କମିଟି ତରଫରୁ ଝାମୁ ଯାତ୍ରାର ଆୟୋଜନ କରାଯାଇଥିଲା । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି ଝାମୁ ଯାତ୍ରାରେ ଉକ୍ତ ଗ୍ରାମର ଯୁବକ ମାନେ ଅଂଶ ଗ୍ରହଣ କରିଥିଲେ । ଏହି ଝାମୁ ଯାତ୍ରା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଶହ ଶହ ଗ୍ରାମବାସୀ ଉପସ୍ଥିତ ଥିଲେ । କିଶୁ ଜେନା, ବିବେକ ନାୟକ, ସାହୁ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଧର୍ମପରାୟଣା ମହିଳାଙ୍କ ସ୍ମୃତିଚାରଣ ସଭା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମର ବିଶିଷ୍ଟ ଧର୍ମପରାୟଣା ମହିଳା ସ୍ୱର୍ଗୀୟା ହେମଲତା ରାଉତଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିଚାରଣ ସଭାରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବିଜେଡି ଯୁବନେତା କାଦଲ ରାଉତ, ପ୍ରତାପ ଚନ୍ଦ୍ର ରାଉତ, ରାମକୃଷ୍ଣପୁର ପୂର୍ବତନ ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ କୁମାର ନାୟକ, ଆଦିତ୍ୟ କୁମାର ଭୂୟାଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସ୍ୱର୍ଗୀୟା ରାଉତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରାଜକୁମାର ରାଉତ ସଂଯୋଜନା କରିଥିବା ବେଳେ ଶେଷରେ ଯୁବ ଶିଳ୍ପଦ୍ୟୋଗୀ ଅଜୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡ଼ିରେ ମିଶିଲେ ଶତାଧିକ ବିଜେପି କର୍ମୀ

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**



ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସରବାହାଲ ସୁନାରିମୁଣ୍ଡା ସ୍ଥିତ ଉତ୍କଳ କଣ୍ଟିନେଣ୍ଟାଲ ହୋଟେଲ ଠାରେ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା । ଏହି ମିଶ୍ରଣ ପର୍ବକୁ ବିଶିଷ୍ଟ ନେତା ତାପସ ରାୟ ଚୌଧୁରୀ ପରିଚାଳନା କରିଥିବାବେଳେ ମୁଖ୍ୟଅତିଥି ଭାବରେ ବିଧାୟିକା ପ୍ରାର୍ଥୀ ସୁଶ୍ରୀ ଦିପାଳୀ ଦାସ ଓ ଜିଲ୍ଲା ସଭାପତି ରବି ସିଂ, ପୌର ପରିଷଦ ଅଧକ୍ଷା ରାନୀ ହାତୀ, ଉପାଧକ୍ଷ ବେନୁଗୋପାଲ ପାଣିଗ୍ରାହୀ, ହରିଶ ଗଣତ୍ରା, ପିଣ୍ଟୁ ପାଢି, ପି ରାମ ମୋହନ ରାଓ, ସୂର୍ଯ୍ୟକାନ୍ତି ମହାପାତ୍ର, ନାଗେଶ୍ୱରୀ, ଜୟପ୍ରକାଶ କୁଅାଁର, ତୁଳସୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଛବି ଓ ଶାସନ ତଥା ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ଝାରସୁଗୁଡ଼ା ଜିଲ୍ଲା ନୂତନ ନିର୍ମାଣ ଓ ବର୍ତ୍ତମାନ ବିଧାୟିକା ସୁଶ୍ରୀ ଦିପାଳୀ ଦାସଙ୍କ ୮ ମାସର ଉନ୍ନତି ମୂଳକ କାର୍ଯ୍ୟରୁ ପ୍ରେରିତ ହୋଇ ଶହ ଶହ ସଂଖ୍ୟାରେ ବିଜେପି କର୍ମୀ ଭାରତୀୟ ଜନତା ପାର୍ଟିକୁ ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ସାମିଲ ହୋଇଥିବା କର୍ମୀମାନଙ୍କ ମଧ୍ୟରେ ପୌରାଞ୍ଚଳର ସଶକ୍ତ ନେତ୍ରୀ ରୁବୀନା ଖାନ ଗତ ସମୟରେ କୌଣସି କାରଣରୁ ବିଜେଡି ଛାଡି ବିଜେପି ଦଳରେ ସାମିଲ ହୋଇଥିଲେ । କିନ୍ତୁ ବିଜେପି ନେତୃବୃନ୍ଦଙ୍କ କାର୍ଯ୍ୟ କଳାପ ଠିକ୍ ନଥିବା ଯୋଗୁ ସୁଶ୍ରୀ ଦିପାଳୀ ଦାସଙ୍କ ନେତୃତ୍ୱକୁ ବିଶ୍ୱାସ ରଖି ବିଜେଡି ନିଜ ଘର ସ୍ୱରୂପ ଦଳକୁ ଫେରି ଆସିଛନ୍ତି । ସେ ତାଙ୍କ ସାଥିରେ ୫୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀଙ୍କୁ ଆଣି ବିଜେଡିରେ ସାମିଲ କରିଛନ୍ତି । ଏହି ମିଶ୍ରଣ ପର୍ବରେ ୱାର୍ଡ ନମ୍ବର ୫, ୬, ୭ ଏବଂ ୮ ନମ୍ବର ୱାର୍ଡର ରୁବିନା ଖାଁ ଓ ରବି ରଞ୍ଜନ ରାୟଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେପି ଓ କଂଗ୍ରେସ ଦଳ ଛାଡି ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି । ଏହି ମିଶ୍ରଣ ପର୍ବରେ ଝାରସୁଗୁଡ଼ା ବିଧାନସଭାରେ ବିକାଶର ଜୟ ହେବ ଏବଂ ଏହି ନିର୍ବାଚନରେ ବିଜୁ ଜନତା ଦଳ ବିଜେପିକୁ ରେକର୍ଡ ମାର୍ଜିନ ଭୋଟ୍‌ରେ ପରାଜୟ କରି ସମଗ୍ର ରାଜ୍ୟରେ ନୂତନ ଇତିହାସ ସୃଷ୍ଟି କରିବ ବୋଲି ବିଧାୟିକା ସୁଶ୍ରୀ ଦିପାଳୀ ଦାସ କହି ସମସ୍ତଙ୍କୁ ନିଜ ଦଳକୁ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବରେ ବିଧାୟିକା ପ୍ରାର୍ଥୀ ସୁଶ୍ରୀ ଦିପାଳୀ ଦାସ ବିରୋଧୀଙ୍କୁ ଜବାବ ଦେଇ ବିରୋଧି ଦଳ ପ୍ରାର୍ଥୀଙ୍କୁ ତାଙ୍କ ଗନ୍ତବ୍ୟ ସ୍ଥଳକୁ ଫେରାଇବା ପାଇଁ ଚଳିତ ନିର୍ବାଚନରେ ଜନସାଧାରଣ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି କହିଛନ୍ତି । କାରଣ ବିଜୁ ପରିବାର ନିଜସ୍ୱ ଘରରେ ରହୁଥିବା ବେଳେ ବିରୋଧିଙ୍କ ଭଡା ଘର ଆଦୌ ଠିକ୍ ନୁହେଁ । ତେଣୁ ନିଜ ଘରକୁ ହାର ସ୍ୱୀକାର କରି ଯିବା ପାଇଁ ପ୍ରସ୍ତୁତ ରହିବାକୁ କହିଛନ୍ତି । ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ନାଜିର ବେଗମ, ସିତାନା ବେଗମ, ଗୁଲ୍ସାସା ଖାତୁନ, ସପନା ସା, ବବିତା ସା, ତୁଳସୀ ମାଝି, ଜାନକୀ ଦେବୀ, କଞ୍ଚନା ତନ୍ତି, କିଶୋରୀ ନିଖଣ୍ଡିଆ, ରଜନୀ ବାଗ, ମନିଶ ରାୟ, ସତ୍ୟଜିତ ଚୌଧୁରୀ, ରାକେଶ ଦାସ, ହିମାଂଶୁ ନାଗ, ଦିପୁ ଝା, ସୁଧିର ଭୋଲ, ସୁମିତ ପାତ୍ର, ଗୋବିନ୍ଦ ସିଂ, ପୀୟୁଷ ଶର୍ମାଙ୍କ ସମେତ ଶହ ଶହ ବଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି ।

# ବୌଦ୍ଧରେ ମେରୁ ଓ ଚୈତ୍ର ଦଣ୍ଡ ଉଦ୍‌ଯାପିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସହରର ବିଭିନ୍ନ ଶୈବ ପୀଠରୁ ଉଠିଥିବା ଚୈତ୍ର ଦଣ୍ଡ ମେରୁଯାତ୍ରାରେ ସଂପନ୍ନ ହୋଇଛି । ବୌଦ୍ଧ ସ୍ଥିତ ମା' ଭୈରବୀଙ୍କ ମନ୍ଦିରୁ ଉଠିଥିବା ଭୈରବୀ ଦଣ୍ଡ, ବାବା ରାମେଶ୍ୱର ମନ୍ଦିରରୁ ଉଠିଥିବା ରାମେଶ୍ୱର ଦଣ୍ଡ ଓ ବାବା ମାତଙ୍ଗେଶ୍ୱର ମନ୍ଦିରରୁ ଉଠିଥିବା ବାବା ମାତଙ୍ଗେଶ୍ୱରଙ୍କ ମେରୁଯାତ୍ରା ସହ ଉଦ୍‌ଯାପିତ ହୋଇଯାଇଛି । ସେହିପରି ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାଣତର ଜଗତୀ ଗ୍ରାମ ସ୍ଥିତ ଐତିହାସିକ ଚ଼ାରିଶମ୍ଭୁ ପୀଠର ସିଦ୍ଧେଶ୍ୱର ଓ ପଶ୍ଚିମ ସୋମନାଥଙ୍କ ପାରମ୍ପରିକ ମେରୁ ଯାତ୍ରା ପର୍ବ ଧୂମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ପ୍ରାତଃ ସମୟରୁ ଶ୍ରୀ ସିଦ୍ଧେଶ୍ୱର ଓ ପଶ୍ଚିମ ସୋମନାଥଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ପରେ ଅପରାହ୍ନରେ ମେରୁ ଯାତ୍ରା ଆରମ୍ଭ ହୋଇଥିଲା । ପ୍ରଥମେ ବ୍ରତଧାରୀ ଦଣ୍ଡୁଆମାନେ ପାଣି ଦଣ୍ଡ ଆରମ୍ଭ କରିଥିଲେ । ଧୂଳି ଦଣ୍ଡ ପରେ ଘାଟ ପୂଜା ଅନୁଷ୍ଠିତ ହୋଇଥିଲା । ଏହା ପରେ ହର ଓ ହରିଙ୍କ ମନ୍ଦିର ବେଢା ପରିକ୍ରମା କରିଥିଲେ । ତା ପରେ କାମନା ଘରକୁ ପ୍ରବେଶ କରିଥିଲେ । ଏହା ପରେ ମେରୁ ଖୁଣ୍ଟରେ ପାଟ ଭୋକ୍ତା ଝୁଲି ଗୁହାରିଆ ଓ ମାନସିକ ଧାରୀଙ୍କ ମନସ୍କାମନା ପୂରଣ ପାଇଁ ମା' କାଳୀଙ୍କ ଠାରେ ଗୁହାରି କରନ୍ତି ଏବଂ ଜଗତର ମଙ୍ଗଳ କାମନା କରନ୍ତି । ତା ପରେ ମେରୁ ଖୁଣ୍ଟରେ ଥିବା ଆମ୍ବ ଭକ୍ତଙ୍କ ଉପରକୁ ଫିଙ୍ଗନ୍ତି । ଏହାପରେ ପଣା ପାଣି ଲାଗି ହୁଏ । ମାନସିକ ଓ ବ୍ରତଧାରୀ ପଣା ସେବନ କରି ବ୍ରତ ଭାଙ୍ଗିଥିଲେ । ରାତିରେ ଦଣ୍ଡଯାତ୍ରାର ସାଂସ୍କୃତିକ କାର୍ଯ୍ୟକ୍ରମ ଷୋଳ ସାଙ୍ଗ ଓ ରାଧା କୃଷ୍ଣ ମିଳନ ଅନୁଷ୍ଠିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକମାନେ ସକାଳ ପର୍ଯ୍ୟନ୍ତ ଉପଭୋଗ କରିଥିଲେ । ସେହିପରି ଚ଼ଣ୍ଡିଗଡ, ଚ଼ଣ୍ଡିତଳ, କଙ୍କଲା, କମ୍ପରା, ଦାମୋଦରପୁର, ଗୋଛାପଡା, କୃଷ୍ଣପାଲି, ଖଲିଆପାଲି, ପଲାଶ, ବଢ଼ିଗାଁ, ବନ୍ଧାପଥର ଆଦି ଗ୍ରାମରେ ଥିବା ଶୈବ ପୀଠ ମାନଙ୍କରେ ମଧ୍ୟ ପାରମ୍ପରିକ ରୀତିନୀତି ମଧ୍ୟରେ ମେରୁ ପର୍ବ ପାଳିତ ହୋଇଯାଇଛି । ସମସ୍ତ ପୀଠରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀ ମାନଙ୍କ ସମାଗମ ହୋଇଥିଲା ।

# ସମ୍ବଲପୁରରେ 'ଭୋଟର ଦାଦା ଓ ଭୋଟର ନାନି'

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

'କୌଣସି ଭୋଟରଙ୍କୁ ପଛରେ ଛାଡି ଦିଆଯିବ ନାହିଁ' ମନ୍ତ୍ର ନେଇ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ନିର୍ବାଚନ ପାଇଁ ଭୋଟର ମାସ୍କଟ ପ୍ରଚଳନ କରାଯାଇଛି, ଯଥା 'ଭୋଟର ଦାଦା' ଏବଂ 'ଭୋଟର ନାନୀ' ପାରମ୍ପରିକ ସମ୍ବଲପୁରୀ ପୋଷାକ ପିନ୍ଧିଥିବା ସ୍ୱିପ ଟୋଟେମ' 'ଭୋଟର ଦାଦା' ଓ 'ଭୋଟର ନାନି' ମାସ୍କଟ ହେଉଛି ନିର୍ବାଚନୀ କାର୍ଯ୍ୟକଳାପ ପ୍ରତି ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରିବାର ଏକ ଅଭିନବ ଉପାୟ । ଭୋଟର ତାଲିକାରେ ନାମ ପଞ୍ଜୀକରଣ, ମଡେଲ ପୋଲିଂ ଷ୍ଟେସନ, ସଖୀ ବୁଥ୍ (ମହିଳା ପୋଲିଂ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ମତଦାନ କେନ୍ଦ୍ର), ପିଡବ୍ଲୁଡି ପରିଚାଳିତ ମତଦାନ କେନ୍ଦ୍ର, ଭୋଟରଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ସୁବିଧା ବିଷୟରେ ସୂଚନା, ନୈତିକ ମତଦାନ ଆଦି ବିଷୟରେ ଭୋଟରଙ୍କୁ ସଚେତନ କରିବା ପାଇଁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଛି । ମାସ୍କଟ ଏବଂ ସେଲ୍ଫି ପଏଣ୍ଟ ପ୍ରଚଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଗାମୀ ନିର୍ବାଚନ ବିଷୟରେ ଭୋଟରଙ୍କୁ ସଚେତନ କରିବା ସହିତ ନୂତନ ଏବଂ ଯୁବ ଭୋଟରମାନଙ୍କୁ ମତଦାନରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବା । ନିର୍ବାଚନ ତାରିଖ, ନିର୍ବାଚନ ସମୟ, ବୁଥ୍ ସ୍ଥାନ, କିପରି ଭୋଟ୍ ଦେବେ, ଭୋଟରଙ୍କ ସହାୟତାରେ ବିଭିନ୍ନ ଆଇଟି ଆପ୍ଲିକେସନ୍ ଏବଂ ଶେଷରେ ବିଶେଷ କରି ସହରାଞ୍ଚଳରେ ମତଦାନ ହାର ବଢ଼ାଇବା ଉଦ୍ଦେଶ୍ୟରେ ଏହି ମାସ୍କଟ୍ ଗୁଡ଼ିକ ଦ୍ୱାରା ପ୍ରଚାର ସମଗ୍ର ଜିଲ୍ଲାରେ ବ୍ୟାପକ ଭାବେ କରାଯିବ । ସମ୍ବଲପୁରୀ ଭାଷାରେ 'ଭୋଟର ଦାଦା' ଓ 'ଭୋଟର ନାନି'କୁ ନେଇ ଆନିମେସନ ଭିଡିଓ ତିଆରି କରି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ପ୍ରଚାର କରାଯିବ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏସ୍‌ଏମ୍.ସି କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଲକ୍ଷ୍ମୀ ଟକିଜ୍, ସମଲେଇ ମନ୍ଦିର ସ୍ଥିତ ମିଶନ ଶକ୍ତି କାଫେ, ରେଳ ପୋଲ ନିକଟ, ସମ୍ବଲପୁର ସହରର ବଜାର ସ୍ଥାନ, ବୁର୍ଲା, ହୀରାକୁଦ ଆଦି ସର୍ବସାଧାରଣ ସ୍ଥାନରେ 'ଭୋଟର ଦାଦା ଓ ଭୋଟର ନାନି' ସେଲ୍ଫି ପଏଣ୍ଟ ରହିବ ।

# ବେଙ୍ଗଲୀ ସମାଜ ପକ୍ଷରୁ ନବବର୍ଷ ଉତ୍ସବ ପାଳନ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**



ମାଲକାନଗିରି ଜିଲ୍ଲା ବେଙ୍ଗଲୀ ସମାଜର ନିର୍ଦ୍ଦେଶ ଅନୁସାରେ ଏବଂ ମାଲକାନଗିରି ବେଙ୍ଗଲୀ ସମାଜ ସଦର ୟୁନିଟ୍ ଆନୁକୁଲ୍ୟରେ, ସ୍ଥାନୀୟ ସଂସ୍କୃତି ଭବନ ଠାରେ ମହାସମାରୋହରେ ବେଙ୍ଗଲୀ ନବବର୍ଷ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି । ଏହି ସମାରୋହ ମାଲକାନଗିରି ବସ୍‌ଷ୍ଟାଣ୍ଡ ପାଖରେ ଥିବା ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଆଶ୍ରମ ପରିସରରୁ କଳସ ଶୋଭାଯାତ୍ରା ସହିତ ଆରମ୍ଭ ହୋଇଥିଲା ଏବଂ ଏଥିରେ ଶହ ଶହ ମହିଳା ଓ ପୁରୁଷ ବ୍ୟାଣ୍ଡ ବାଜା ଓ ଆତସବାଜି ସହକାରେ, ପଦଯାତ୍ରା ମାଧ୍ୟମରେ ପବିତ୍ର କଳସ ଗୁଡ଼ିକୁ, ସ୍ଥାନୀୟ ସାଂସ୍କୃତିକ ଭବନ ପର୍ଯ୍ୟନ୍ତ ଆଣିଥିଲେ । ଏହାପରେ ଏହି ପବିତ୍ର ମଙ୍ଗଳ କଳସ ଗୁଡ଼ିକୁ ଶ୍ରୀ ଗଣେଶଙ୍କ ମୂର୍ତ୍ତି ପାଦଦେଶରେ ସ୍ଥାପନ କରି, ପ୍ରଦୀପ ପ୍ରଜ୍ଜ୍ୱଳନ ଏବଂ ପୂଜାର୍ଚ୍ଚନା ସହିତ ମୁଖ୍ୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ପ୍ରଥମେ ସମାଜ ପାଇଁ ବିଭିନ୍ନ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ପରେ ମାଲକାନଗିରି ଜିଲ୍ଲା ବଙ୍ଗ ସମାଜର ସମସ୍ତ କର୍ମକର୍ତ୍ତା ମାନେ ମାଲକାନଗିରି ଜିଲ୍ଲାର ଉନ୍ନତି ପାଇଁ ବଙ୍ଗ ସମାଜର ଅବଦାନ ବିଷୟରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ । ସମସ୍ତ କର୍ମକର୍ତ୍ତା ଓ ଅନ୍ୟାନ୍ୟ ସଦସ୍ୟମାନେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଜନଜାତି ଏବଂ ଜାତି, ବର୍ଣ୍ଣ, ଧର୍ମ, ଭାଷା ନିର୍ବିଶେଷରେ ମିଳିମିଶି ଭାଇଚାରାର ବାର୍ତ୍ତା ନେଇ ଏହି ଜିଲ୍ଲାକୁ ଉନ୍ନତିର ଚରମ ସୀମାରେ ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି ଶପଥ ନେଇଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ଏବଂ ଏଥିରେ କୁନି କୁନି ପିଲାମାନଙ୍କ ସହିତ ଅନ୍ୟାନ୍ୟ ବର୍ଗର ସ୍କୁଲ ଛାତ୍ରଛାତ୍ରୀମାନେ ନୃତ୍ୟ ଗୀତ ପରିବେଷଣ କରି, ଶହ ଶହ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ଏହି ସମାରୋହରେ ବେଙ୍ଗଲୀ ସମାଜର ବିଭିନ୍ନ କର୍ମକର୍ତ୍ତା ଯଥାକ୍ରମେ : ସଭାପତି ଗୌରାଙ୍ଗ କର୍ମକାର, ସମ୍ପାଦକ ନିହାର ରାୟ, ଉପଦେଷ୍ଟା ତପନ ସାନା, ସଂଗଠକ ସ୍ୱପନ କୀର୍ତ୍ତନିୟା, କୋର କମିଟି ସଭାପତି ଦିଲୀପ ଦାସ, ସମ୍ପାଦକ ଡ଼ଃ ଗୋପାଳ ଚନ୍ଦ୍ର ବିଶ୍ୱାସ, କିଶୋର ସିକଦାର, ପ୍ରହ୍ଲାଦ ବାସୁ, ଶଙ୍କର ପାଲ, ସଞ୍ଜୟ ସରକାର, ସାମ୍ବାଦିକ ତଥା ଶିକ୍ଷାବିତ ଶିବ ପ୍ରସାଦ କୀର୍ତ୍ତନିୟା, ଗୋବିନ୍ଦ ମଣ୍ଡଳ, ପ୍ରେମାନନ୍ଦ ମଣ୍ଡଳ, ଉତ୍ତମ ସାହା, ଦେବବ୍ରତ କର୍ମକାର ଏବଂ ସଞ୍ଜୁ ସାହା ମଞ୍ଚାସିନ ଥିଲେ ଏବଂ ବଙ୍ଗଳା ନବ ବର୍ଷ ପାଳନର ଉଦ୍ଦେଶ୍ୟ, ବଙ୍ଗଳା ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ଅଭିବୃଦ୍ଧି ନିମନ୍ତେ, ଏହି ନବ ବର୍ଷ ପାଳନର ଭୂମିକା ଉପରେ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ ।

# ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଏଆଇସିସି ପର୍ଯ୍ୟବେକ୍ଷକଙ୍କ ବୈଠକ

**ବାଲେଶ୍ୱର, ନ୍ୟୁଜ୍**



ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟି ଦ୍ୱାରା ମନୋନୀତ ବାଲେଶ୍ୱର ଲୋକସଭା କ୍ଷେତ୍ରର ପର୍ଯ୍ୟବେକ୍ଷକ ଅଭୟ ଚହଲ ଯୋଗଦେଇ ନେତା ଓ କର୍ମୀଙ୍କୁ କିପରି ୨୦୨୪ ସାଧାରଣ ନିର୍ବାଚନରେ ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନାଙ୍କୁ ବିଜୟୀ କରିବା ସହ ଜିଲ୍ଲାର ସମସ୍ତ ବିଧାନ ସଭା ପ୍ରାର୍ଥୀଙ୍କୁ ବିଜୟ କରାଯିବ ସେ ନେଇ ଆଲୋଚନା କରିଥିଲେ । ଜିଲ୍ଲା ସଭାପତି ସଞ୍ଜୀବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଙ୍ଗଠନିକ ବୈଠକରେ ପ୍ରଥମେ ରେମୁଣା ବିଧାୟକ ପ୍ରାର୍ଥୀ ସୁଦର୍ଶନ ଜେନା ଓ ଭୋଗରାଇ ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସଙ୍କୁ ପୁଷ୍ପଗୁଚ୍ଛ ଓ କଂଗ୍ରେସ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସଭାପତି ଶ୍ରୀ ଗିରି ତାଙ୍କ ବକ୍ତବ୍ୟରେ ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଜଣେ ଦକ୍ଷ ଟାଣୁଆ ନେତୃତ୍ୱ ବୋଲି କହିବା ସହ ସେ ପୂର୍ବରୁ ସାଂସଦ ଓ କେନ୍ଦ୍ରମନ୍ତ୍ରୀ ଥିବା ବେଳେ ବାଲେଶ୍ୱରରେ ଯେତିକି କାର୍ଯ୍ୟ କରିଛନ୍ତି ତାହା ଅତୁଳନୀୟ ବୋଲି କହିଥିଲେ । ସେଥିପାଇଁ ଆଜି ଲୋକ ଶ୍ରୀକାନ୍ତ ଜେନାଙ୍କ ନେତୃତ୍ୱକୁ ଅଧିକ ପସନ୍ଦ କରୁଛନ୍ତି ବୋଲି କହିବା ସହ ଗତ ଥରର ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକଙ୍କ ବିଗତ ଦିନର ସାଙ୍ଗଠନିକ କାର୍ଯ୍ୟ ଯୋଗୁଁ ବାଲେଶ୍ୱରରେ ଆଜି କଂଗ୍ରେସର ଏଭଳି ଉତ୍ତମ ସ୍ଥିତି ପରିଲକ୍ଷିତ ହେଉଛି ବୋଲି ମତ ରଖିଥିଲେ । ଯାହାଦ୍ୱାରା ଏହି ଦୁଇ ନେତା ମିଳିତ ଭାବେ କାର୍ଯ୍ୟ କରିବେ ଓ ବାଲେଶ୍ୱର ସାଂସଦ ଆସନ କଂଗ୍ରେସ ଜିତିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚନ୍ଦ ଓ ଚିତ୍ତରଞ୍ଜନ ଷଡଙ୍ଗୀ, ପିସିସି ମୁଖପାତ୍ର ସୁଦର୍ଶନ ଦାସ, ବରିଷ୍ଠ କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା, ମଞ୍ଚାସୀନ ହୋଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧକ୍ଷ ବିକାଶ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ସରୋଜ କୁମାର ଲେଙ୍କା, କେକେସି ରାଜ୍ୟ ଉପାଧକ୍ଷା ଜ୍ୟୋତ୍ସ୍ନା ସେନାପତି, ମହିଳା କଂଗ୍ରେସ ସଭାପତି ପ୍ରଜ୍ଞା ପରମିତା ମହାନ୍ତି, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, କିଷାନ କଂଗ୍ରେସ ଜିଲ୍ଲା ସଭାପତି ଜୟନ୍ତ ମହାପାତ୍ର, ଜିଲ୍ଲା ଆଇନ୍ ବିଭାଗ ଅଧକ୍ଷ ସତ୍ୟ ସୁନ୍ଦର ଦାସ, ସଂଖ୍ୟାଲଘୁ ସେଲ୍‌ର ଜିଲ୍ଲା ସଭାପତି ଅଜଗର ଅଲ୍ଲୀ, ଜିଲ୍ଲା ମୁଖପାତ୍ର ସୁଧାଂଶୁ ଜେନା, ରେମୁଣା ବ୍ଲକ ସଭାପତି ତରୁଣ ଦାସ, ବାହାନଗା ବ୍ଲକ ସଭାପତି ମଧୁସୂଦନ ମହାପାତ୍ର, ଜଳେଶ୍ୱର ବ୍ଲକ ସଭାପତି ରାଜୀବ ଲୋଚନ ପରିଡ଼ା, ରେମୁଣା ମହିଳା କଂଗ୍ରେସ ସଭାପତି କୁମୁଦିନୀ ଦାସ, ଟାଉନ୍ ମହିଳା କଂଗ୍ରେସ ସଭାପତି ସଞ୍ଜୁଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଆମ୍ବେଦକଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସୁବର୍ଣ୍ଣପୁରରେ ଜିଲ୍ଲା ସ୍ତରୀୟ ଡ଼ ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳ ୮ ଘଟିକା ସମୟରେ ସହର ସ୍ଥିତ ଆମ୍ବେଦକର ଛକରେ ଥିବା ଭାରତ ରତ୍ନ ଡ଼ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଅନ୍ୟା ଦାସ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ସହ ପ୍ରଶାସନର ବରିଷ୍ଠ ଅଧିକାରୀ, ଜିଲ୍ଲା ଆମ୍ବେଦକର ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ କମିଟି କର୍ମକର୍ତ୍ତା ତଥା ବିଭିନ୍ନ ସ୍ୱେଚ୍ଛାସେବୀ, ଆମ୍ବେଦକର ପ୍ରେମୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ପରେ ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଜିଲ୍ଲା ସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଅନ୍ୟା ଦାସ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅଞ୍ଜଳିନା ପ୍ରଧାନ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବରେ ବିଶ ନାଗ, ଅଧ୍ୟାପକ ଇତିହାସ ବିଭାଗ ପି ଏସ ଡିଗ୍ରୀ ମହାବିଦ୍ୟାଳୟ ଉଲୁଣ୍ଡା ଯୋଗଦେଇ ସମାଜ ପ୍ରତି ବାବାସାହେବ ଡ଼ ଆମ୍ବେଦକରଙ୍କ ଯୋଗଦାନ ତଥା ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଜୟନ୍ତୀ ଉପଲକ୍ଷେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ଚିତ୍ରାଙ୍କନ, ଓଡ଼ିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ୨୦୭୫ ସୁଦ୍ଧା ଭାରତ ଦ୍ୱିତୀୟ ବୃହତ୍ ଅର୍ଥନୀତି

୨୦୭୫ ମସିହା ସୁଦ୍ଧା ଭାରତ ହେବ ବିଶ୍ୱର ଦ୍ୱିତୀୟ ବଡ଼ ଅର୍ଥନୀତି। ସେହି ସମୟ ସୁଦ୍ଧା ଭାରତୀୟ ଅର୍ଥନୀତିର ଆକାର ୫୨.୫ ଲକ୍ଷ କୋଟି ଡଲାରରେ ପହଞ୍ଚିବ, ଯାହାକି ଏବେ ୪.୧୧ ଲକ୍ଷ କୋଟି ଡଲାରରେ ରହିଛି। ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ରହିଛି। ପ୍ରଥମ ସ୍ଥାନରେ ଆମେରିକା ଥିବାବେଳେ ଦ୍ୱିତୀୟରେ ଚୀନ, ତୃତୀୟରେ ଜର୍ମାନୀ ଏବଂ ଚତୁର୍ଥରେ ଜାପାନ ରହିଛି। ଅନୁମାନ କରାଯାଉଛି ଯେ ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବଡ଼ ଅର୍ଥନୀତିରେ ପରିଣତ ହେବ। ତେବେ ଗୋଲ୍ଡମ୍ୟାନ ସାକ୍ସର ଆକଳନ ଅନୁଯାୟୀ, ବିଶ୍ୱର ୧୦ଟି ବଡ଼ ଅର୍ଥନୀତି ମଧ୍ୟରେ ୨୦୭୫ ସୁଦ୍ଧା ୪ଟି ଇସଲାମୀୟ ଦେଶ ରହିବେ। ସେଗୁଡ଼ିକ ହେଲେ ଇଣ୍ଡୋନେସିଆ, ନାଇଜେରିଆ, ପାକିସ୍ତାନ ଏବଂ ମିସର। ୧୩.୭ ଲକ୍ଷ କୋଟି ଡଲାର ସହିତ ଇଣ୍ଡୋନେସିଆ ବିଶ୍ୱର ଚତୁର୍ଥ ବଡ଼, ୧୩.୧ ଲକ୍ଷ କୋଟି ଡଲାର ସହିତ ନାଇଜେରିଆ ପଞ୍ଚମ ବୃହତ୍ ଏବଂ ୧୨.୩ ଲକ୍ଷ କୋଟି ଡଲାର ସହିତ ପାକିସ୍ତାନ ଷଷ୍ଠ ବୃହତ୍ ଏବଂ ୧୦.୪ ଲକ୍ଷ କୋଟି ଡଲାର ସହିତ ମିଶର ସପ୍ତମ ବୃହତ୍ ଅର୍ଥନୀତି ହେବ।

ଉକ୍ତ ସଂସ୍ଥାର ଅନୁମାନ ଅନୁଯାୟୀ, ୨୦୭୫ ସୁଦ୍ଧା ଚୀନ ସବୁଠୁ ବଡ଼ ଅର୍ଥନୀତି ହେବ। ସେତେବେଳକୁ ଚୀନର ଅର୍ଥନୀତି ଆକାର ୫୭ ଲକ୍ଷ କୋଟି ଡଲାରରେ ପହଞ୍ଚିବ। ବର୍ତ୍ତମାନ ଚୀନ ଅର୍ଥନୀତିର ଆକାର ୧୮.୫୬ ଲକ୍ଷ କୋଟି ଡଲାର ରହିଛି। ଆମେରିକା ଏବେ ୨୭.୯୭ ଲକ୍ଷ କୋଟି ଡଲାର ସହିତ ବିଶ୍ୱର ସବୁଠୁ ବଡ଼ ଅର୍ଥନୀତି ଭାବେ ପରିଗଣିତ ହେଉଛି। କିନ୍ତୁ ୨୦୭୫ ବେଳକୁ ଏହା ତୃତୀୟ ସ୍ଥାନକୁ ଖସିଆସିବ। ଏହି ଅର୍ଥନୀତିର ଆକାର ୫୧.୫ ଲକ୍ଷ କୋଟି ଡଲାର ରହିବ। ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ଥିବା ଜର୍ମାନୀ ୨୦୭୫ ବେଳକୁ ନବମ ସ୍ଥାନରେ ରହିଥିବ। ସେହିଭଳି ଏବେ ଚତୁର୍ଥ ସ୍ଥାନରେ ଥିବା ଜାପାନ ୨୦୭୫ ବେଳକୁ ଦ୍ୱାଦଶ ସ୍ଥାନକୁ ଖସିଯିବ। ୨୦୭୫ ବେଳକୁ ବ୍ରାଜିଲ ଅଷ୍ଟମ ଏବଂ ମେକ୍ସିକୋ ଦଶମ ବୃହତ୍ ଅର୍ଥନୀତିରେ ପରିଣତ ହୋଇଥିବ। ବର୍ତ୍ତମାନ ୧.୫୧ ଲକ୍ଷ କୋଟି ଡଲାର ସହିତ ଇଣ୍ଡୋନେସିଆ ଷୋଡ଼ଶ, ୧.୩୪ ଲକ୍ଷ କୋଟି ଡଲାରା ସହିତ ତୁର୍କୀ ସପ୍ତଦଶ, ୧.୧୧ ଲକ୍ଷ କୋଟି ଡଲାର ସହିତ ସାଉଦି ଆରବ ଉନବିଂଶ ସ୍ଥାନରେ ରହିଛନ୍ତି। ଆର୍ଥିକ ସଂକଟ ଭିତରେ ଥିବା ପାକିସ୍ତାନ ଅର୍ଥନୀତିର ଆକାର ଏବେ ମହାରାଷ୍ଟ୍ରର ଅର୍ଥନୀତି ସହ ମଧ୍ୟ ସମାନ ସ୍ତରରେ ନାହିଁ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ୱା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ସ୍ତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ୱ ବ୍ୟସ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ୱା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ପାର୍ଥ ସାରଥି ଶ୍ଲେଷ୍ମାରୁ ଆରୋଗ୍ୟ, ମା'ଙ୍କ ଦୃଷ୍ଟିଶକ୍ତି ଲାଭ


ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା–୨୫୭**

ପାର୍ଥସାରଥି ମାନ୍ଦ୍ରାଜରେ ଜଣେ ସୁପରିଚିତ ବ୍ୟବସାୟୀ ଥିଲେ। ସେ ଏକ ଜାହାଜ ଚଳାଚଳ କମ୍ପାନୀର ଅଂଶୀଦାର ଥିଲେ। ତାଙ୍କର ଜଣେ ପଡ଼ୋଶୀ ବାଳକ ସତ୍ୟସାଇଙ୍କୁ ଦର୍ଶନ କରିଥିଲେ। ତାଙ୍କଠାରୁ ଶୁଣି ପାର୍ଥସାରଥି ନିଜର କିଛି ପରିବାର ସଦସ୍ୟଙ୍କୁ ନେଇ ପୁଟ୍ଟାପାର୍ତ୍ତିରେ ପହଞ୍ଚିଲେ। ସେଠାରେ ସେ ମାସଟିଏ ରହିଲେ। ସେ ସେଠାରେ ବାଳକ ସତ୍ୟସାଇ ବାବାଙ୍କୁ କଳ୍ପବୃକ୍ଷ ତଳେ ଯୋଗାରୂଢ଼ ଅବସ୍ଥାରେ ଦେଖିଥିଲେ। ସେ ଲକ୍ଷ୍ୟ କଲେ ଯେ, ବାଳକ ସତ୍ୟସାଇ ବାବାଙ୍କ ମୁଖ ଚାରିପଟେ ଉଜ୍ଜ୍ୱଳ ଆଲୋକ ରଶ୍ମିର ବଳୟ ରହିଛି। ଦୁଇଭୂରୁ ମଧ୍ୟରୁ ଆଲୋକ ରେଖା ବାହାରୁଛି। ସେଠାରେ ବାବା ଭକ୍ତମାନଙ୍କ ସହିତ ହସଖୁସିରେ ସମୟ କାଟୁଥିଲେ ଏବଂ ତତ୍ ସହିତ ଉପଦେଶ ମାନି ନେଉଥିଲେ। ବଣଭୋଜି ମାନଙ୍କରେ ଖାଲିପାତ୍ର ଗୁଡିକୁ ଘୋଡେଇ ରଖି ଦେଲେ ପାତ୍ରଗୁଡିକ ଖାଦ୍ୟଦ୍ରବ୍ୟରେ ପୂର୍ଣ୍ଣହୋଇ ଯାଉଥିଲା। ଯେତେ ଲୋକ ଖାଇଲେ ବି ଖାଦ୍ୟର ଅଭାବ ପଡୁନଥିଲା। ପାର୍ଥସାରଥି ବହୁଦିନରୁ ଶ୍ଲେଷ୍ମା ରୋଗ ଭୋଗୁଥିଲେ। ସେ ପୁଟ୍ଟାପାର୍ତ୍ତି ପହଞ୍ଚିବା ମାତ୍ରେ ବାବା ତାଙ୍କ ହାତ ଶୂନ୍ୟରେ ବୁଲେଇ ଗୋଟିଏ ଆତ ଆଣି ପାର୍ଥସାରଥିଙ୍କୁ ଦେଇ କହିଲେ 'ଏଇଟା ଖାଇନିଅ। ତୁମେ ଆରୋଗ୍ୟ ହୋଇଯିବ। ପାର୍ଥସାରଥି ଆତଫଳଟି ଖାଇବା ପରେ ତାଙ୍କ ରୋଗ ଭଲ ହୋଇଗଲା । ତା ପରେ ସେ କେବେବି ସେଇ ରୋଗରେ ପଡିନଥିଲେ।



ପାର୍ଥସାରଥିଙ୍କ ମା ମୋତିଆବିନ୍ଦୁ ରୋଗରେ ପଡି ସଂପୂର୍ଣ୍ଣ ଅନ୍ଧ ହୋଇ ଯାଇଥିଲେ। ସେ ମଧ୍ୟ ପାର୍ଥସାରଥିଙ୍କ ପରିବାର ସହିତ ପୁଟ୍ଟାପାର୍ତ୍ତି ଯାଇଥିଲେ। ବାଳକ ସତ୍ୟସାଇ ତାଙ୍କର ଅତି ସରଳ ଭାବରେ ଚିକିତ୍ସା କଲେ। ଦୁଇ ଆଖିରେ ଯାଇଫୁଲର ପାଖୁଡା ପକେଇ ବ୍ୟାଣ୍ଡେଜ କରିଦେଲେ ଓ କାହାର ହାତ ଧରି ଯାଇ ଭଜନରେ ବସିବାକୁ କହିଲେ। ପ୍ରତିଦିନ ବାବା ଆଖିର ବ୍ୟାଣ୍ଡେଜ ଖୋଲି ଯାଇଫୁଲର ସଦ୍ୟ ପାଖୁଡା ଆଖିରେ ପକେଇ ବ୍ୟାଣ୍ଡେଜ କରିଦେଉଥିଲେ ଏବଂ ତାଙ୍କୁ ଯାଇ ଭଜନରେ ବସିବାକୁ କହିଲେ। ଏହିପରି ଦିର୍ଘଦିନ ଧରି ଏଇ ଚିକିତ୍ସା ଚାଲିଲା। ଶେଷଦିନ ବ୍ୟାଣ୍ଡେଜ ଖୋଲି ଦେଲାରୁ ପାର୍ଥସାରଥିଙ୍କ ମା ଦୃଷ୍ଟିଶକ୍ତି ଫେରି ପାଇଲେ। ତାଙ୍କୁ ସବୁଜିନିଷ ପରିଷ୍କାର ଦେଖାଗଲା। ସେ ଏହାପରେ ଦଶବର୍ଷ ପର୍ଯ୍ୟନ୍ତ ଜୀବିତ ରହିଲେ, କିନ୍ତୁ ଆଖିର ଆଉ ସମସ୍ୟା ନଥିଲା। (କ୍ରମଶଃ)

# ରାଜ୍ୟରେ ୨୦୨୪ ନିର୍ବାଚନର ଅଙ୍କକଷା


ଶ୍ରୀ ବୁଦ୍ଧରାମ ସାହୁ
ଖାରବେଳନଗର
ମୋ – ୯୪୩୭୧୭୯୦୪୭

**୨୦୨୪ରେ ରାଜ୍ୟରେ ମେଣ୍ଟ ସରକାର ପାଇଁ ହୋଇଥିବା ବୁଝାମଣା ନହେବାର ମୁଖ୍ୟ କାରଣ ହେଲା, ଆସନ ବୁଝାମଣାରେ ସହମତ ନହେବା ମୁଖ୍ୟତଃ ବି.ଜେ.ଡି ପୁରୀ, କେନ୍ଦ୍ରାପଡ଼ା ଓ ଭୁବନେଶ୍ୱର ପାର୍ଲାମେଣ୍ଟ ଆସନ ନ ଦେବା ଯୋଗୁ ବି.ଜେ.ପି.ର ରାଜ୍ୟର ତୁଙ୍ଗ ନେତୃତ୍ୱ ସମ୍ବିତ ପାତ୍ର, ବୈଜୟନ୍ତ ପଣ୍ଡା, ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଟିକେଟ ପାଇବାକୁ ବଞ୍ଚିତ ହେବେ। ଏପଟେ ପଦ୍ମପୁର ଆସନରୁ ପ୍ରଦୀପ ପୁରୋହିତ, ରଣପୁର ଆସନରୁ ସୁରମା ପାଢୀ, ବ୍ରଜରାଜ ନଗରରୁ ସୁରେଶ ପୂଜାରୀ, ପାଟଣାଗଡ଼ ଆସନରୁ କନକ ବର୍ଦ୍ଧନ ସିଂହଦେଓ ଏପରିକି ଚ଼ନ୍ଦବାଲିରୁ ସ୍ୱୟଂ ସଭାପତି ମନମୋହନ ସାମଲ ପ୍ରମୁଖ ବିଧାନସଭା ଆସନ ପାଇବା ସମ୍ଭବ ହୋଇପାରି ନଥିଲା। ତେଣୁ ଏ କ୍ଷେତ୍ରରେ ବି.ଜେ.ପି ଆସନ ବୁଝାମଣା ପାଇଁ ସମ୍ପୂର୍ଣ୍ଣ ଭାବେ ଅମଙ୍ଗ ହେଲେ ଏବଂ ରାଜ୍ୟ ସଭାପତି ରାଜ୍ୟରେ ଦଳର ଭିତ୍ତିଭୂମି ନଥିଲେ ମଧ୍ୟ ମୋଦି ହାୱାକୁ ଭରସା କରି ଏକଲା ଚଲୋ ଲଢ଼ିବାର ଡାକରା ଦେଲେ। ସେ ଯାହାହେଉ ବର୍ତ୍ତମାନ ମେଣ୍ଟ କଥା ଭୁଲି ଉଭୟ ଦଳ ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ଆରମ୍ଭ କରିସାରିଲେଣି। ବି.ଜେ.ପି. ଦଳ ମୋଦୀଙ୍କ ହାୱା ତଥା ରାମ ମନ୍ଦିର ନିର୍ମାଣକୁ ଭରସା କରୁଥିବା ସ୍ଥଳେ, ବି.ଜେ.ଡ଼ି ଦଳ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟାବଳୀକୁ ପାଥେୟ କରି ନିର୍ବାଚନ ବୈତରଣୀ ପାରି ହେବାକୁ ପ୍ରସ୍ତୁତ ହେଉଛନ୍ତି।**

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ଲୋଗାନ 'ଅବକିବାର ଚ଼ରଶ ସେ ପାର' ଲକ୍ଷ୍ୟ ଭେଦ କରିବାକୁ ହେଲେ ଓଡ଼ିଶାରୁ ୧୫ରୁ ୧୮ଟି ଲୋକସଭା ସାଂସଦ ନିହାତି ବିଜୟୀ ହେବା ଆବଶ୍ୟକ। କିନ୍ତୁ ଏ ଲକ୍ଷ୍ୟ ଭେଦ କରିବାକୁ ହେଲେ ରାଜ୍ୟରେ ଦଳୀୟ ସଂଗଠନ ଭିତ୍ତିଭୂମିର ଆବଶ୍ୟକତା ନିହାତି ଜରୁରୀ। ଏହା ନିଶ୍ଚିତ ଯେ, ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ମୋଦିଜୀ ଚଣ୍ଡିଖୋଲ ସାଧାରଣ ସଭାରେ ଯେଉଁ ସମାବେଶ ହୋଇଥିଲା, ତାହାକୁ ଏକ ଗଣ ସମାବେଶ କହିଲେ ଅତ୍ୟୁକ୍ତି ହେବନାହିଁ। ଏହାଦ୍ୱାରା ମୋଦିଜୀ ଯେତିକି ଉତ୍ସାହିତ ନଥିଲେ, ତାଠାରୁ ଅଧିକ ଉତ୍ସାହୀ ଥିଲେ ବି.ଜେ.ପି ରାଜ୍ୟନେତା ଓ କର୍ମୀ। ସେମାନଙ୍କର ଧାରଣା ହେଲା ଯେ, ଏହି ସମାବେଶର ପ୍ରବାହ ସାରା ଓଡ଼ିଶାରେ ପ୍ରଭାବିତ ହେବ ଏବଂ ଆସନ୍ତା ନିର୍ବାଚନରେ ପଦ୍ମ କୋଣ କୋଣରେ ଫୁଟିଉଠିବ।

୨୦୨୪ରେ ରାଜ୍ୟରେ ମେଣ୍ଟ ସରକାର ପାଇଁ ହୋଇଥିବା ବୁଝାମଣା ନହେବାର ମୁଖ୍ୟ କାରଣ ହେଲା, ଆସନ ବୁଝାମଣାରେ ସହମତ ନହେବା ମୁଖ୍ୟତଃ ବି.ଜେ.ଡି ପୁରୀ, କେନ୍ଦ୍ରାପଡ଼ା ଓ ଭୁବନେଶ୍ୱର ପାର୍ଲାମେଣ୍ଟ ଆସନ ନ ଦେବା ଯୋଗୁ ବି.ଜେ.ପି.ର ରାଜ୍ୟର ତୁଙ୍ଗ ନେତୃତ୍ୱ ସମ୍ବିତ ପାତ୍ର, ବୈଜୟନ୍ତ ପଣ୍ଡା, ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଟିକେଟ ପାଇବାକୁ ବଞ୍ଚିତ ହେବେ। ଏପଟେ ପଦ୍ମପୁର ଆସନରୁ ପ୍ରଦୀପ ପୁରୋହିତ, ରଣପୁର ଆସନରୁ ସୁରମା ପାଢୀ, ବ୍ରଜରାଜ ନଗରରୁ ସୁରେଶ ପୂଜାରୀ, ପାଟଣାଗଡ଼ ଆସନରୁ କନକ ବର୍ଦ୍ଧନ ସିଂହଦେଓ ଏପରିକି ଚ଼ନ୍ଦବାଲିରୁ ସ୍ୱୟଂ ସଭାପତି ମନମୋହନ ସାମଲ ପ୍ରମୁଖ ବିଧାନସଭା ଆସନ ପାଇବା ସମ୍ଭବ ହୋଇପାରି ନଥିଲା। ତେଣୁ ଏ କ୍ଷେତ୍ରରେ ବି.ଜେ.ପି ଆସନ ବୁଝାମଣା ପାଇଁ ସମ୍ପୂର୍ଣ୍ଣ ଭାବେ ଅମଙ୍ଗ ହେଲେ ଏବଂ ରାଜ୍ୟ ସଭାପତି ରାଜ୍ୟରେ ଦଳର ଭିତ୍ତିଭୂମି ନଥିଲେ ମଧ୍ୟ ମୋଦି ହାୱାକୁ ଭରସା କରି ଏକଲା ଚଲୋ ଲଢ଼ିବାର ଡାକରା ଦେଲେ।

ସେ ଯାହାହେଉ ବର୍ତ୍ତମାନ ମେଣ୍ଟ କଥା ଭୁଲି ଉଭୟ ଦଳ ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ଆରମ୍ଭ କରିସାରିଲେଣି। ବି.ଜେ.ପି. ଦଳ ମୋଦୀଙ୍କ ହାୱା ତଥା ରାମ ମନ୍ଦିର ନିର୍ମାଣକୁ ଭରସା କରୁଥିବା ସ୍ଥଳେ, ବି.ଜେ.ଡ଼ି ଦଳ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟାବଳୀକୁ ପାଥେୟ କରି ନିର୍ବାଚନ ବୈତରଣୀ ପାରି ହେବାକୁ ପ୍ରସ୍ତୁତ ହେଉଛନ୍ତି।

ନୂଆ ନେତା ସୃଷ୍ଟି କରିବାରେ ବିଫଳ ରାଜ୍ୟ ବି.ଜେ.ପି ଦଳ ତାଙ୍କ ପୁରୁଣା ନେତା ଓ କର୍ମୀଙ୍କୁ ଅଣଦେଖା କରି ନିକଟରେ ବି.ଜେ.ଡ଼ି ଦଳରୁ ବହିଷ୍କୃତ, ବିଶୃଙ୍ଖଳିତ ନେତା ପ୍ରଶାନ୍ତ ଜଗଦେବ, ଅରବିନ୍ଦ ଢାଲୀ, ଆକାଶ ଦାସନାୟକ, ଦେବାଶିଷ ନାୟକ, ପ୍ରିୟଦର୍ଶୀ ମିଶ୍ର, ସିଦ୍ଧାନ୍ତ ମହାପାତ୍ର ପ୍ରମୁଖଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଏବଂ ଭର୍ତ୍ତୃହରି ମହତାବ, ପ୍ରଦୀପ ପାଣିଗ୍ରାହୀଙ୍କୁ ସାଂସଦ ପ୍ରାର୍ଥୀ ରୂପେ ମନୋନୟନ କରି ଦଳ ବଦଳକାରୀଙ୍କୁ ଉତ୍ସାହିତ କରାଯିବାର ପ୍ରୟାସ କରିଛନ୍ତି। ଅପରପକ୍ଷେ ବି.ଜେ.ଡ଼ି ଦଳ ବହୁ ଶିକ୍ଷିତ ଯୁବନେତା ଅରବିନ୍ଦ ମହାପାତ୍ର ପାଟକୁରାରୁ, ବିପ୍ଳବ ପାତ୍ରଙ୍କୁ ଦିଗପହଣ୍ଡିରୁ, ସୁନିଲ ମହାନ୍ତିଙ୍କୁ ପୁରୀରୁ, ଶ୍ରୀରୂପ ଦେଓଙ୍କୁ ଚିକିଟିରୁ, ନିହାର ବେହେରାଙ୍କୁ ଲୁଇସିଂହାରୁ, ଡଃ ସଞ୍ଜୟ ଦାସଙ୍କୁ ଧାମନଗରରୁ, ଅଙ୍କିତ ପ୍ରତାପ ଜେନାଙ୍କୁ ମାହାଙ୍ଗାରୁ, ଅନିଲ ବରୁଆଙ୍କୁ ରାଜଗାଙ୍ଗପୁର ବିଧାୟକ ପ୍ରାର୍ଥୀ ଭାବେ ମନୋନୟନ କରିବା ସହିତ କେନ୍ଦ୍ରାପଡ଼ାରୁ ଅଂଶୁମାନ ମହାନ୍ତିଙ୍କୁ, ଢେଙ୍କାନାଳରୁ ଡଃ ଅବିନାଶ ସାମଲଙ୍କୁ ଏବଂ ଭୁବନେଶ୍ୱରରୁ ମନ୍ମଥ ରାଉତରାୟ ପ୍ରମୁଖଙ୍କୁ ସାଂସଦ ପ୍ରାର୍ଥୀ ଭାବେ ଚୟନ କରାଯାଇ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ କରାଇଛନ୍ତି।

ବିଗତ ବର୍ଷ ହୋଇଥିବା ତିନୋଟି ରାଜ୍ୟ ବିଧାନସଭା ନିର୍ବାଚନରେ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ବି.ଜେ.ପି. ଯେଉଁ ବାଜିମାତ ମାରିନେଲା ତାହା ହିନ୍ଦିଭାଷା ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଯାଦୁ ନିଶ୍ଚିତ ଭାବେ ପ୍ରଭାବଶାଳୀ ଥିଲା ତେଣୁ ତାର କିଛି ପ୍ରଭାବ ଆଂଶିକଭାବେ ଓଡ଼ିଶାର ପୂର୍ବ ପଶ୍ଚିମ ସୀମାକୁ ପ୍ରଭାବିତ କରିବା ଅସମ୍ଭବ ନୁହଁ। ରାମମନ୍ଦିର ନିର୍ମାଣରେ ହିନ୍ଦୁତ୍ୱକୁ ଦ୍ୱାହି ଦେଇ ବି.ଜେ.ପି ଭୋଟ ହାସଲ କରିବାର ପ୍ରୟାସ ଜାରି ରଖିଥିବା ସ୍ଥଳେ, ନେତୃତ୍ୱବିହୀନ ରାଜ୍ୟ ସଂଗଠନରେ ବି.ଜେ.ପି.ର ଲୋକ ସମ୍ପର୍କ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇ ରହିଛି। ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ତ୍ରୀତ୍ୱକୁ ବାଦ୍ ଦେଲେ ରାଜ୍ୟରେ ସେମାନଙ୍କର ଭାବମୂର୍ତ୍ତି ନାହିଁ କହିଲେ ଚଳେ।

ଆଜକୁ ୨୭ ବର୍ଷ ତଳେ ଓଡ଼ିଶାର ଜନନାୟକ ତଥା ବରପୁତ୍ର ବିଜୁ ପଟ୍ଟନାୟକଙ୍କ ନାମରେ ବିଜୁ ଜନତା ଦଳ ଗଠନ କରାଯାଇଛି ଏବଂ ତାଙ୍କ ସ୍ମୃତିକୁ ଜାଗ୍ରତ ରଖିବା ସହିତ ତାଙ୍କ ଚିନ୍ତାଧାରାକୁ ପାଥେୟ କରି ଦଳ ରାଜ୍ୟ ଗଠନରେ ନିଜକୁ ସାମିଲ୍ କରିବା ଉଦ୍ଦେଶ୍ୟରେ ମହିଳାମାନଙ୍କ ପାଇଁ ଜନନୀ ସୁରକ୍ଷା, ଯୋଜନା ମାଧ୍ୟମରେ ସେମାନଙ୍କୁ ପ୍ରସବକାଳୀନ ଡାକ୍ତରୀ ଓ ଆର୍ଥିକ ସହାୟତା ପ୍ରଦାନ, ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା, 'ମିଶନ ଶକ୍ତି' ମାଧ୍ୟମରେ ମହିଳା ସଶକ୍ତିକରଣ ଯୋଜନା, ମହିଳାମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା ସହିତ ଋଣ ଯୋଗାଇବାର ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ। ଲୋକମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେବା ପାଇଁ ଜାତୀୟ ବୃଦ୍ଧାବସ୍ଥା, ଜାତୀୟ ପରିବାର ହିତ ଯୋଜନା, ମଧୁବାବୁ ପେନସନ ଯୋଜନା ଜରିଆରେ ବୃଦ୍ଧ, ବିଧବା, ଭିନ୍ନକ୍ଷମ, କୁଷ୍ଠରୋଗରୁ ଆରୋଗ୍ୟ ପାଇଁ ମାସିକ ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏଭଳି ପରିସ୍ଥିତିରେ ଆସନ୍ତା ନିର୍ବାଚନରେ କେଉଁ ପ୍ରାର୍ଥୀ କେତେ ଭୋଟରଙ୍କ ନିକଟତର ହୋଇପାରୁଛନ୍ତି ଏବଂ କେଉଁ ଦଳର ପଲା କେତେ ଭାରି ରହୁଛି, ତାହା ଏବେଠାରୁ ଆକଳନ କରିବା ସମ୍ଭବ ନୁହେଁ।

ନିର୍ବାଚନ ଘୋଷଣା ପରେ ରାଜ୍ୟର ପ୍ରମୁଖ ଦଳ ବିଜୁ ଜନତା ଦଳ ୧୨୮, ଭାରତୀୟ ଜନତା ପାର୍ଟି ୧୨୦ ଏବଂ କଂଗ୍ରେସ ଦଳ ୯୦ ବିଧାୟକ ବିଜୟ ହାସଲର ଯେଉଁ ଲକ୍ଷ୍ୟ ଘୋଷଣା କରିଥିଲା, ତାହା କଦାଚିତ ସମ୍ଭବ ନୁହେଁ। କାରଣ ଆସନ ବଣ୍ଟାରେ ଯେଉଁ ବାଦ ବିବାଦ, ପ୍ରତିବାଦ ଓ ବିରୋଧାଭାବ ଦେଖାଦେଇଛି, ତାହା ପ୍ରତ୍ୟେକ ଦଳକୁ ଯେ ବୁମେରାଂ ଭାବେ କାମ କରିବ, ତାହା ସ୍ପଷ୍ଟ ପ୍ରତୀୟମାନ ହେଉଛି। ଦଳର ନେତୃତ୍ୱ ନିଜର ପୁରୁଖା କର୍ମୀଙ୍କୁ ଅଣଦେଖା କରି ଅନ୍ୟ ଦଳର ପ୍ରାର୍ଥୀଙ୍କୁ ଟିକଟ ଦେବାର ପ୍ରୟାସ କରାଯାଇଛି, ତାହା କଦାପି ଫଳପ୍ରଦ ହେବନାହିଁ। ଅନ୍ୟ ଦଳର ନେତାଙ୍କୁ ଆଣିଲେ ଯେ, ତାଙ୍କ ସମର୍ଥକ ତାଙ୍କ ସହିତ ରହିବେ ଏହା ସମ୍ପୂର୍ଣ୍ଣ ଭାବେ ଅସମ୍ଭବ ଏବଂ ସେମାନେ ନିର୍ବାଚନ ସଙ୍କେତ ପରିବର୍ତ୍ତନକୁ ଗ୍ରହଣ କିଭଳି କରିବେ ତାହା ମଧ୍ୟ ଚିନ୍ତାର ବିଷୟ। ଏଭଳି ଯଦି ନିର୍ବାଚନ ପର୍ଯ୍ୟନ୍ତ ଚ଼ଲେ, ତେବେ ଦଳୀୟ ବିଜୟୀଙ୍କ ଅପେକ୍ଷା ବିଦ୍ରୋହୀ ବିଜୟୀଙ୍କ ସଂଖ୍ୟା ବୃଦ୍ଧି ପାଇବ ଏବଂ ସେମାନେ ସରକାର ଗଠନରେ ନିର୍ଣ୍ଣାୟକ ଭୂମିକା ଅବଲମ୍ବନ କରିବା ଅସମ୍ଭବ ନୁହେଁ। ତେଣୁ ପ୍ରତିଷ୍ଠିତ ଦଳ ଏଥିରୁ ନିବୃତ୍ତ ରହି ସତର୍କତାମୂଳକ ପଦକ୍ଷେପ ନେବା ନିହାତି ଆବଶ୍ୟକ।

# ଚିକିତ୍ସା ବିଜ୍ଞାନ ଇତିହାସର ଏକ ବଳିଷ୍ଠ ବ୍ୟକ୍ତିତ୍ୱ- ଡା. ସାମୁଏଲ ହ୍ୟାନିମାନ (୨)

**(ଡା ସାମୁଏଲ ହ୍ୟାନିମାନଙ୍କ ୨୭୦ତମ ଜୟନ୍ତୀ ଏବଂ ବିଶ୍ୱ ହୋମିଓପ୍ୟାଥି ଦିବସ ଅବସରରେ)**

ଡା. ରାଜେନ୍ଦ୍ର କୁମାର ଦାଶ
ଶିକ୍ଷକ
ଡା. ଅଭିନ୍ନଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ
ୟୁନିଟ୍-୩, ଭୁବନେଶ୍ୱର

ଏହାଛଡା ଅନେକ ଔଷଧର ମିଶ୍ରଣ ସମ୍ବଳିତ ଔଷଧ; ଯାହାର କାର୍ଯ୍ୟଦକ୍ଷତା ବିଷୟରେ ବିଶେଷ କିଛି ଜଣାନଥାଏ, ସେପରି ଔଷଧର ପ୍ରୟୋଗ, ଚିକିତ୍ସା ମାଧ୍ୟମରେ ରୋଗୀଙ୍କୁ ଅଧିକ କଷ୍ଟ ପ୍ରଦାନ, ଚିକିତ୍ସା ପଦ୍ଧିର ପ୍ରତିକ୍ରିୟା ଜନିତ କାରଣରୁ ନୂତନ ରୋଗ ସୃଷ୍ଟି ହେବା ଜନିତ କାରଣ ଇତ୍ୟାଦିରୁ ସେ ସେହି ଚିକିତ୍ସା ପଦ୍ଧତି ପ୍ରତି ସମ୍ପୂର୍ଣ୍ଣ ବୀତସ୍ପୃହ ହୋଇ ତାଙ୍କର ଜଣେ ଉତ୍ତମ ବନ୍ଧୁ ତଥା ତତ୍କାଳୀନ ବିଶିଷ୍ଟ ଚିକିତ୍ସାବିତଙ୍କ ନିକଟକୁ ଚିଠିଲେଖି ସେ ନିଜେ ଚିକିତ୍ସାବିଜ୍ଞାନରୁ ସବୁଦିନ ପାଇଁ ଅବ୍ୟାହିତ ନେଲେ। ସତ୍ୟକୁ ଉପଲବ୍ଧି କରି ସତ୍ୟର ଆଧାରରେ ନିଜର ଜୀବନ ଜୀବିକା ନିର୍ବାହ କରିବାକୁ ନିଷ୍ପତ୍ତି ନେଲେ। ସେ ଯେ କେବଳ ସତ୍ୟର ପୂଜାରୀ ଥିଲେ ତାହା ନୁହେଁ, ସେ ଗଭୀର ମାତ୍ରାରେ ଦରଦୀ ମଧ୍ୟ ଥିଲେ। ରୋଗ ଜର୍ଜରିତ ମନୁଷ୍ୟର କଷ୍ଟ ପ୍ରତି ସେ ଅତ୍ୟନ୍ତ ସମ୍ବେଦନଶୀଳ ଥିଲେ। ତତ୍କାଳୀନ ଚିକିତ୍ସା ପଦ୍ଧିର ପାର୍ଶ୍ୱପ୍ରତିକ୍ରିୟା ଜନିତ କୁ-ପ୍ରଭାବରେ ସେ ଗଭୀର ଭାବରେ ମର୍ମାହତ ହୋଇଥିଲେ। ଗୋଟିଏ କୁନି ଝିଅକୁ ଚିକିତ୍ସା କରିବା ସମୟରେ ସେହି ପିଲାପାଖରେ ଔଷଧଜନିତ ଜଟିଳତାକୁ ଲକ୍ଷ୍ୟକରି ସେ ଅତ୍ୟନ୍ତ ବ୍ୟସ୍ତ ହୋଇପଡିଥିଲେ ଏବଂ କହିଥିଲେ, ନାନା ମୁଁ ଏ ଛୋଟ ପିଲାଟିର ମୃତ୍ୟୁର କାରଣ ବନିପାରିବି ନାହିଁ, ସେବେଠାରୁ ସେ ସେହି ଚିକିତ୍ସା ପଦ୍ଧିକୁ ପରିତ୍ୟାଗ କରିଥିଲେ। ମାହାତ୍ମା ହ୍ୟାନିମାନ ଅତ୍ୟନ୍ତ ଭାବରେ ଈଶ୍ୱର ବିଶ୍ୱାସୀ ଥିଲେ। କୌଣସି ପରିସ୍ଥିତିରେ ସେ ଚିକିତ୍ସାର ଶ୍ରେୟ ନିଜ ଉପରକୁ ନନେଇ ସେଥିପାଇଁ ଭଗବାନଙ୍କୁ ଦାୟୀ କରୁଥିଲେ। ତାଙ୍କର ପ୍ୟାରିସ୍ ରହଣି ସମୟରେ ସେ ଏକ ଚ଼ରିବର୍ଷର ଝିଅକୁ ମୃତ୍ୟୁମୁଖରୁ ବଞ୍ଚାଇ ପାରିଥିଲେ। ସେଠିକାର ଚିକିତ୍ସକମାନେ ସେହି ଝିଅପାଇଁ ଆଶା ଛାଡିଦେବାକୁ ତାର ପିତାମାତାଙ୍କୁ ଜଣାଇଦେଇଥିବା ସମୟରେ ପିତାମାତା ଏକ ଚିତ୍ରକରଙ୍କୁ ଡାକି ଝିଅର ଶେଷ ସମୟର ଏକ ଚିତ୍ର ପ୍ରସ୍ତୁତ କରାଇଥିଲେ। ସେହି ଚିତ୍ରକରଙ୍କର ପ୍ରସ୍ତାବ ଅନୁସାରେ ସେମାନେ ହ୍ୟାନିମାନଙ୍କୁ ଡାକି ଝିଅର ଚିକିତ୍ସା କରାଇଥିଲେ। ହ୍ୟାନିମାନଙ୍କ ଚିକିତ୍ସାରେ ଝିଅଟି ସମ୍ପୂର୍ଣ୍ଣ ଆରୋଗ୍ୟ ହେବାପରେ ଦିନେ ଝିଅର ବାପା ହ୍ୟାନିମାନଙ୍କୁ ସେହି ଚିତ୍ରଟି ଦେଖାଇବା ପରେ ହ୍ୟାନିମାନ ସେହି ଚିତ୍ରର ନିମ୍ନଭାଗରେ ଲେଖିଦେଇଥିଲେ, "ଭଗବାନ ଏହାଙ୍କୁ ଆଶୀର୍ବାଦ କରି ତାଙ୍କର ଜୀବନ ରକ୍ଷା କରିଛନ୍ତି" ଏଥିରୁ ତାଙ୍କର ଗଭୀର ଈଶ୍ୱର ବିଶ୍ୱାସର ପରିଚୟ ମିଳେ। ତାଙ୍କର ଶେଷ ସମୟରେ ଥରେ ତାଙ୍କର ସ୍ତ୍ରୀ ତାଙ୍କୁ କହିଥିଲେ ତୁମେ ଏତେ ଲୋକଙ୍କୁ ଆରୋଗ୍ୟତା ପ୍ରଦାନ କରିଛ ଏବଂ ଏବେ ତୁମର କଷ୍ଟଲାଘବ ପାଇଁ ଭଗବାନଙ୍କୁ ପ୍ରାର୍ଥନା କର; ସେ ତତ୍‌କ୍ଷଣାତ୍ ଉତ୍ତର ଦେଇଥିଲେ ମୁଁ ଭଗବାନଙ୍କ ପାଖରେ ଋଣୀ, ଭଗବାନ ମୋ ପାଖରେ ଋଣୀ ନୁହଁନ୍ତି। ତାଙ୍କ ଲିଖିତ ଅନେକ ପୁସ୍ତକରେ ସେ ଅନେକଥର ଭଗବାନଙ୍କୁ ପ୍ରଶଂସା କରି କହିଛନ୍ତି ଯେ ଭଗବାନଙ୍କ କୃପାରୁ ମୁଁ ଏଥିରେ ସଫଳ ହେଲି ଇତ୍ୟାଦି। ଈଶ୍ୱରକୁ ସେ ମଙ୍ଗଳମୟ ଓ ପରମ କାରୁଣିକ ଭାବରେ ଦର୍ଶାଇଛନ୍ତି। ଏତଦ୍‌ବ୍ୟତୀତ ସେ ପ୍ରଚଣ୍ଡ ସାହସ ଓ ଧୈର୍ଯ୍ୟର ଅଧିକାରୀ ଥିଲେ। ଆର୍ଥିକ ଅନାଟନ, ସାମାଜିକ ବାସନ୍ଦ, ମାନସିକ ଯନ୍ତ୍ରଣା, ନିନ୍ଦା, ଅପବାଦ ଓ ଆଇନଗତ ବିବାଦ ପରି ସମସ୍ୟାମାନଙ୍କୁ ସେ ଅସୀମ ଧୈର୍ଯ୍ୟ ଓ ସାହାସର ସହ ସମ୍ମୁଖୀନ ହୋଇଥିଲେ। ତତ୍କାଳୀନ ଚିକିତ୍ସା ପଦ୍ଧତିର କୁ-ପ୍ରଭାବ ବିଷୟରେ ଉତ୍‌ଥାପନ କରିବା, ଔଷଧ ପ୍ରସ୍ତୁତିକାରୀଙ୍କ ଔଷଧ ବ୍ୟବହାର ନକରି ନିଜ ଔଷଧ ବ୍ୟବହାର କରିବା ଏବଂ ସର୍ବୋପରି ନୂତନ ଚିକିତ୍ସା ପଦ୍ଧିର ଉଦ୍ଭାବନ କରିବା କାରଣରୁ ସେ ଅନେକ ସମାଲୋଚନା ଓ ଯାତନାର ଶିକାର ହୋଇଥିଲେ। ତାଙ୍କୁ ଚିକିତ୍ସା କରିବାରୁ ବାରଣ କରାଯାଇଥିଲା। ତାଙ୍କୁ ନିଜ ଔଷଧ ପ୍ରସ୍ତୁତିକୁ ବାରଣ କରାଯାଇଥିଲା ଏବଂ ତାଙ୍କ ବିରୁଦ୍ଧରେ ଅନେକ କୁତ୍ସାରଟନା କରାଯାଇଥିଲା। ହୋମିଓପ୍ୟାଥି ଚିକିତ୍ସା ବିଜ୍ଞାନର ମୌଳିକ ଦର୍ଶନ ସମ୍ବଳିତ ପୁସ୍ତକ "ଅର୍ଗାନନ୍ ଅଫ୍ ମେଡିସିନ୍"ର ପ୍ରଥମ ସଂସ୍କରଣର ପ୍ରକାଶନ ପରେ ତାଙ୍କ ବିରୁଦ୍ଧରେ ଅନେକ ବିଦ୍ରୋହ ସଂଗଠିତ ହେବା ସହିତ ତାଙ୍କ ବିରୁଦ୍ଧରେ ଅନେକ ଲେଖାମାନ ପ୍ରକାଶ ପାଇଥିଲା। ସମସ୍ତ ପ୍ରକାର ସମସ୍ୟାକୁ ସେ ଅତ୍ୟନ୍ତ ଧୈର୍ଯ୍ୟ ଓ ସାହସର ସହିତ ସମ୍ମୁଖୀନ ହୋଇ ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତ ହୋଇଥିଲେ ଏବଂ ତାଙ୍କର ଯଶଗାନ ଦିଗନ୍ତ ପ୍ରସାରୀ ଥିଲା। ଚିକିତ୍ସା ବିଜ୍ଞାନର ଏକ ନୂତନ ଧାରାର ସେ ଥିଲେ ସଫଳ ମୂର୍ତ୍ତିକାର। ତତ୍କାଳୀନ ଚିକିତ୍ସା ପଦ୍ଧିରେ ରହିଥିବା ଅସଙ୍ଗତିକୁ ଅନୁଭବ କରି ହୋମିଓପ୍ୟାଥି ଚିକିତ୍ସା ପଦ୍ଧିରେ ତାହାର ପୁନରାବୃତ୍ତି ନହେବାର ଏକନିଷ୍ଠତାର ପ୍ରଭାବ ହେଉଛି ଆଜିର ପ୍ରତିକ୍ରିୟା ଶୂନ୍ୟ ହୋମିଓପ୍ୟାଥି ଚିକିତ୍ସା। ଚିକିତ୍ସା ପଦ୍ଧିକୁ ଯଥା ସମ୍ଭବ ପ୍ରଭାବୀ, ପ୍ରତିକ୍ରିୟାଶୂନ୍ୟ, ସରଳ ଓ ଦୀର୍ଘସ୍ଥାୟୀ କରିବା ନିମନ୍ତେ ତାଙ୍କର ସାରା ଜୀବନବ୍ୟାପୀ ସାଧନା ବାସ୍ତବରେ ବିରଳ। ରସାୟନ ବିଜ୍ଞାନ ପ୍ରତି ତାଙ୍କର ଅବଦାନ ଯଥେଷ୍ଟ ଅଧିକ। ଏପରିକି ତାଙ୍କର ସମାଲୋଚକମାନେ କୁହନ୍ତି ଯେ, ସେ ଯଦି ଜଣେ ସଫଳ ହୋମିଓ ଚିକିତ୍ସକ ହୋଇନଥାନ୍ତେ ସେ ନିୟମିତ ଭାବରେ ଏକ ରସାୟନ ବିଜ୍ଞାନୀ ଭାବରେ ପରିଚିତ ହୋଇଥାନ୍ତେ। ତତ୍କାଳୀନ ରସାୟନ ବିଜ୍ଞାନ ସମ୍ବଳିତ ଅନେକ ଲେଖା ପ୍ରକାଶନ ସହିନ ଅନେକ ରସାୟନ ବିଜ୍ଞାନ ପୁସ୍ତକର ଅନୁବାଦ, ଏହି କ୍ଷେତ୍ରରେ ତାଙ୍କର ଉପସ୍ଥିତିକୁ ଜାହିର କରିଥିଲା। ଅନେକ ହୋମିଓପ୍ୟାଥି ଔଷଧର ସ୍ୱତନ୍ତ୍ର ପ୍ରସ୍ତୁତି ଏପରିକି ଶଙ୍ଖୁଆ ବିଷ ପରି ଅନେକ ବିଷାକ୍ତ ପଦାର୍ଥକୁ ଅତ୍ୟନ୍ତ ପ୍ରଭାବୀ ଔଷଧରେ ପରିଣତ କରିପାରିବା ତାଙ୍କର ଏକ ବିଶିଷ୍ଟ ଅବଦାନ। ତତ୍କାଳୀନ ରସାୟନ ବିଜ୍ଞାନୀମାନଙ୍କ ସହିତ ତାଙ୍କର ସଂପର୍କ, ରସାୟନ ବିଜ୍ଞାନ ପରୀକ୍ଷାଗାରର ପରିଚ଼ଳନା, ନିର୍ଦ୍ଦିଷ୍ଟ ପଦ୍ଧିରେ ଔଷଧ ପ୍ରସ୍ତୁତି ଇତ୍ୟାଦିରୁ ତାଙ୍କର ସେହି ବିଦ୍ୟାରେ ଦକ୍ଷତାର ପରିଚୟ ଦିଏ। ନର୍ଦ୍ଦିଷ୍ଟ ଔଷଧର ଦ୍ରବ୍ୟଗୁଣ ବିଷୟରେ ସୂଚନା ଲାଭ କରିବା ନିମନ୍ତେ ସୁସ୍ଥ ମାନବ ପରୀକ୍ଷଣ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ପଦକ୍ଷେପ। ସୁସ୍ଥ ବ୍ୟକ୍ତିଟିଏ ନିର୍ଦ୍ଦିଷ୍ଟ ସୂକ୍ଷ୍ମ ମାତ୍ରାର ଔଷଧ ଗ୍ରହଣ କରିବା ପରେ ଶରୀରରେ ପ୍ରକାଶିତ ଲକ୍ଷଣ ଆଧାରରେ ରୋଗୀକୁ ଚିକିତ୍ସା କରିବାର ନୂତନ ପ୍ରଣାଳୀ ଚିକିତ୍ସା ବିଜ୍ଞାନ ଇତିହାସର ଏକ ମାଇଲଖୁଣ୍ଟ। ପଶୁମାନଙ୍କ ଉପରେ ଔଷଧ ପରୀକ୍ଷଣ ବା ବିଜ୍ଞାନଗାରରେ ଔଷଧର ଦ୍ରବ୍ୟଗୁଣ ପରୀକ୍ଷଣ ନକରି ସୁସ୍ଥମାନବ ଉପରେ ପରୀକ୍ଷିତ ଔଷଧର ବ୍ୟବହାର ବିଜ୍ଞାନ ଦୃଷ୍ଟିରୁ ଯୁକ୍ତିଯୁକ୍ତ। ଅଣୁବୀକ୍ଷଣ ଯନ୍ତ୍ରର ଅଭାବରେ ଜୀବାଣୁର ଉପସ୍ଥିତି ବିଷୟରେ ପୂର୍ବାନୁମାନ ଟୀକାକରଣର ବୈଜ୍ଞାନିକ ପୃଷ୍ଠଭୂମି ଓ ଏହାର ପ୍ରତିକ୍ରିୟାର ସଫଳ ଉପଚ଼ର, ରୋଗ ଉପରେ ଜୀବନଶୈଳୀର ପ୍ରଭାବ ସଂପର୍କିତ ଜ୍ଞାନ ଓ ତତ୍‌ସମ୍ବନ୍ଧୀୟ ସଚେତନତା, ରୋଗ ଗୁଡିକର ବର୍ଗୀକରଣ, ସ୍ୱାସ୍ଥ୍ୟକୁ ଶରୀର ଓ ମନ ମଧ୍ୟରେ ସଂହତିପୂର୍ଣ୍ଣ ସ୍ଥିତି ଭାବରେ ଉପସ୍ଥାପନ କରିବା, ଆରାଗ୍ୟତା ନିମନ୍ତେ ସ୍ୱାସ୍ଥ୍ୟର ପୁନଃପ୍ରାପ୍ତିକୁ ଗୁରୁତ୍ୱ ଦେବା ଇତ୍ୟାଦି ପରି ଅନେକ ଅବଦାନରେ ପୂର୍ଣ୍ଣ ତାଙ୍କର ଜୀବନଯାତ୍ରା। ଆଜି ତାଙ୍କର ୨୭୦ତମ ଜନ୍ମଦିବସରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ତାଙ୍କ ଜୀବନ ଦର୍ଶନରେ ଅନୁପ୍ରାଣିତ ହେବାକୁ ସମସ୍ତଙ୍କୁ ଅନୁରୋଧ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ଶ୍ରୀରାମଙ୍କ ଜନ୍ମଦିନରେ

**ନଳିନୀ ଦାଶ**

ଚଇତ୍ର ମାସର ନବମୀ ତିଥିଟି
ରାମଙ୍କ ଜନମ ଦିନ
ବିଶ୍ୱାସୀ ଆଜି ଆନନ୍ଦ ମନରେ
କରନ୍ତି ପୂଜା ପାଳନ
ଫୁଲମାଳ ନେଇ ଦୀପାଳି ଜଳେଇ
ମଥାରେ ଦେଇ ଚନ୍ଦନ
ତୁମକୁ ପୂଜିବୁ ବନ୍ଦନା ଗାଇବୁ
ହେ ପ୍ରଭୁ ରଘୁନନ୍ଦନ
ଆହେ ରଘୁପତି ତୁମନାମ ତୁଣ୍ଡେ
ଗାଇଥାଏ ଯେଉଁ ଜନ
ବିପଦ ଆପଦୁ ଉଦ୍ଧାର କରହେ
ତା ଦୁଃଖ କର ମୋଚନ
ରାମ ନାମ ପଦେ ଅମୃତ ଝରଇ
ଜୀବନ ହୁଏ ସରସ

ଅନ୍ତରେ ଭକତି କରି ଡାକୁଥିଲେ
ମଥାରେ ଢାଳ ଆଶିଷ
ଜଗତର ପିତା ପ୍ରଭୁ ରଘୁନାଥ
ସଖା ସହୋଦର ବନ୍ଧୁ
ସଞ୍ଜ ସକାଳରେ ପ୍ରାର୍ଥନା କରିଲେ
ଝରାଅ କରୁଣା ସିନ୍ଧୁ
ସତ୍ୟ ପଥେ ଯାଇ ପରଜା ପାଳିଲ
ସତ୍ୟର ପୂଜାରୀ ହୋଇ
ଭକ୍ତଙ୍କୁ ତାରିଲ ଅସୁର ବଧିଲ
ବଣରେ ଦୁଃଖକୁ ସହି
ସେତୁ ବାନ୍ଧିଥିଲ ରାବଣ ବଧିଲ
ସୀତାଙ୍କୁ ଫେରି ପାଇଲ
ଧର୍ମର ବିଜୟ ହୋଇଥିଲା ପ୍ରଭୁ
ରାମ ରାଜ୍ୟକୁ ସ୍ଥାପିଲ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ-୯୨୩୮୯୯୬୬୪୯*

# ଚାଲ ଫେରିଯିବା ଗାଁକୁ


ଶୁଭଦର୍ଶିନୀ ଦାଶ



ମିଲୁ ଆଖିରେ ନିଦ ନାହିଁ । ଅପେକ୍ଷା କରିଛି କେତେବେଳେ ରାତି ପାହିବ, କୁକୁଡ଼ା ଡ଼ାକିବ ଆଉ ସିଏ ଉଠିଯିବ । ଉତ୍କଣ୍ଠାରେ ତାକୁ ସାରା ରାତି ପାହାନ୍ତି ସକାଳ ପରି ମନେ ହେଉଛି । କୁକୁଡ଼ା କାହିଁକି ଡାକୁନାହିଁ ବୋଲି ତାକୁ ମନେ ମନେ ଅଳସୁଆଟା କହି ଗାଳି ଦେଉଛି । ମନରେ ଭରିରହିଛି ବ୍ୟାକୁଳତା, ବାପା ଓ ମାଆଙ୍କ ସହ ରାଜଧାନୀ ଯିବ । ବାପା ଆଗରୁ କେତେଥର ନେବେ ନେବେ କହି ନେଇ ନାହାନ୍ତି । କାହିଁକି ନେଉନ ବୋଲି ପଚାରିବାରୁ ନିଜ ଅକ୍ଷମତା ଲୁଚାଇବା ଆଳରେ ମିଛ କହିଦିଅନ୍ତି, ତୁ ଗାଢ଼ ନିଦରେ ଶୋଇଥିଲୁ, ମୁଁ ଡାକିଡାକି ଗାଡି ସମୟ ହୋଇଗଲା ତେଣୁ ଚାଲିଗଲି । ସେଥିପାଇଁ ଏଥର ପଣ କରିଛି ଆଉ ସେ ଭୁଲ୍ ତାର ହେବ ନାହିଁ । ରାଜଧାନୀ ଯିବ ପୂର୍ବ ପ୍ରସ୍ତୁତି ବି ସାରିଛି । ସେଠି ସବୁ ବଡ଼ବାବୁ, ଖାଲି ପାଦରେ କେମିତି ଚାଲିବ ଗାଁରେ ଚଳିଯାଉଥିଲା । ସମସ୍ତେ ନିଜ ଲୋକ କିଏ ଦାଦା କିଏ ମାଉସୀ ତେଣୁ ପୂର୍ବ ଦିନ ହାଟରୁ ହଳେ ଚପଲ ଆଉ ଦୁଇଟି ବିସ୍କୁଟ ପକେଟ କିଣି ଆଣିଛି । ଗାଡ଼ିରେ ଆଉ ସିଏ ନଳୀ ପାମ୍ପଡ଼ ଖାଇବନାହିଁ । କାଳେ ଲୋକମାନେ ଗାଉଁଲି କହିବେ । ତେଣୁ ସିଏ ଭୋକ ଲାଗିଲେ ବିସ୍କୁଟ ଖାଇବ । ପୁରାପୁରି ସହରୀ ପିଲାଙ୍କ ପରି ଚଳିବ । ନହେଲେ ସହରୀ ପିଲାମାନେ ତାକୁ ସାଙ୍ଗ କରିବେନାହିଁ । ଅଧା ରାତିରୁ ଉଠିପଡ଼ି ନିତ୍ୟକର୍ମ ସାରି ପୁରା ପ୍ରସ୍ତୁତ ହୋଇଯାଇଛି । ବାପା ବାହାରୁ ବାହାରୁ ଦୌଡ଼ିଯାଇ ସାଙ୍ଗ ମାନଙ୍କୁ କହି ଆସିଛି । ଏସନ୍ତୁ ସିଏ ସେଇଠି ପଢିବ । ବାପା ସେଇଠି ସବୁଦିନ ହାଟକୁ ଯାଆନ୍ତି । ସିଏବି ତାଙ୍କ ସହିତ ଯିବ । ମନଲାଖି ଜିନିଷ କିଣିବ, ତେଣୁ ଖୁସି କହିଲେ ନସରେ । ବାଟରେ ଯାଉ ଯାଉ ଖୁସିହୋଇ ବାପାଙ୍କୁ ଅନେକ ପ୍ରଶ୍ନ ପଚାରି ଚାଲିଛି, ବାପାବି ହୁଁ ହାଁ ହୋଇ ତାକୁ ଉତ୍ତର ଦେଉଛନ୍ତି । ବାପା ଯେହେତୁ ବାହାରେ ରହି କାମ କରନ୍ତି ତେଣୁ ମାଆ ସାଙ୍ଗରେ ଘର କାମ ଟିକେ ଟିକେ ବୁଝାବୁଝି କରୁକରୁ ଭାରି ଦାୟିତ୍ୱ ସମ୍ପର୍ଣ୍ଣ ହୋଇଯାଇଥିଲା ।

ବାପାଙ୍କ ଗୋଡ଼ଟି ଟିକେ ଛୋଟା । ଏକା କାମକରି ଘର ଚଳାଇ ନପାରିବାରୁ ଏଥର ତା ମାଆକୁ ସାଙ୍ଗରେ ଆଣିଛନ୍ତି । ଯେମିତି ହେଉ କଷ୍ଟ କରି ପୁଅଟାକୁ ମଣିଷ କରିବେ । ତାକୁ ମାମୁଁ ଘରେ ଛାଡ଼ି ଆସିବା କଥା, ହେଲେ ଜିଦ୍ କରି ଆସିଛି ସାଙ୍ଗରେ ରହିବ । ପହଞ୍ଚୁ ପହଞ୍ଚୁ ରାତି ହୋଇ ଯାଇଥିଲା । ଗାଡ଼ିରୁ ଓହ୍ଲାଇ ସହରର ଚକାଚକ ରୂପ ସାଙ୍ଗକୁ ଧାଡିଧାଡି ଆଲୋକ ସଜା ଦେଖି ମାଆକୁ ପଚାରୁଛି, ଆମେ କ'ଣ ତାରାଙ୍କ ପାଖରେ ପହଞ୍ଚି ଗଲେ ! ଏଠି ତ ଦିନ ରାତି ସବୁ ସମାନ । ଗାଁରେ ସୂର୍ଯ୍ୟ ଅସ୍ତ ହୋଇଗଲେ ଚାରିଆଡେ ଅନ୍ଧାର । ଜଙ୍ଗଲରୁ ବିଲୁଆ ରଡ଼ି ଛାଡୁଥିବ, ଟିକେ ବର୍ଷା ହେଲେ କାଦୁଅ ରାସ୍ତା ସାଙ୍ଗକୁ ଚାରିଆଡେ ବେଙ୍ଗ ରଡ଼ି । ବାପା ସତରେ ତମେ କେତେ ବଡ଼ ଜାଗାରେ ରହୁଛ । ଏମିତି କିଛି ଗପି ଗପି ଯେତେବେଳେ ବସ୍ତିରେ ରହୁଥିବା ଭଡା ଘର ପାଖରେ ପହଞ୍ଚିଲେ ପୁଣି ବାପାଙ୍କୁ ତା'ର ପ୍ରଶ୍ନ ବାପା ଏଇଟା କ'ଣ ଆମ ଘର ? ଆଉ ସେଇ ବଡ଼ ବଡ଼ ଘର କାହାର ? ବାପା ତାକୁ କ'ଣ ଆଉ କହିଥାନ୍ତେ, ହଉ ତୁ ଶୋଇଯା କାଲିକି କଥା ହେବା, ରାତି ଅନେକ ହେଲାଣି । ସହରରେ ନୂଆ ସକାଳ । ମାଆ ଓ ବାପା ଦୁହେଁ କାମର ସନ୍ଧାନରେ ବାହାରିଲେ । ମିଲୁକୁ ଏକୁଟିଆ କେଉଁଠି ଅବା ଛାଡି ଯିବେ ତେଣୁ ତାକୁ ଉଠାଇଲେ ସାଙ୍ଗରେ ନେଇଯିବେ । ରାତିରେ ଘରେ ରୋଷେଇ ହୋଇନାହିଁ ତେଣୁ ଖାଇବାକୁ କି ଟିଫିନ୍‌ରେ ନେବାକୁ ଘରେ ଭାତ ନାହିଁ । ଆସିଲା ବେଳେ ଗାଁରୁ ଚୁଡା ଗଣ୍ଡେ ଆଣିଥିଲେ ତାକୁ ପୋଷେ ପୋଷେ ଖାଇ ଟିଫିନ୍‌ରେ କିଛି ଶୁଖିଲା ଚୁଡା ଆଉ ଗୁଡ଼ ପୁରାଇ ବାହାରିଲେ କାମକୁ । ହେଲେ ହାଟରେ ବସି ବସି କାମ ନପାଇ ଘରକୁ ଫେରିଲେ । ଏମିତି ଏମିତି ଦୁଇ ତିନି ଦିନ ହେଲା କାମ ମିଳୁନଥାଏ । ଗାଁରୁ ଆସିଲା ବେଳେ କଣ୍ଟ୍ରୋଲ ଚାଉଳ, ଭତା ପଇସା କିଛି ଆଉ ଚାରି ପାଞ୍ଚୋଟି କୁକୁଡ଼ା ରଖିଥିଲା ମିଲୁର ମାଆ । ତାକୁ ବିକ୍ରି କରି କିଛି ପଇସା ଧରି ଆସିଥିଲେ, ସେଇଥିରେ ଚାଲିଥାଏ ସଂସାର । ତିନି ଚାରିଦିନ ପରେ ମିଲୁ ହଠାତ୍ ପଚାରିଲା ବାପା ସବୁଦିନ ହାଟକୁ ଯାଉଛ ବୋଲି କହୁଛ ହେଲେ ସେଠିତ କାହିଁ କିଛି ବିକ୍ରି ହେଉନି, ଖାଲି ଢେର ସାରା ଲୋକ ଯାଉଛନ୍ତି କିଛି ଲୋକ ଅଟୋରେ ଯାଉଛନ୍ତି ଆଉ କିଛି ଆମ ପରି ବସିବସି ଫେରି ଆସୁଛନ୍ତି । ବାପାଙ୍କ ସାଙ୍ଗରେ ଗାଁ ହାଟକୁ ଯାଇ ସଉଦା କିଣିବା ସମୟରେ ଅନେକ ବାର ତା ମନରେ ପ୍ରଶ୍ନ ଆସିଛି ବାପା କିଛି ବିକ୍ରି କରନ୍ତିନାହିଁ ତେବେ ହାଟକୁ କ'ଣ ଆଣିବା ପାଇଁ ସବୁଦିନ ଯାଆନ୍ତି । ଗାଁରେ ସିନା ଉତ୍ତର ପାଉନଥିଲା ହେଲେ ଆଜି ବାପା ତାକୁ ବୁଝାଇ ଦେଲେ, ଏ ହାଟ ସଉଦା ହାଟ ନୁହେଁ । ଏ ହେଉଛି ମଣିଷ ହାଟ, ତୁ ଯେମିତି ବିସ୍କୁଟ ସାରିବା ଯାଏଁ ଜରିଟା ସାଇତି ରଖିଥିଲୁ ଆଉ ଖାଇସାରି ଜରି ଫିଙ୍ଗିଦେଇଥିଲୁ ଠିକ୍ ସେମିତି । ଯେଉଁମାନେ ଅଟୋରେ ଚଢି ଯାଉଛନ୍ତି ସେମାନଙ୍କୁ ପଇସା ଦେଇ କାମ କରାଇବାକୁ ନେଇଯାଉଛି ମାଲିକ । କାମ ସାରିବା ଯାଏଁ ଖୋଜିବ ତାପରେ ଆମର ଆଉ କିଛି ଆବଶ୍ୟକ ରହେନାହିଁ । କାଲି ରାତିରେ ଯେଉଁ ବଡ଼ଘର କଥା ପଚାରୁଥିଲୁ ସେଇଟା ଜଣେ ବଡ଼ ବାବୁଙ୍କର । ତାକୁ ମୁଁ ଆଉ କିଛି ମିସ୍ତ୍ରୀ ଭାଇ ମିଶି ତିଆରି କରିଥିଲୁ । ଏମିତି ଅନେକ ଘର ତିଆରି କରିଛୁ, କରି ସାରିବା ପରେ କେହି ଆମ କଥା ମନେ ପକାନ୍ତି ନାହିଁ । ଘର ପୂଜାକରି ଭୋଜି ଭାତ କରନ୍ତି ହେଲେ କେବେ ଆମକୁ ଖୁସି ହୋଇ ମିଠାଟେ ଯାଚନ୍ତି ନାହିଁ । ମୁଁ ଆଗରୁ ଗୋଟେ ମାଲିକ ପାଖରେ ରହୁଥିଲି । ନିଇତି କାମ ପାଇ ଯାଉଥିଲି । ହେଲେ ଯେବେଠାରୁ କାମ କରିବା ସମୟରେ ଛାତରୁ ଖସି ଗୋଡ଼ ଛୋଟା ହୋଇଗଲା ମାଲିକ ମୋତେ ନେବାକୁ ଅମଙ୍ଗ ହେଲା । ଠିକ୍ ତୁ ଯେମିତି ଚକଚକିଆ ଜରି ଦେଖି ବିସ୍କୁଟ କିଣୁ ଆମେ ବି ସେମିତି । ଏଇଠି ପରଖା ହେଉ କିଏ ଛୋଟା, ବୁଢା, ଇତ୍ୟାଦି ଇତ୍ୟାଦି ଦେଖି ବିକ୍ରି ହେଉ । ସେଥିପାଇଁ ଏହାକୁ ମଣିଷ ହାଟ ବୋଲି କୁହାଯାଏ । ହେଲେ ବାପା, ଗାଁରେ ମାଆ ସୀତା ଖୁଡି ଘର ଖାଲି ମାଟି ନେସିଦିଏ ବୋଲି ସିଏ ତାକୁ ସବୁ ଭୋଜି ଭାତ, ପୂଜା ପରବରେ ଡାକି ଖାଇବାକୁ ଦିଅନ୍ତି । ବାଟରେ ଯେଉଁଠି ଦେଖିଲେ ଭଲମନ୍ଦ ପଚାରି ବୁଝନ୍ତି । ଆଉ ରିଙ୍କୁ ବାପା ନିଜ ବିଲରେ ଯାଇ କାମ କରନ୍ତି । ସ୍କୁଲସାର ଦିନେ ବିଲ ବାଟ ଦେଇ ଘରକୁ ଯାଉଥିଲେ । ରିଙ୍କୁ ବାପାଙ୍କୁ ବିଲରେ ଦେଖି ପଚାରିଲେ ଏ ବିଲର ମାଲିକ କିଏ ? ସିଏ ବଡ଼ ଜୋର୍‌ରେ କହୁଥିଲେ ଏଇଟା ମୋର, ମୁଁ ଏହାର ମାଲିକ । ବାପା ତାର ପ୍ରଶ୍ନକୁ ବନ୍ଦ କରିବାକୁ ଯାଇ ମୁଁ ଟିକେ ଆସୁଛି କହି ଚାଲିଗଲେ । ଏମିତି ଏମିତିରେ ଗୋଟିଏ ମାସ ବିତିଗଲା । ମିଲୁକୁ କିନ୍ତୁ ଆଉ ଭଲ ଲାଗୁନଥାଏ ସହରର ଘୋଘା ଭିତରେ ଏକୁଟିଆ ହୋଇ ରହିବାକୁ । ଦିନେ ସନ୍ଧ୍ୟା ବେଳେ ବସୁବସୁ ତାର ମନେପଡିଗଲା ଜେଜ କହିଥିବା କଥାଟି । ଉଠିଯାଇ ବାପାଙ୍କୁ ପଚାରିଲା ବାପା ଜେଜ କହୁଥିଲା ଆମରବି କିଛି ବିଲ ଅଛି । ଆମେ କ'ଣ ଗାଁକୁ ଯାଇ ଆମ ବିଲରେ ଖଟିଲେ ହେବନି ? ରିଙ୍କୁ ବାପାଙ୍କ ପରି ଚାଷ କରିବା, ମୁଁ ଆଉ ମାଆ ତମକୁ କାମରେ ସାହାଯ୍ୟ କରିବୁ । ମୁଁ ତମକୁ କଥା ଦେଉଛି ଭଲ ପାଠପଢି ଭଲ ମଣିଷ ହେବି । ଗାଁରେ ସମସ୍ତେ ଆମ ନିଜର ଲୋକ । ସମସ୍ତେ ଆମକୁ ଭଲ ପାଆନ୍ତି । ଭୋଜି, ଭାତ, ପୂଜା ପର୍ବାଣୀରେ ଆମେ ମିଳିମିଶି କାମ କରନ୍ତି, କେତେ ଭଲ ଲାଗେନା । ଘରେ ପରିବା ନଥିଲେ ମାଆ ଦାଦି ଘର ବାଡିରୁ ଶାଗ ଆଣି ରାନ୍ଧିଦେଉଥିଲା । ହେଲେ ଏଠି ତ ସେମିତି କିଛି ନାହିଁ । ଉପାସ ଶୋଇଗଲେବି କେହି ପଚାରିବାକୁ ନାହାନ୍ତି । ମାଆକୁ ଜ୍ୱର ହେଲେ ସିଏ ରାନ୍ଧି ନପାରିଲେ ନାନି ଭାତ ଆଣି ଦେଉଥିଲେ । ପିକୁ ବାପା ଦୋକାନରୁ ମୁଁ ଔଷଧ ନେଇ ଆସିଥିଲି । ମାଆ ଭଲ ହୋଇସାରି ପଇସା ଦେଇଥିଲା । ଆଉ ଏଇଠି ଆମକୁ ପଚାରେ କିଏ । ସେଦିନ ଟିଭି ନ୍ୟୁଜ୍‌ରେ ଦେଉଥିଲା ଦାଦନର ଦୁର୍ଦ୍ଦିନ । ଆମେମାନେ କ'ଣ ସେଇ ଦାଦନ । ସେଥିପାଇଁ ଏ ବାହାର ଜାଗାରେ ଦୁର୍ଦ୍ଦଶା ଭୋଗୁଛେ । ଗପୁଗପୁ ମିଲୁ ଆଖିକୁ ନିଦ ଆସିଯାଇଥିଲା । ମିଲୁ କଥାରୁ ବାପା ବୁଝି ଯାଇଥିଲେ ତାକୁ ଆଉ ଏଠାରେ ଭଲ ଲାଗୁନାହିଁ । ସିଏ ଗାଁକୁ ମନେ ପକାଉଛି । ସିଏ ଅଳ୍ପ ଦିନରେ ବୁଝି ଯାଇଛି ଏଠି କେହି କାହାର ନୁହଁନ୍ତି । ହଠାତ୍ ଅଧ ରାତିରେ ଉଠିପଡିଛି ମିଲୁ । ଆଉ କାନ୍ଦି ଉଠି ବାପାଙ୍କୁ କହୁଛି ଏଇଠି କିଛି ଆମର ନୁହେଁ କି କେହି ଆମର ନୁହଁନ୍ତି ତେଣୁ ଆମେ କାଲି ଆମ ଲୋକଙ୍କ ପାଖକୁ ଫେରିଯିବା, ଆମ ନିଜ ଘରକୁ, ଆମ ଗାଁକୁ ।

*ଭୁବନେଶ୍ୱର*
*ମୋ- ୮୨୮୦୩୧୧୦୦୦*



# ଶ୍ରୀରାମ ଜନ୍ମ ତଥା ରାମ ନବମୀ





**ସୁବାସ ଚନ୍ଦ୍ର ତାରିଣୀ**

ଥିଲା ମଧୁମାସ ସାଥେ ଶୁକ୍ଳପକ୍ଷ
ପୁନର୍ବସୁ ଋକ୍ଷ ଭୋଗ,
ନବମୀ ତିଥିରେ କର୍କଟ ରାଶିରେ
ହୋଇଥିଲା ଯହିଁ ଯୋଗ ।

ଆକାଶରେ ଦେବ, ପୁଷ୍ପ ବୃଷ୍ଟି କଲେ
ସୁଗନ୍ଧ କୌଶଲ୍ୟା ବାସ,
ବହଇ ଶୀତଳ ପବନ ଆକାଶେ
ରାଣୀଙ୍କ ମନ ହରଷ ।

ଆକାଶରେ ସୃଷ୍ଟି ଦୁନ୍ଦୁଭିର ସ୍ୱନ
ଏଇତ ଶୁଭ ସମୟ,
କୌଶଲ୍ୟା ଉଦରୁ ପ୍ରଭୁ ହେଲେ ଜାତ
ଧରଣୀ ହେଲା ନିର୍ଭୟ ।

ସର୍ବ ସୁଲକ୍ଷଣ ଦେହେ ଅଛି ପୂର୍ଣ୍ଣ
କୋଟି ସୂର୍ଯ୍ୟ ସମକାନ୍ତି,
ନୀଳୋତ୍ପଳ ସମ ବେନି ଚକ୍ଷୁ ଦିଶେ
ଦୂର୍ବାଦଳ ରୂପକାନ୍ତି ।

ଅପୂର୍ବ କୁମର ଅତି ସୁକୋମଳ
ଆଜାନୁ ଲମ୍ବିତ ବାହୁ,
ଚରଣ ଜିଣଇ ନବପଲ୍ଲବକୁ
ଓଠରୁ ଝରଇ ମହୁ ।

ସମାନ ନୁହଁଇ କୋଟିଏ କନ୍ଦର୍ପ
ରୂପ କାନ୍ତି ପ୍ରଭୁଙ୍କର,

ପାଞ୍ଚ ଶୁଭଗ୍ରହ ଉଚ୍ଚସ୍ଥାନେ ଥିଲେ
ଶୁଭ କାଳ ଜନ୍ମିବାର ।

ପବିତ୍ର ଚଇତ୍ର ଶୁକ୍ଳ ନବମୀଟି
ଅଟେ ପୀୟୂଷ ଦିବସ,
ଶ୍ରୀରାମ ଚନ୍ଦ୍ରଙ୍କ ଶୁଭ ଜନ୍ମଦିନ
ପାଳନ୍ତି ଭକ୍ତେ ହରଷ ।

ବାସନ୍ତିକ ପୂଜା ଅଟେ ନବରାତ୍ରୀ
ଅନ୍ତିମ ଦିବସ ଏହି,
ଶ୍ରୀରାମ ନବମୀ ନବ ଦିନ ବ୍ୟାପି
ପାଳନ୍ତି ଭକତ ଭାଇ ।

ଗ୍ରନ୍ଥ ପାରାୟଣ ହୁଏ ପ୍ରବଚନ
ରାମ କଥା ଅହରହ,
ଶୁଦ୍ଧ ପୂତ ଚିତ୍ତେ ପାଳନ୍ତି ଭକତେ
ମନେ ରଖି ଭକ୍ତି ମୋହ ।

ଅନାବିଳ ପ୍ରେମେ ରଖିଣ ଶ୍ରୀରାମେ
ପକ୍ୱ ଫଳ ପୂଜା ଦେଇ,
ପ୍ରପାନକ ହୁଏ ଶ୍ରୀଫଳ କଦଳୀ
ନବାତ ଅଙ୍ଗୁର ଥାଇ ।

ଆଜିର ସମାଜ ବହୁ ସଚେତନ
ପର୍ବ ପର୍ବାଣୀ ପାଳନେ,
ଧାର୍ମିକ କାର୍ଯ୍ୟରେ ଦରିଦ୍ର ସେବାରେ
ସମୟ ଦିଅ ଜୀବନେ ।

ଆହେ ଯୁବପିଢି ସଚେତନ ହୁଅ
ଧର୍ମ କାର୍ଯ୍ୟେ ମନ ଦିଅ,
ମଙ୍ଗଳ ହୋଇବ ପାପ ନାଶଯିବ
ଶ୍ରୀରାମ ଆଶିଷ ନିଅ ।

*ତୁଳସୀପଲ୍ଲୀ, ଭଞ୍ଜନଗର, ଗଞ୍ଜାମ*
*ମୋ- ୯୫୮୩୨୪୬୯୭୦*



# ଶ୍ରୀରାମ ନବମୀ

**ନିକୁଞ୍ଜ କୁମାର ଘୋଷ**

ଶ୍ରୀରାମ ନବମୀ ହିନ୍ଦୁ ମାନଙ୍କର
ମହାନ ପର୍ବରେ ଜଣା
ସଂସାର ଭିତରେ ଶ୍ରୀରାମଙ୍କୁ ଖୋଜି
ମତି ମୋର ବାଟ ବଣା

ପୁରୁଷେ ଉତ୍ତମ ପୁରୁଷୋତ୍ତମ ସେ
ଜଗତେ ହୁଅନ୍ତି ଗଣା
ରାମଙ୍କର ଗାଥା ପବିତ୍ର ଦିବସେ
ସଭିଙ୍କୁ ଅଟଇ ଜଣା

ପିତୃ ଭକ୍ତି ଧର୍ମ ଶ୍ରୀରାମ ଚରିତ୍ର
ଜଗତେ ଏହା ବିଦିତ
ରାଜ୍ୟ ହିତେ ରାଜା ରହିଥାଇ ସଦା
ନେଉଥାନ୍ତି ପ୍ରଜା ମତ

ପିତୃସତ୍ୟ ପାଳି ବନବାସେ ରାମ
ଚଉଦ ବରଷ ଗଲେ
ପତ୍ନୀ ସୀତା ସଙ୍ଗେ ପଞ୍ଚବଟୀ ବନେ
ପତି ଧର୍ମେ ରହିଥିଲେ

ସତ୍ୟର ସାରଥୀ ଜୀବନ ରଥରେ
କରିଥିଲେ ସିଏ ପଣ
ମାତା ସୀତାଙ୍କୁ ସେ ଲଙ୍କାରୁ ଉଦ୍ଧାରି
ନାଶିଲେ ଦୁଷ୍ଟ ରାବଣ

ଚୈତ୍ର ଶୁକ୍ଳପକ୍ଷେ ନବମୀ ତିଥିରେ
ରାମ ଚନ୍ଦ୍ର ଜନମିଲେ
ସେଇ ଦିନଟିକୁ ମରତରେ ଜନ
ରାମ ନବମୀ ପାଳିଲେ

ଏହି ଦିବସରେ ଗାଇ ରାମ କୀର୍ତ୍ତି
ସାହିତ୍ୟର ମନ ବଢେ
ଶୁଣିବା ଲୋକର ଜୀବନ ଗାଡିଟି
ସୁଖ ସୁଢଳରେ ଗଢେ

ଶ୍ରୀରାମ ନବମୀ ପବିତ୍ର ଦିବସେ
ଆନନ୍ଦରେ ବିତିଯାଏ
ରାମଙ୍କର ଦେଶେ ଖୁସି ମୁଁ ଜନମି
ଜୟ ରାମ ଜୟ ଗାଏ ।

*ମାଧବପୁର, ଲକ୍ଷ୍ମଣନାଥ, ଜଳେଶ୍ୱର, ବାଲେଶ୍ୱର, ଓଡ଼ିଶା*
*ମୋ-୮୦୯୩୬୩୦୭୫୬*

# ରାମ ନବମୀ

**ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ**



ଶ୍ରୀରାମ ନବମୀ ଆସିଅଛି ଆଜି ଶାଶ୍ୱତ ବାରତା ନେଇ
ନାଚନ୍ତି ସରବେ ମହା ଆନନ୍ଦରେ ରାମ ନାମାମୃତ ପିଇ,
ପୁଣ୍ୟ ଅଯୋଧ୍ୟାରେ ଏ ଶୁଭ ଲଗନେ ଅବତରିଥିଲେ ପ୍ରଭୁ
ହସି ଉଠିଥିଲା ସସାଗରା ଧରା ପୁଷ୍ପ ବର୍ଷିଥିଲା ନଭୁ,
ସେହି ପ୍ରିୟ ପ୍ରଭୁ ପୁରୁଷୋତ୍ତମ ଯେ ହୋଇ ପ୍ରତିପ୍ରାଣ କେନ୍ଦ୍ର
ପିତୃସତ୍ୟ ପାଳି ସାଜି ବନବାସୀ ରଖିଗଲେ କୀର୍ତ୍ତିଚନ୍ଦ୍ର,
ଆଦର୍ଶ ପ୍ରତିଷ୍ଠା ଥିଲା ତାଙ୍କ ଚେଷ୍ଟା ସତ୍ୟରକ୍ଷା ଥିଲା ପଣ
ଦୟା କ୍ଷମା ଗୁଣେ ହୋଇ ବିଭୂଷିତ ପାଳୁଥିଲେ ପ୍ରଜାଗଣ,
ପିତା ମାତା ଗୁରୁ ଦେବତା ବ୍ରାହ୍ମଣ ପୂଜୁଥିଲେ ନିରନ୍ତର
କରୁଥିଲେ ସେତ ସଦ୍ ବିନିଯୋଗ ମୂଲ୍ୟବାନ ସମୟର,
ଯଶ ଗଉରବ ମାନ ସନମାନ ଦେଉଥିଲେ ପାଦେ ଠେଲି
ପ୍ରିୟ ଭକତଙ୍କୁ ଭାବି ଆପଣାର ନେଉଥିଲେ ହୃଦେ ତୋଳି,
ବୀର ହନୁମାନ ହୋଇଲେ ଅମର ତାଙ୍କ ପାଶେ ମନ ଥାପି
ଦସ୍ୟୁ ରତ୍ନାକର ବାଲ୍ମିକୀ ସାଜିଲେ ତାଙ୍କ ନାମ ଜପି ଜପି,
ଦୈତ୍ୟ ଦଶାନନ ହୋଇଲା ନିଧନ ତାଙ୍କ ଦିବ୍ୟ ପରାକ୍ରମେ
ଶାନ୍ତି ଶଙ୍ଖଧ୍ୱନି ନିନାଦିତ ହେଲା ଏ ପୁଣ୍ୟ ମରତ ଧାମେ,
ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ ସିଏ ତ୍ରେତୟା ଯୁଗରେ ଆସି
ମାନବ ତନୁରେ କରି ଲୀଳା ଖେଳା ଢ଼ାଳିଥିଲେ କୃପା ରାଶି,
ଥିଲେ ସେ ସୁପୁତ୍ର ଥିଲେ ଶ୍ରେଷ୍ଠ ଭ୍ରାତା ଥିଲେ ଯୋଗ୍ୟ ପତିଦେବ
ଆଦର୍ଶ ଜନକ ଭାବେ ସୁବିଦିତ କେ ତାଙ୍କ ଉପମା ଦେବ,
ଏ ମର୍ତ୍ତ୍ୟ ମଣ୍ଡଳେ ଥିଲେ ସିଏ ଶ୍ରେଷ୍ଠ ପ୍ରଜାନୁରଞ୍ଜକ ରାଜା
ରାଜ୍ୟ ଶାସନରେ ହୋଇ ନିରପେକ୍ଷ ତେଜି ଥିଲେ ନିଜ ଭାର୍ଯ୍ୟା,
ପିତା ଦଶରଥ ମାତା କୌଶଲ୍ୟାଙ୍କ ଥିଲେ ସେତ ପ୍ରାଣଧନ
ଦେବତ୍ୱର ଦିବ୍ୟ ପରଶରେ ସିଏ ଜିଣିଥିଲେ କୋଟି ମନ,
ଧରାପରେ ଏବେ ନାହାନ୍ତି ଯେ ରାମ ଅଛି ତାଙ୍କ କୀର୍ତ୍ତି ରାଜି
ତାଙ୍କ ସୁକର୍ମର ପ୍ରତିଟି ଅଧ୍ୟାୟ ମନେ ପଡ଼ିଯାଏ ଆଜି,
ଜନମ ଦିନରେ ଭକତି କୁସୁମେ ପୂଜି ପ୍ରଭୁ ଆତ୍ମାରାମେ
ରାମରାଜ୍ୟ ସ୍ୱପ୍ନ କରିବା ସାକାର ଆମରି ଆଦର୍ଶ କାମେ,
ସବୁ ଦୁଷ୍ଟ ଶକ୍ତି ଅପସରି ଯାଉ ବିଶ୍ୱ ହେଉ ରାମମୟ
ମାନବିକତାର ଶାଶ୍ୱତ ପରଶେ ଧରମର ହେଉ ଜୟ ।

*କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର*
*ମୋ- ୮୫୯୪୮୮୫୮୯୮*

# ତତେ ଖୋଜୁଅଛି ଆମରି ରିୟା

**ସୁରମା ମିଶ୍ର**





ଘରଚଟିଆ ମୁଁ ତତେ ଦେଖୁନି
କିଚିରି ମିଚିରି ସ୍ୱର ଶୁଭୁନି
ଉଡୁନାହୁଁ ଆଉ ତୁ ଡେଣା ଝାଡ଼ି
କେଉଁ ରାଇଜକୁ ଗଲୁରେ ଉଡ଼ି

ଗଛ ସବୁ ଏବେ କଟା ହେଉଛି
ଚାଳ ଘର ଗୁଡ଼ା ଲୋପ ପାଉଛି
କଅଣ ଖାଇବୁ କେଉଁଠି ରହିବୁ
ସେଇ ଅସୁବିଧା ତୋର ହେଉଛି

ବସା ଗଢୁଥିଲୁ ତୁ ଚାଳ ଘରେ
ସେପାଇଁ ଘରଚଟିଆ ନାମରେ
ପିଲାମାନେ ତୋତେ ଭଲ ପାଆନ୍ତି
ଶସ୍ୟ ଦାନା ତୋ ଆଗରେ ପକାନ୍ତି

ଟିକି ଟିକି ଗୋଡ଼େ ତୁ ଡେଉଁ ଥାଉ
ଥଣ୍ଟରେ ତୋ ଦାନା ଖୁଣ୍ଟିଣ ନେଉ
ବସାରେ ଶାବକ ଥାଆନ୍ତି ଚାହିଁ
ତାଙ୍କ ତୁଣ୍ଡେ ଦାନା ଦେଉରେ ନେଇ

ପରିବେଶ ସଫା ରଖିବା ପାଇଁ
ସବୁ ଦାନାକୁ ତୁ ନେଉ ଗୋଟାଇ
ଛୋଟ ପକ୍ଷୀଟିଏ ସିନାରେ ତୁହି
କେତେ ଭଲ ଗୁଣ ଅଛିରେ ରହି

ଫେରି ଆ ଫେରି ଆ, ଆରେ ଆ
ତତେ ଖୋଜୁଅଛି ଆମରି ରିୟା
କିଚିରି ମିଚିରି ଗାଆ ତୁ ଗୀତ
ରିୟା ତୋ ସାଙ୍ଗରେ ବସିବ ମିତ

ତୋ ଠାରୁ ଶିଖିବ ବହୁତ କଥା
ଦେଶ ଦୁନିଆକୁ ଦେବ ବାରତା
ପରିବେଶ ସଫା ରଖିବା ପାଇଁ
ସଭିଙ୍କୁ ବୁଝାଇ ଦେବ ସେ ଯାଇ ।

*ବିଏଲ ୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଚଇତର ଝାମୁ ଯାତରେ

**ପ୍ରଫୁଲ୍ଲ କୁମାର ସାହୁ**



ଚଇତି ମଲ୍ଲୀର ହସରେ
ଭୁରୁ ଭୁରୁ ତା'ର ବାସରେ
ସବୁରି ମନରେ ଆନନ୍ଦ ଖେଳାଏ
ବସନ୍ତ ତା' ଶେଷ ମାସରେ । ୧

ଚଇତାଳି ବାଆ ସାଥିରେ
ଦେଖରେ ପିଲାଏ ମାତିରେ
ପରୀକ୍ଷା ଶେଷରେ ହୋଇ ଏକମେଳ
ଯାତ ଦେଖିଯା'ନ୍ତି ରାତିରେ । ୨

ଟାଣ ଖରା ପାଇଁ ଦେଖରେ
ଭିଡ଼ ହୁଏ ପାଣି ପାଖରେ
ଗାଧୋଇବା ପାଇଁ ପୋଖରୀ ତୁଠରେ
ଏକଜୁଟ ଗାଆଁ ଲୋକରେ । ୩

ତରଭୁଜ ଦେଖି ବଜାରେ
ସଭିଏଁ କିଣନ୍ତି ମଜାରେ
ଖରା ପାଇଁ ତରଭୁଜର ଆଦର
ଫଳ ଭିତରେ ସେ ରଜାରେ । ୪

ପଣା ପାଇଁ ବେଲ କିଣିରେ
ସାଥିରେ ଘରକୁ ଆଣିରେ
ଛେନା ଗୁଡ଼ କ୍ଷୀର କଦଳୀ ମିଶାଇ
ପିଇବାଟି ମନ ଜାଣିରେ । ୫

ଚଇତରେ ଝାମୁ ଯାତରେ
ଝାମୁ ଚାଲେ ନିଆଁ ଭିତରେ
ଭକତଙ୍କ ମେଳେ ଶୁଭେ ହରିବୋଲ
ହୁଳହୁଳି ଏକା ସାଥିରେ । ୬

*ଯଦୁ ମାଳତୀ କୃପା ନିବାସ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ-୭୫୪୨୦୭*
*ମୋ-୭୬୦୯୦୪୪୩୮୩*



# ଫେନ୍ଥା ଫେନ୍ଥା ଲିମ୍ବକଢ଼ି

**ଜଗଦୀଶ ସାହୁ**

ଫେନ୍ଥା ଫେନ୍ଥା ଲିମ୍ବକଢ଼ି
ଫୁଟିଅଛି ଗଛରେ
ମହମହ ବାସିଯାଏ
କଥା ନୁହେଁ ମିଛରେ !
ଚଇତରେ ଲିମ୍ବକଢ଼ି
ପିଠାଯିଏ ଖାଇବ
ଜେଜେମା' କହନ୍ତି ତାର
ସ୍ୱାସ୍ଥ୍ୟ ଭଲ ରହିବ !
ଶାଗଭାଜେ ଆମ ବୋଉ
ଲିମ୍ବକଢ଼ ପକେଇ
ପଖାଳ ସାଙ୍ଗରେ ଆମେ
ଖାଉ ଖୁସି ମନେଇ !
ଦେଖିବାକୁ ଆକାରରେ
ସାନ ଲିମ୍ବ ଫୁଲଟି
ତା' ଭିତରେ ଭରପୁର
ଔଷଧୀୟ ଗୁଣଟି !

*ସଂଜପଡା, ହିନ୍ଦୋଳ,*
*ଢେଙ୍କାନାଳ- ୭୫୯୧୨୮*
*ମୋ- ୯୦୭୮୧୮୫୬୧୬*

# ସକାଳୁଆ ସ୍କୁଲ

**ନିରଞ୍ଜନ ସାହୁ**



ସକାଳୁଆ ସ୍କୁଲ ହୋଇଗଲା ଏବେ
ଖରା ହୋଇବାରୁ ଟାଣ
ଧୀରେ ଧୀରେ ଧରା ଉତ୍ତପ୍ତ ହୋଇବ
ଏକଥା ମନକୁ ଆଣ
ସକାଳୁ ସଅଳ ଉଠିପଡ଼ି ଆମେ
ତୁରନ୍ତ ପ୍ରସ୍ତୁତ ହେବା
ନର୍ଦ୍ଦିଷ୍ଟ ସମୟେ ସ୍କୁଲରେ ପହଞ୍ଚି
ଆମେ ଉପସ୍ଥାନ ଦେବା
ପରୀକ୍ଷା ସରିଛି ଫଳ ବାହାରିଛି
ଉତ୍ତୀର୍ଣ୍ଣ ହୋଇଛେ ଆମେ
ଉପର ଶ୍ରେଣୀରେ ଆମ ଉପସ୍ଥିତି
ମନ ଥିବ ପଢା କାମେ
ନୂଆବହି ସାଥେ ପରିଚିତ ହେବା
କରିବା ନୂତନ ଖାତା
ନୂଆ ଶିକ୍ଷାବର୍ଷ ଆରମ୍ଭ ହୋଇଛି
ସାହା ପ୍ରଭୁ ବିଦ୍ୟାଦାତା

ନୂଆ ଶ୍ରେଣୀ ହେତୁ ନୂଆ ଶିକ୍ଷାଗୁରୁ
କରିବେ ଯେ ଶିକ୍ଷାଦାନ
ଗୁରୁଙ୍କ ଚରଣେ ଭକତି ଅର୍ପଣ
ରଖିବା ତାଙ୍କଠି ଧ୍ୟାନ
ନୂତନ ବିଷୟ ସହିତ ଆମର
ନୂଆ ପରିଚୟ ହେବ
ଧୀରେ ଧୀରେ ପାଠ ସହଜ ଲାଗିବ
ପାଠକୁ ଯେ ଧ୍ୟାନ ଦେବ
ବିଦ୍ୟାଳୟ ଛୁଟି ହୋଇଯିବା କ୍ଷଣି
କରିବାନି ଜମା ଡେରି
ଖରାର ପ୍ରଭାବ ଯେହେତୁ ବଢିବ
ସଅଳ ଆସିବା ଫେରି
ଆଉ କିଛିଦିନ ଚାଲିଗଲା ପରେ
ହେବ ଖରାଦିନ ଛୁଟି
ପାଠରୁ ଟିକିଏ ହାଲୁକା ମିଳିବ
ନାନା ଖେଳ ଯିବ ଜୁଟି ।

*ନିହଳପ୍ରସାଦ, ଗଁଡିଆପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ଗୁଜରାଟକୁ ୬ ୱିକେଟରେ ପରାସ୍ତ କଲା ଦିଲ୍ଲୀ

**ଅହମଦାବାଦ**

ଅହମଦାବାଦ୍‌ଠାରେ ଖେଳାଯାଇଥିବା ଆଇପିଏଲ-୨୦୨୪ର ୩୨ତମ ମ୍ୟାଚ୍‌ରେ ଗୁଜରାଟକୁ ୬ ୱିକେଟରେ ପରାସ୍ତ କରିଛି ଦିଲ୍ଲୀ କ୍ୟାପିଟାଲ୍ସ । ବିଜୟ ପାଇଁ ଗୁଜରାଟ ପକ୍ଷରୁ ରଖାଯାଇଥିବା ୯୦ରନର ଟାର୍ଗେଟକୁ ଦିଲ୍ଲୀ ୮.୫ ତମ ଓଭରରେ ହାସଲ କରିନେଇଥିଲା । ଦଳ ପକ୍ଷରୁ ଜେକ୍ ଫ୍ରେସର ମାକଗର୍କ ୨୦ ରନ କରିଥିବାବେଳେ ସାଇ ହୋପ୍ ୧୯ରନ ଓ ଋଷଭ ପନ୍ତ ୧୬ରନ କରିଥିଲେ । ଅଭିଷେକ ପୋରେଲ ୧୫ରନ କରିଥିଲେ ।

ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଆରମ୍ଭରୁ ନିୟମିତ ବ୍ୟବଧାନରେ ୱିକେଟ ହରାଇଚାଲିଥିଲା । ଦଳୀୟ ସ୍କୋର ମାତ୍ର ୧୧ ରନ ହୋଇଥିବାବେଳେ ଅଧିନାୟକ ଶୁଭମନ ଗିଲ ମାତ୍ର ୮ ରନ କରି ଆଉଟ ହୋଇଥିଲେ । ସେହିପରି ଓପନର ଋଦ୍ଧିମାନ ଶାହା ମାତ୍ର ୨ ରନ କରି ଆଉଟ ହୋଇଥିଲେ । ଡେଭିଡ ମିଲର ମାତ୍ର ୨ ରନ, ସାଇ ସୁଦର୍ଶନ ୧୨ ରନ, ରାହୁଲ ତେୱାତିଆ ୧୦, ଅଭିନଭ ମନୋହର ୮ ରନ, ଶାହରୁଖ ଖାଁ ୦ କରିଥିଲେ । କେବଳ ରସିଦ ଖାଁ କିଛି ସମୟ କ୍ରିଜରେ ତିଷ୍ଠି ୩୦ ରନ କରିବାକୁ ସକ୍ଷମ ହୋଇଥିଲେ । ଗୁଜରାଟ ଦଳ ସଂପୂର୍ଣ୍ଣ ୧୦ ଓଭର ମଧ୍ୟ ଖେଳିପାରି ନ ଥିଲା ଓ ୧୭.୩ ଓଭରରେ ୮୯ ରନ କରି ଅଲଆଉଟ ହୋଇଯାଇଥିଲା । ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ୩ଟି ୱିକେଟ ନେଇଥିବାବେଳେ ଟ୍ରିଷ୍ଟେନ ଷ୍ଟବ୍ସ ଓ ଇଶାନ୍ତ ଶର୍ମା ୨ଟି ଲେଖାଏଁ ୱିକେଟ ନେଇଥିଲେ ।



# ଏଆଇର ଭବିଷ୍ୟବାଣୀ : ୨୦୨୯ରେ ଟ୍ରଫି ଜିତିବ ଆରସିବି

**ନୂଆଦିଲ୍ଲୀ**

ଆରଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଧାରା ଏପରି ହୋଇଛି ଯେ ଭବିଷ୍ୟତରେ ଏହା ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବିଜେତା ଦଳର ଭବିଷ୍ୟବାଣୀ କରିବା ମଧ୍ୟ ଆରମ୍ଭ କରିଛି । ଗତ ୧୭ ବର୍ଷ ଧରି ଏହା ସବୁଠାରୁ ବଡ଼ ପ୍ରଶ୍ନ ହୋଇ ରହିଛି ଯେ ବିରାଟ କୋହଲି ଏବଂ ତାଙ୍କ ଦଳ କେବେ ଆରସିବି ଆଇପିଏଲ ଟାଇଟଲ ଜିତିବାକୁ ସମର୍ଥ ହେବେ । ଏଆଇ ମଧ୍ୟ ଏହି ପ୍ରଶ୍ନର ଉତ୍ତର ଦେଇଛି । ଚାଟଜିପିଟି ଅନୁଯାୟୀ, ରୟାଲ ଚ୍ୟାଲେଞ୍ଜର୍ସ ୨୦୨୯ରେ ଟ୍ରଫି ଜିତିବେ, ଯାହା ଆଜିଠାରୁ ୫ ବର୍ଷ ଦୂରରେ । ବିରାଟ କୋହଲି ସେତେବେଳେ କ୍ରିକେଟ ଖେଳିବେ କି ନାହିଁ ପ୍ରଶ୍ନର ଉତ୍ତର ଦେବା ବର୍ତ୍ତମାନ କଷ୍ଟସାଧ୍ୟ ।

ଆଇପିଏଲ ୨୦୨୪ରେ, ଆରସିବି ବର୍ତ୍ତମାନ ପଏଣ୍ଟ ଟେବୁଲର ଶେଷ ସ୍ଥିତିରେ ଅଛି ଏବଂ ପ୍ଲେ ଅଫ ଦୌଡ଼ରେ ରହିବାକୁ ହେଲେ ସେମାନଙ୍କୁ ବର୍ତ୍ତମାନ ପ୍ରାୟ ସମସ୍ତ ମ୍ୟାଚ ଜିତିବାକୁ ପଡିବ । ବେଙ୍ଗାଲୁରୁ ପାଇଁ ଚଳିତ ସିଜିନର ପ୍ଲେ ଅଫ ପହଞ୍ଚିବା ଅତ୍ୟନ୍ତ କଷ୍ଟକର । ଏଆଇର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ୫ ସିଜିନ୍ ?ରେ ମଧ୍ୟ ଆରସିବି ପାଇଁ ସମାନ ସଂଘର୍ଷ ହୋଇପାରେ । ଆଇପିଏଲ ୨୦୨୪ରେ, ବେଙ୍ଗାଲୁରୁ ଏପର୍ଯ୍ୟନ୍ତ ଖେଳାଯାଇଥିବା ୭ଟି ମ୍ୟାଚରେ କେବଳ ଗୋଟିଏ ବିଜୟ ହାସଲ କରିଛି । ବ୍ୟାଟିଂ ଠାରୁ ଆରମ୍ଭ କରି ବୋଲିଂ ଏବଂ ଫିଲ୍ଡିଂ ପର୍ଯ୍ୟନ୍ତ ଦଳ ବିଫଳତା ପ୍ରମାଣ କରୁଛି । ସମସ୍ତ ତିନୋଟି କ୍ଷେତ୍ରରେ ଖରାପ ପ୍ରଦର୍ଶନ କୌଣସି ପରିସ୍ଥିତିରେ ଦଳକୁ ଚାମ୍ପିଅନ କରିପାରିବ ନାହିଁ ।



# ଜାତୀୟ ସ୍କୁଲ କ୍ରୀଡ଼ା ପାଇଁ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀରୁ ୨ ଖେଳାଳି ମନୋନୀତ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଚଳିତ ମାସ ୨୩ ଓ ୨୪ ତାରିଖ ମହାରାଷ୍ଟ୍ର ପୁନେର ବେଲାଡି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଥିବା ୧୯ ବର୍ଷରୁ କମ୍ ୬୭ତମ ଜାତୀୟ ସ୍କୁଲ କ୍ରୀଡ଼ାରେ ଭାଗ ନେବାପାଇଁ ମୟୂରଭଞ୍ଜ ଜିଲ୍ଲାରୁ ୩ଜଣ ସ୍ଥାନ ପାଇଥିବା ବେଳେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ, ମୟୂରଭଞ୍ଜର ଦୁଇ ଜଣ ଖେଳାଳି ହିଷୀ ଟୁଡୁ ଓ ଅମିଶାରାଣୀ ମାଝୀ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି । ଦୁଇ ଜଣ ଏବେ ବାରିପଦା-୨ ମହାବିଦ୍ୟାଳୟରେ ଯୁକ୍ତ ଦୁଇ କଳା ବିଭାଗରେ ଅଧ୍ୟୟନରତ ପୂର୍ବରୁ ମଧ୍ୟ ହିଷି ଓ ଅମିଶା ୧୪ ବର୍ଷରୁ କମ ଓଡ଼ିଶା ରଗବୀ ଦଳକୁ ପ୍ରତିନିଧିତ୍ୱ କରିଥିଲେ । ତାଙ୍କର ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀର ନିର୍ଦ୍ଦେଶକ ଅମର ସେଠୀ, ଉପଦେଷ୍ଟା ସୋମନାଥ ସିଂ, ମଙ୍ଗଳ ହାଁସଦା, ରୂପାଲି ସୋରେନ, ବାରିପଦା ଶାଖା ପରିଚାଳକ ରଞ୍ଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ତରଣିସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ଜାତୀୟ ଟିଟି ପ୍ରଶିକ୍ଷଣ ଶିବିରରେ ସାମିଲେ ହେଲେ ୧୦ ରାଜ୍ୟର ଖେଳାଳି

**କଟକ, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ କ୍ରୀଡ଼ା ବିଭାଗ ସହାୟତାରେ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ୍ ସଂଘ ପକ୍ଷରୁ ସିଡିଏ ସେକ୍ଟର-୭ସ୍ଥିତ କଟକ ଟେବୁଲ ଟେନିସ୍ ଏକାଡେମିରେ ଜାତୀୟସ୍ତରୀୟ ପ୍ରଶିକ୍ଷଣ ଶିବିର ଗତ ୯ ତାରିଖରୁ ଆରମ୍ଭ ହୋଇଛି । ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ଓଡ଼ିଶା ସମେତ ୧୦ ରାଜ୍ୟର ମୋଟ ୩୨ଜଣ ଖେଳାଳି ସାମିଲ ହୋଇଛନ୍ତି । ଆନ୍ତର୍ଜାତିକ ପ୍ରଶିକ୍ଷକ ଆର୍. ରାଜେଶ ଶିବିର ପରିଚାଳନା କରୁଛନ୍ତି । ରାଜେଶ ଏକାଧିକ ଥର ଭାରତୀୟ କନିଷ୍ଠ ଟିଟି ଦଳର ପ୍ରଶିକ୍ଷକ ଥିଲେ । ତାଙ୍କ ସହ ଭାରତୀୟ ଦଳର ପୂର୍ବତନ ପ୍ରଶିକ୍ଷକ ଓଡ଼ିଶାର ରାଜ ସୁବ୍ରମଣ୍ୟମ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଶିବିରରେ ଯୋଗ ଦେଇଥିବା ଆନ୍ତର୍ଜାତିକ ଓ ଜାତୀୟ ପଦକ ଜିତିଥିବା ୧୦ ଜଣ ସଫଳ ଖେଳାଳିଙ୍କ ସହ ମହାରାଷ୍ଟ୍ରର ଜେନିଫର ଭର୍ଗିଜ୍ ଏବେ ୧୫ ବର୍ଷରୁ କମ୍ ବାଳିକା ବିଶ୍ୱ ମାନ୍ୟତାରେ ୪ର୍ଥ ସ୍ଥାନରେ ଅଛନ୍ତି । ସେ ଏକାଧିକ ଅନ୍ତର୍ଜାତୀୟ ପଦକ ଜିତିବା ସହ ୧୫ ବର୍ଷରୁ କମ୍ ବାଳିକା ଏକକ ଜାତୀୟ ବିଜେତା ହୋଇଛନ୍ତି । କର୍ଣ୍ଣାଟକର ଶଶାଙ୍କ ରାଓ ୧୩ ବର୍ଷରୁ କମ୍ ବର୍ଗରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଛନ୍ତି । ପଶ୍ଚିମବଙ୍ଗର ପୁନିତ ବିଶ୍ୱାସ ଜଣେ ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳି ଏବଂ ଏକ ଡଜନ୍‌ରୁ ଅଧିକ ଜାତୀୟ ପଦକ ଜିତିଛନ୍ତି । ଏମାନଙ୍କ ସହ ଓଡ଼ିଶାରୁ ରାଜ୍ୟ ମାନ୍ୟତାପ୍ରାପ୍ତ ୨୦ ଜଣ ଖେଳାଳି ଶିବିରରେ ଯୋଗ ଦେଇଛନ୍ତି । ପ୍ରତ୍ୟହ ଦୁଇ ଓଳି ଶିବିର ଚାଲିଛି । ଏହାସହ ଖେଳାଳିଙ୍କ ଫିଟ୍‌ନେସ୍ ପାଇଁ ମଧ୍ୟ ତାଲିମ ଦିଆଯାଉଛି ।

ରାଜ୍ୟ ସରକାର କଟକରେ ଟିଟି ଏକାଡେମି ଗଠନ କରିବା ଫଳରେ ଏହିପରି ଆନ୍ତର୍ଜାତିକ ସ୍ତରର ପ୍ରଶିକ୍ଷଣ ଶିବିର ଆୟୋଜନ ସମ୍ଭବ ହୋଇପାରିଛି । ଆଗକୁ ଅନ୍ୟ ସହରରେ ମଧ୍ୟ ଏପରି ଶିବିର ଆୟୋଜନ କରାଯିବ । ଗତବର୍ଷ ଓଡ଼ିଶାର କନିଷ୍ଠ ବାଳକ ଦଳ ପ୍ରଥମ ଥର ଜାତୀୟ ଟିଟି ଚମ୍ପିଆନ୍‌ସିପ୍‌ରେ ପଦକ ଜିତି ଇତିହାସ ରଚିଥିଲା । ଏପରି ଶିବିର ଓଡ଼ିଶାର ପ୍ରତିଭାବାନ ଖେଳାଳିଙ୍କ ଦକ୍ଷତାକୁ ଆହୁରି ମଜବୁତ୍ କରିବ । ୨୯ରେ ଶିବିର ସମାପ୍ତ ପରେ ମଧ୍ୟ ଏକାଡେମିର ଦୁଇ ପ୍ରଶିକ୍ଷକ ରାଜ୍ ସୁବ୍ରମଣ୍ୟମ ଓ ସମ୍ବିତ ଦାସଙ୍କ ତ□ାବଧାନରେ କଟକ ଏକାଡେମିରେ ବର୍ଷ ସାରା ପ୍ରଶିକ୍ଷଣ ଜାରି ରହିବ । ଏହି ଶିବିରର ଆୟୋଜନ ପାଇଁ ସମସ୍ତ ସହାୟତା ଯୋଗାଇ ଦେଇଥିବାରୁ ରାଜ୍ୟ କ୍ରୀଡ଼ା ବିଭାଗକୁ ଓଡ଼ିଶା ଟେବୁଲ ଟେନିସ୍ ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା କୃତଜ୍ଞତା ଜଣାଇଛନ୍ତି । ଆର. ରାଜେଶ ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମିକୁ ପ୍ରଶଂସା କରିଛନ୍ତି । ସ୍ୱତନ୍ତ୍ର ଭାବେ ଟେବୁଲ ଟେନିସ୍ ପାଇଁ ଏଭଳି ଏକ ଏକାଡେମି ପ୍ରତିଷ୍ଠା ପାଇଁ ରାଜ୍ୟ ଟିଟି ସଂଘ ଓ କ୍ରୀଡ଼ା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି ।



# କଟକ ସଦର ବିଜେଡ଼ି ପକ୍ଷରୁ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ, ନ୍ୟୁଜ୍‌ବ୍ୟୁରୋ**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ପ୍ରାତଃ କାଳରେ କଟକ ସଦର ବିଜୁ ଜନତାଦଳ ପକ୍ଷରୁ କିଶନନଗର ଠାରେ ଥିବା ବିଜୁ ବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି । କିଶନନଗର ମହାନଦୀରେ ତିଳ ତର୍ପଣ କରାଯାଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ସଦର ବିଜେଡ଼ି ସଭାପତି ପ୍ରମୋଦ ମହାପାତ୍ର, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ତଥା କଟକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ପଞ୍ଚାୟତ ବିଜେଡି ସଭାପତି ଭବାନୀ ଶଙ୍କର ରାୟ, କାର୍ଯ୍ୟକାରୀ ସଭାପତି ଗଗନ ମହାପାତ୍ର, ସଦର ବ୍ଲକ ଛାତ୍ର ବିଜେଡ଼ି ସଭାପତି ସତ୍ୟସିଦ୍ଧାନ୍ତ ଦାଶ, ମାଣପୁର ପଞ୍ଚାୟତ ବିଜେଡି ସଭାପତି ରୁସ୍ତମ ମହମ୍ମଦ, ଇଶାଣୀବରହମପୁର ପଞ୍ଚାୟତ ସରପଞ୍ଚ ସୁଶାନ୍ତ କୁମାର ସେଠୀ, ପ୍ରହରାଜପୁର ସରପଞ୍ଚ ଅବଦୁଲ ୱାହିଦ ଖାନ,ସମିତି ସଭ୍ୟ ଲିୟାକତ ଅଲ୍ଲୀ ଖାନ,ବାବୁଜଙ୍ଗ ସରପଞ୍ଚ ସ୍ୱାଧୀନ ଭୂୟାଁ, ବାର୍ଦା ପଞ୍ଚାୟତ ପୂର୍ବତନ ସରପଞ୍ଚ ରମେଶ ସାହୁ ପ୍ରମୁଖଙ୍କ ସମେତ ବହୁ ପଞ୍ଚାୟତ ପ୍ରତିନିଧି ଯୋଗଦେଇଥିଲେ ।



# ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ୨୦ ଯୋଡ଼ା ସ୍ୱତନ୍ତ୍ର ଗ୍ରୀଷ୍ମ କାଳୀନ ଟ୍ରେନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗ୍ରୀଷ୍ମ ଋତୁରେ ଯାତ୍ରୀଭିଡ଼କୁ ଏଡ଼ାଇବା ସହିତ ଜନସାଧାରଣଙ୍କ ଯାତ୍ରା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ଗ୍ରୀଷ୍ମକାଳୀନ ଭିଡ଼କୁ ଏଡ଼ାଇବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଆହୁରି ଅଧିକ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କାରାଯିବା ସହିତ ପୂର୍ବରୁ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ ଚଳାଚଳ ସେବା ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । **ପୁରୀ-ଶାଳିମାର ଦ୍ୱି-ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ :** ୦୮୪୮୩/୦୮୪୮୪ ପୁରୀ-ଶାଳିମାର-ପୁରୀ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ ୨୧ ଏପ୍ରିଲରୁ ୩୦ ଜୁନ ୨୦୨୪ ମଧ୍ୟରେ ପ୍ରତ୍ୟେକ ରବିବାର ଏବଂ ବୁଧବାର ଦିନ ପୁରୀରୁ ରାତ୍ରି ୧୧ ଘ. ୫୦ ମି.ରେ ଛାଡିବାକୁ ଥିବାବେଳେ ଫେରିବା ମାର୍ଗରେ, ଶାଳିମାରରୁ ଏହି ଟ୍ରେନ ୨୨ ଏପ୍ରିଲରୁ ୧ ଜୁଲାଇ ୨୦୨୪ ମଧ୍ୟରେ ପ୍ରତ୍ୟେକ ସୋମବାର ଏବଂ ଗୁରୁବାର ଦିନ ସନ୍ଧ୍ୟା ୦୭ ଘ. ୪୫ ମି.ରେ ଛାଡିବ । **ପୁରୀ-ନିଜାମୁଦ୍ଦିନ ସାପ୍ତାହିକ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ :** ୦୮୪୭୫/୦୮୪୭୬ ପୁରୀ-ନିଜାମୁଦ୍ଦିନ-ପୁରୀ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ ୧୯ ଏପ୍ରିଲରୁ ୨୮ ଜୁନ ୨୦୨୪ ମଧ୍ୟରେ ପ୍ରତ୍ୟେକ ଶୁକ୍ରବାର ଦିନ ପୁରୀରୁ ଭୋର ୦୪ ଘ. ୫୦ ମି.ରେ ଛାଡ଼ିବାକୁ ଥିବାବେଳେ ଫେରିବା ମାର୍ଗରେ, ନିଜାମୁଦ୍ଦିନରୁ ଏହି ଟ୍ରେନ ୨୦ ଏପ୍ରିଲରୁ ୨୯ ଜୁନ ୨୦୨୪ ମଧ୍ୟରେ ପ୍ରତ୍ୟେକ ଶନିବାର ଦିନ ରାତ୍ରି ୧୧ ଘ. ୩୫ ମି.ରେ ଛାଡିବ । **ମାଳତୀପାଟପୁର (ପୁରୀ)-ଶାଳିମାର ସାପ୍ତାହିକ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ :** ୦୨୮୩୯/୦୨୮୪୦ ଶାଳିମାର-ମାଳତୀପାଟପୁର-ଶାଳିମାର ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ ୧୪ ଏପ୍ରିଲରୁ ୩୦ ଜୁନ ୨୦୨୪ ମଧ୍ୟରେ ପ୍ରତ୍ୟେକ ରବିବାର ଦିନ ରାତ୍ରି ୦୯ ଘ. ୨୫ ମି.ରେ ଛାଡିବାକୁ ଥିବାବେଳେ ଫେରିବା ମାର୍ଗରେ, ଶାଳିମାରରୁ ଏହି ଟ୍ରେନ ୧୫ ଏପ୍ରିଲରୁ ୧ ଜୁଲାଇ ୨୦୨୪ ମଧ୍ୟରେ ପ୍ରତ୍ୟେକ ସୋମବାର ଦିନ ରାତ୍ରି ୧୧ ଘ. ୫୦ ମି.ରେ ଛାଡ଼ିବ । **ଭୁବନେଶ୍ୱର-ଯଶୋବନ୍ତପୁର ସାପ୍ତାହିକ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ :** ୦୨୮୧୧/୦୨୮୧୨ ଭୁବନେଶ୍ୱର-ଯଶୋବନ୍ତପୁର-ଭୁବନେଶ୍ୱର ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ୧୩ ଏପ୍ରିଲରୁ ୨୫ ମଇ ୨୦୨୪ ମଧ୍ୟରେ ଭୁବନେଶ୍ୱରରୁ ପ୍ରତ୍ୟେକ ଶନିବାର ସନ୍ଧ୍ୟା ୦୭ ଘ. ୧୫ ମି.ରେ ଛାଡିବାକୁ ଥିବାବେଳେ ଫେରିବା ମାର୍ଗରେ ଏହି ଟ୍ରେନ ଯଶୋବନ୍ତପୁର ଠାରୁ ୧୫ ଏପ୍ରିଲରୁ ୨୭ ମଇ ୨୦୨୪ ମଧ୍ୟରେ ପ୍ରତ୍ୟେକ ସୋମବାର ଭୋର ୦୫ ଘଟିକାରେ ଛାଡି ଭୁବନେଶ୍ୱର ଯାତ୍ରା କରିବ । **ବ୍ରହ୍ମପୁର-ସୁରଟ ସାପ୍ତାହିକ ଗ୍ରୀଷ୍ମ ସ୍ୱତନ୍ତ୍ର ଟ୍ରେନ :** ୦୯୦୬୯/୦୯୦୭୦ ସୁରଟ-ବ୍ରହ୍ମପୁର-ସୁରଟ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ ୧୭ ଏପ୍ରିଲରୁ ୨୬ ଜୁନ ୨୦୨୪ ମଧ୍ୟରେ ସୁରଟ ଠାରୁ ପ୍ରତ୍ୟେକ ବୁଧବାର ଦିନ ଅପରାହ୍ନ ୦୨ ଘ. ୨୦ ମି.ରେ ଛାଡ଼ିବାକୁ ଥିବାବେଳେ ଫେରିବା ମାର୍ଗରେ ଏହି ଟ୍ରେନ ବ୍ରହ୍ମପୁରରୁ ଏପ୍ରିଲ ୧୯ ରୁ ୨୮ ଜୁନ ୨୦୨୪ ମଧ୍ୟରେ ପ୍ରତ୍ୟେକ ଶୁକ୍ରବାର ଦିନ ଭୋର ୦୩ଘ.୩୦ମି.ରେ ଛାଡି ସୁରଟ ଯାତ୍ରା କରିବ । **ସମ୍ବଲପୁର-ପୁଣେ ସାପ୍ତାହିକ ଗ୍ରୀଷ୍ମ ସ୍ୱତନ୍ତ୍ର ଟ୍ରେନ :** ୦୮୩୨୭/୦୮୩୨୮ ସମ୍ବଲପୁର-ପୁଣେ-ସମ୍ବଲପୁର ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ ୧୪ ଏପ୍ରିଲରୁ ୩୦ ଜୁନ ୨୦୨୪ ମଧ୍ୟରେ ସମ୍ବଲପୁର ଠାରୁ ପ୍ରତ୍ୟେକ ରବିବାର ଦିନ ରାତ୍ରି ୧୦ ଘଟିକାରେ ଛାଡିବାକୁ ଥିବାବେଳେ ଫେରିବା ମାର୍ଗରେ ଏହି ଟ୍ରେନ ପୁଣେରୁ ୧୬ ଏପ୍ରିଲରୁ ୨ ଜୁଲାଇ ୨୦୨୪ ମଧ୍ୟରେ ପ୍ରତ୍ୟେକ ମଙ୍ଗଳବାର ଦିନ ପୂର୍ବାହ୍ନ ୦୯ଘ.୧୫ମି.ରେ ଛାଡି ସମ୍ବଲପୁର ଯାତ୍ରା କରିବ । **ସମ୍ବଲପୁର-ଗୌହାଟୀ ସାପ୍ତାହିକ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ :** ୦୮୩୫୧/୦୮୩୫୨ ସମ୍ବଲପୁର-ଗୌହାଟୀ-ସମ୍ବଲପୁର ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ ୨୨ ଏପ୍ରିଲରୁ ୨୪ ଜୁନ ୨୦୨୪ ମଧ୍ୟରେ ସମ୍ବଲପୁର ଠାରୁ ପ୍ରତ୍ୟେକ ସୋମବାର ସନ୍ଧ୍ୟା ୦୬ଘ.୫୦ମି.ରେ ଛାଡିବାକୁ ଥିବାବେଳେ ଫେରିବା ମାର୍ଗରେ ଏହି ଟ୍ରେନ ଗୌହାଟୀ ଠାରୁ ଏପ୍ରିଲ ୨୪ ରୁ ୨୬ ଜୁନ ୨୦୨୪ ମଧ୍ୟରେ ପ୍ରତ୍ୟେକ ବୁଧବାର ପୂର୍ବାହ୍ନ ୦୮ ଘଟିକାରେ ଛାଡି ସମ୍ବଲପୁର ଯାତ୍ରା କରିବ । **ବିଶାଖାପାଟନମ୍-କୋଲାମ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ :** ୦୮୫୩୯/୦୮୫୪୦ ବିଶାଖାପାଟନମ୍-କୋଲାମ-ବିଶାଖାପାଟନମ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ ୧୭ ଏପ୍ରିଲରୁ ୩ ଜୁଲାଇ ୨୦୨୪ ମଧ୍ୟରେ ବିଶାଖାପାଟନମରୁ ପ୍ରତ୍ୟେକ ବୁଧବାର ଦିନ ପୂର୍ବାହ୍ନ ୦୮ଘ.୨୦ମି.ରେ ଛାଡିବାକୁ ଥିବାବେଳେ ଏହି ଟ୍ରେନ କୋଲାମ ଠାରୁ ୧୮ ଏପ୍ରିଲ ଠାରୁ ୦୪ ଜୁଲାଇ ୨୦୨୪ ମଧ୍ୟରେ ପ୍ରତ୍ୟେକ ଗୁରୁବାର ସନ୍ଧ୍ୟା ୦୭ଘ.୩୫ମି.ରେ ଛାଡି ବିଶାଖାପାଟନମ ଯାତ୍ରା କରିବ ।

**ବିଶାଖାପାଟନମ୍-କୁର୍ନୁଲ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ :** ୦୮୫୮୫/୦୮୫୮୬ ବିଶାଖାପାଟନମ୍-କୁର୍ନୁଲ୍-ବିଶାଖାପାଟନମ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ ବିଶାଖାପାଟନମ ଠାରୁ ୦୨ ଏପ୍ରିଲ ରୁ ୨୫ ଜୁନ ୨୦୨୪ ମଧ୍ୟରେ ପ୍ରତ୍ୟେକ ମଙ୍ଗଳବାର ଦିନ ସନ୍ଧ୍ୟା ୦୫ଘ.୩୫ମି.ରେ ଛାଡିବାକୁ ଥିବାବେଳେ ଫେରିବା ମାର୍ଗରେ ଏହି ଟ୍ରେନ କୁର୍ନୁଲ ଠାରୁ ୦୩ ଏପ୍ରିଲରୁ ୨୬ ଜୁନ ୨୦୨୪ ମଧ୍ୟରେ ପ୍ରତ୍ୟେକ ବୁଧବାର ଦିନ ଅପରାହ୍ନ ୦୩ଘ.୩୦ ମି.ରେ ଛାଡି ବିଶାଖାପାଟନମ ଯାତ୍ରା କରିବ । ସେହିପରି ଗ୍ରୀଷ୍ମ ସମୟରେ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ କିଛି ସ୍ୱତନ୍ତ୍ର ଟ୍ରେନ ଚଳାଚଳ ସେବା ସମୟ ବୃଦ୍ଧି କରିବାକୁ ପୂର୍ବତଟ ରେଳବାଇ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।



# ତାରିଣୀ ପୀଠରେ ପଣ୍ଡିତ ସଦାଶିବ ମିଶ୍ର ସମ୍ବର୍ଦ୍ଧିତ



**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଘଟଗାଁ ମା' ତାରିଣୀଙ୍କ ୮୮ତମ ଚଇତି ପର୍ବ ବେଶ୍ ଧୂମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ଏହି ପର୍ବରେ ବିଭିଉ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଭିନ୍ନ ବର୍ଗର ଲୋକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶ୍ରୀ ତାରିଣୀ ଭକ୍ତି ଲହରୀ ପୁସ୍ତକ ରଚନା ପାଇଁ ପଣ୍ଡିତ ସଦାଶିବ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ମନ୍ଦିର ପରିଚାଳନା ବୋର୍ଡ ପକ୍ଷରୁ ସଞ୍ଜୀବ ମହାପାତ୍ର ଶ୍ରୀ ମିଶ୍ରଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଆନନ୍ଦପୁର ଉପଖଣ୍ଡ ଟୁକୁଣା ଗ୍ରାମର ପଣ୍ଡିତ ସଦାଶିବ ମିଶ୍ର ଏକାଧାରରେ ଶିକ୍ଷକ ଓ ଲେଖକ ମଧ୍ୟସେ ଦୀର୍ଘ ଦିନ ଶିକ୍ଷ୍ୟା କ୍ଷେତ୍ର ରେ ସେବା ଯୋଗାଇବା ସହ ବିଭିନ୍ନ ଆଲୋଚନା ଚକ୍ର ରେ ଭାଗ ନେଇ ଅନେକ ପୁରସ୍କାର ଅର୍ଜନ କରିଛନ୍ତି । ସେ ଦୀର୍ଘଦିନ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷକତା କରିଥିବା ବେଳେ ତାଙ୍କର ଶିକ୍ଷାଦାନ ଓ ସରଳ ବ୍ୟକ୍ତିତ୍ୱ ପାଇଁ ଛାତ୍ର ଛାତ୍ରୀ ଓ ପଦାଧିକାରୀଙ୍କ ପ୍ରିୟଭାଜନ ହୋଇପାରିଥିଲେ । ୧୯୯୯ ମସିହାରେ କେନ୍ଦୁଝର ଜିଲ୍ଲାର ସୁନାମ ଧନ୍ୟ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତାରୁ ଅବସର ନେବା ପରେ ଏହି ଶ୍ରୀ ତାରିଣୀ ଭକ୍ତି ଲହରୀ ପୁସ୍ତକର ରଚନା କରିଥିଲେ । ତାରିଣୀ ପୀଠରେ ସମ୍ବର୍ଦ୍ଧିତ ହେବା ପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ସଙ୍କଟରେ ବାଉଁଶ କାରିଗରଙ୍କ କୌଳିକ ବୃତ୍ତି

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ପାଶ୍ଚାତ୍ୟକରଣ ଓ ଅନ୍‌ଲାଇନ୍ ବ୍ୟବସାୟ ଯୁଗରେ ପ୍ଲାଷ୍ଟିକ୍ ସାମଗ୍ରୀର ଚାହିଦା ବଢ଼ିବାରେ ଲାଗିଛି । ଘରକରଣା ଓ ନିତ୍ୟ ବ୍ୟବହାର୍ଯ୍ୟ ଠୁ ଆରମ୍ଭ କରି ବିଭିନ୍ନ ପ୍ଲାଷ୍ଟିକ୍ ସାମଗ୍ରୀ ବର୍ତ୍ତମାନ ବଜାରରେ ଶସ୍ତାରେ ଉପଲବ୍ଧ ହେଉଛି । ଫଳରେ ପାରମ୍ପରିକ ବାଉଁଶ ସାମଗ୍ରୀର ଚାହିଦା ହ୍ରାସ ପାଇବାରେ ଲାଗିଥିବା ବେଳେ କାରିଗରଙ୍କ କୌଳିକ ବୃତ୍ତି ସଙ୍କଟରେ ପଡ଼ିଛି । ସେମାନଙ୍କ ଆର୍ଥିକ ସ୍ଥିତି ଦୁର୍ଦ୍ଦିନ ଆଡ଼କୁ ଗତି କରୁଛି । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା କୁଲା, ଟୋକେଇ, ଝୁଡ଼ି, ପାଛିଆ, ଖଇଚଲା ଓ କୁକୁଡ଼ାଘର ଭଳି ବିଭିନ୍ନ ସାମଗ୍ରୀ ଆଗଭଳି ଆଉ ଭଲ ବିକ୍ରି ହେଉନି । ଉପଯୁକ୍ତ ପାରିଶ୍ରମିକ ମିଳୁ ନଥିବାରୁ କିଛି କାରିଗର କୌଳିକ ବୃତ୍ତିଠାରୁ ଦୂରେଇ ଯାଇଥିବା ବେଳେ ଆଉ କିଛି ସଂଘର୍ଷ ଜାରି ରଖିଛନ୍ତି । ଏଭଳି ପରିସ୍ଥିତିରେ ସାମଗ୍ରୀ ବିକ୍ରି ପାଇଁ ଉପଯୁକ୍ତ ବଜାର ବ୍ୟବସ୍ଥା ନଥିବାରୁ କାରିଗରଙ୍କୁ ହାଟ, ସାଧାରଣ ବଜାର ଓ ଯାନିଯାତ୍ରା ଉପରେ ନିର୍ଭର କରିବାକୁ ପଡୁଛି । କିଛି କାରିଗର କହିଥିଲେ ଜାନୁଆରୀ ମାସରୁ ବିବାହ ଋତୁ ଆରମ୍ଭ ହୋଇ ଜୁନ୍ ଓ ଜୁଲାଇ ମାସ ପର୍ଯ୍ୟନ୍ତ ଚାଲେ । ପୂଜାପାର୍ବଣ ଓ ବିବାହ ସମେତ ବିଭିନ୍ନ ଶୁଭ କାର୍ଯ୍ୟରେ ବାଉଁଶର ସରଞ୍ଜାମ ବ୍ୟବହାର ହୁଏ । ଏଥିପାଇଁ କାରିଗର ମାନେ ଆଗରୁ ଗ୍ରାମାଞ୍ଚଳରୁ ବାଉଁଶ ସଂଗ୍ରହ କରିଥାନ୍ତି । ଅଧିକ ଦର ହେଲେ ବି କିଣିବାକୁ ପଡ଼େ । ବାଉଁଶରୁ ପାତି ବାହାର କରି ସାମଗ୍ରୀ ପ୍ରସ୍ତୁତ କରିବାକୁ ଅଧିକ ସମୟ ଲାଗିଥାଏ । କିନ୍ତୁ ସେହି ଅନୁପାତରେ ପାରିଶ୍ରମିକ ମିଳେ ନାହିଁ । ଏଭଳି ପରିସ୍ଥିତିରେ ଗ୍ରାହକ ମୂଲଚାଲ କରିଥାନ୍ତି । ତଥାପି ପରିବାର ପ୍ରତିପୋଷଣ ପାଇଁ କୌଳିକ ବୃତ୍ତିକୁ ଜାବୁଡ଼ି ରଖି ବାଉଁଶରେ ଘର ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତ କରି ରୋଜଗାର କରୁଥିବା କହିଛନ୍ତି । ଅନ୍ୟ ପକ୍ଷରେ ବଜାର ସୁବିଧା ନଥିବାରୁ କାରିଗରମାନେ ପ୍ରତିଦିନ ରାସ୍ତାକଡ଼ରେ ବି ସାମଗ୍ରୀ ବିକ୍ରି କରିବାକୁ ବାଧ୍ୟ ହୋଇଥାନ୍ତି । ଗୋଟିଏ କୁଲାକୁ ୮୦ ରୁ ୧୦୦ ଟଙ୍କା, ଟୋକେଇ ପିଛା ୫୦ ରୁ ୧୦୦ ଟଙ୍କା, ଖଇଚଲା ୨୦୦ ଟଙ୍କା, ପାଛିଆ ୬୦ ରୁ ୭୦ ଟଙ୍କା, କୁକୁଡ଼ାଘର ୨୫୦ ଟଙ୍କା ଓ ଝୁଡ଼ି ୧୦୦ ରୁ ୧୫୦ ଟଙ୍କାରେ ବିକ୍ରି ହେଉଛି । କେଉଁ ଦିନ ଭଲ ବେପାର ହେଉଛି ତ, ଆଉ କେଉଁ ଦନ ହାତ ଖାଲି । ତଥାପି ତେଲଲୁଣର ସଂସାର ଚଳାଇବାକୁ କିଛି କାରିଗର କୌଳିକ ବୃତ୍ତିକୁ ଜାବୁଡ଼ି ଧରିଛନ୍ତି ।



## ବିଜେପିର ସଂକଳ୍ପ ପତ୍ର-୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି

# ସର୍ବାଧିକ ଲାଭାନ୍ୱିତ ହେବ ଓଡ଼ିଶା : ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

**ବାଲେଶ୍ୱର, ନ୍ୟୁଜ୍**

ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି କ୍ଷମତାକୁ ଆସିବା ପରେ ଦେଶବାସୀଙ୍କୁ ଦିଆଯାଇଥିବା ଅଧିକାଂଶ ପ୍ରତିଶ୍ରୁତି ପୂରଣ କରାଯାଇଛି । ଏହା ପରେ ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତିକୁ ପାଳନ କରାଯାଇଛି । ଏହି ଦୁଇଟି ନିର୍ବାଚନରେ ୯୫ ପ୍ରତିଶତ ସଫଳତା ସହିତ ସମୁଦାୟ ୨୩୫ଟି ପ୍ରତିଶ୍ରୁତି ମଧ୍ୟରୁ ୨୨୨ଟି ପ୍ରତିଶ୍ରୁତିକୁ ପାଳନ କରିଛନ୍ତି । ମୋଦିଜୀ ରିଫର୍ମ-ପରଫର୍ମ ଟ୍ରାନ୍ସଫର୍ମକୁ ମୂଳମନ୍ତ୍ର ଏବଂ ସବ୍‌କା ସାଥ୍, ସବ୍‌କା ବିକାଶ, ସବକା ବିଶ୍ୱାସ, ସବ୍‌କା ପ୍ରୟାସକୁ ଆଧାର କରି ମୋଦି ସରକାର ସୁରକ୍ଷିତ ଭାରତ । ସମୃଦ୍ଧ ଭାରତ ଗଠନ ପାଇଁ ସଂକଳ୍ପ ନେଇଛନ୍ତି । ଗତ ୧୦ ବର୍ଷର ବିଶ୍ୱସନୀୟତା ଏବଂ ଆଗାମୀ ୫ ବର୍ଷରେ ଦେଶର ବିକାଶଯାତ୍ରାକୁ ତ୍ୱରାନ୍ୱିତ କରି ବିକଶିତ ରାଷ୍ଟ୍ର ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ବିଜେପି ତରଫରୁ ବିଜେପିର ସଂକଳ୍ପ ପତ୍ର-୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି ପ୍ରକାଶ ପାଇଛି । ସୋସିଆଲ, ଫିଜିକାଲ ଓ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ଲକ୍ଷ୍ୟରେ ଏହି ସଂକଳ୍ପ ପତ୍ର ବିକଶିତ ଭାରତ ଗଠନରେ ବୁଷ୍ଟର ସଦୃଶ ହେବ ବୋଲି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି । ବାଲେଶ୍ୱର ଲୋକସଭା କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ଯେ, ଯାହାର କେହି ନାହିଁ, ତା ପାଖରେ ମୋଦି ଗ୍ୟାରେଣ୍ଟି ରହିଛି । ସମଗ୍ର ଦେଶରୁ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ମତାମତ ସଂଗ୍ରହ କରାଯାଇ ପ୍ରସ୍ତୁତ ହୋଇଥିବା ଏହି ସଂକଳ୍ପ ପତ୍ର ତଥା ମୋଦି ଗ୍ୟାରେଣ୍ଟିରୁ ସର୍ବାଧିକ ଲାଭ ପାଇବ । ବାଲେଶ୍ୱର ସମେତ ସମଗ୍ର ଓଡ଼ିଶା ରାଜ୍ୟ ବିଶେଷ ଭାବେ ଚାଷୀ, ଗରିବ, ମହିଳା ଓ ଯୁବବର୍ଗ ପାଇଁ ଉତ୍ସର୍ଗୀକୃତ ବିଜେପିର ସଂକଳ୍ପ ପତ୍ର-୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି ବିଶେଷ ଭାବେ ୮୦ କୋଟି ଦେଶବାସୀଙ୍କୁ ପ୍ରତି ମାସ ମାଗଣା ରାସନ ପ୍ରଦାନ କରି ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରାଯାଇଛି । ଗରିବ କଲ୍ୟାଣକାରୀ ଯୋଜନା ଅନ୍ତର୍ଗତ ୩ କୋଟି ବାସଗୃହ, ସମସ୍ତଙ୍କୁ ପାନୀୟ ଜଳ ଓ ବିଜୁଳି ଯୋଗାଣ; ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ପ୍ରଦାନ, ପାଇପ୍ ଜରିଆରେ ରୋଷେଇ ଗ୍ୟାସ୍ ଯୋଗାଣ; ମୁଦ୍ରା, ସ୍ୱନିଧି ଯୋଜନାରେ ଯୁବକଙ୍କୁ ଆତ୍ମନିର୍ଭରତା; ଏସ୍‌ଏଚ୍‌ଜି ଜରିଆରେ ମହିଳା ସଶକ୍ତିକରଣ କରାଯିବା ସହିତ କର୍ମଜୀବୀ ମହିଳାଙ୍କ ପାଇଁ ହଷ୍ଟେଲ ଓ ଶିଶୁ ଗୃହ ନିର୍ମାଣ କରାଯିବ; ଖାଦ୍ୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ, କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠାନ, ଶ୍ରୀ ଅନ୍ନର ଗୁରୁତ୍ୱ, ପିଏମ୍‌କିସାନ ଜରିଆରେ ଆର୍ଥିକ ସହାୟତା ପ୍ରଦାନ ଆଦି ଜରିଆରେ କୃଷକ କଲ୍ୟାଣକୁ ପ୍ରାଧାନ୍ୟ ଦେଇଛନ୍ତି ମୋଦିଜୀ । ଏହା ବ୍ୟତୀତ ପର୍ଯ୍ୟଟନ ଶିଳ୍ପର ବିକାଶକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଭିତ୍ତିଭୂମି ଓ ନୂତନ ଶିକ୍ଷାନୀତିକୁ ସଶକ୍ତ କରାଯାଇଛି । ଆକଶ, ଜଳ, ରେଳ ଓ ସଡ଼କ ଗମନାଗମନ କ୍ଷେତ୍ରରେ ଐତିହାସିକ ପରିବର୍ତ୍ତନ ଆସିଛି । ଏକଲବ୍ୟ ବିଦ୍ୟାଳୟଠାରୁ ଆରମ୍ଭ କରି ଆଇଆଇଏମ, ଆଇଆଇଟି, ମେଡ଼ିକାଲ ଶିକ୍ଷା କ୍ଷେତ୍ରର ବିକାଶ ପାଇଁ ମୋଦି ସରକାର ସଂକଳ୍ପବଦ୍ଧ ସାହିତ୍ୟ, ଭାଷା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବିଶ୍ୱ ଦରବାରରେ ସମ୍ମାନିତ କରିବା ପାଇଁ ମୋଦିଜୀ କାର୍ଯ୍ୟରତ ଆୟୁଷ୍ମାନ ଭାରତ ଯୋଜନାରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଅନ୍ତର୍ଭୁକ୍ତ କରାଯିବ । ସମାନ ନାଗରିକତା ସଂହିତା ଲାଗୁ ହେଲେ ପଡ଼ୋଶୀ ରାଷ୍ଟ୍ରରୁ ଅତ୍ୟାଚାରର ଶିକାର ହୋଇ ଫେରିଥିବା ମୂଳ ଭାରତୀୟଙ୍କୁ ସମ୍ମାନ ମିଳିବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି । ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଦେଶର ସୀମା ଆଜି ସୁରକ୍ଷିତ ଗଣତନ୍ତ୍ର ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ କାର୍ଯ୍ୟକାରୀ କରାଯିବ । ପ୍ରଦୂଷଣ ହ୍ରାସ କରିବା ପାଇଁ ଇଭି ଗାଡ଼ି ଚଳାଚଳକୁ ପ୍ରୋତ୍ସାହିତ କରାଯିବ । ପିଏମ୍ ସୂର୍ଯ୍ୟ ଘର ଯୋଜନାରେ ଗ୍ରୀନ ଏନର୍ଜିକୁ ପ୍ରୋତ୍ସାହନ ମିଳିବ । ବନ୍ଦେ ଭାରତ ଭଳି ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ଖୁବ୍ ଶୀଘ୍ର ବୁଲେଟ ଟ୍ରେନ ଚାଲିବ ବୋଲି ସଂକଳ୍ପ ପତ୍ରରେ ପ୍ରକାଶ ପାଇଛି । ମୋଦିଙ୍କ ଗ୍ୟାରେଣ୍ଟି ଦ୍ୱାରା ଓଡ଼ିଶା ଭଳି ରାଜ୍ୟ ସର୍ବାଧିକ ଲାଭାନ୍ୱିତ ହେବ । ତେଣୁ ଏଭଳି ସଂକଳ୍ପ ପତ୍ର ପ୍ରକାଶ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, ଇସ୍ତାହାର କମିଟି ସଂଯୋଜକ ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଜିଲ୍ଲାବାସୀଙ୍କ ତରଫରୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ବଡ଼ସାହି ବିଧାୟକ ତଥା ପ୍ରାର୍ଥୀ ସନାତନ ବିଜୁଳି, ରେମୁଣାର ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ, ବାଲେଶ୍ୱର ଲୋକସଭା ସଂଯୋଜକ ଶୁଭଙ୍କର ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଲୋକସଭା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।





# ଶଙ୍ଖଭବନରେ ବିଜୁ ବାବୁଙ୍କ ଶ୍ରାଦ୍ଧୋତ୍ସବ ପାଳିତ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ମନେ ପଡ଼ନ୍ତି ବିଜୁ ବାବୁ। ଝଡ଼ର ଇଗଲଙ୍କୁ ଝୁରୁଛି ଓଡ଼ିଶା। ବିଜୁ ପଟ୍ଟନାୟକ, ଓଡ଼ିଆମାନଙ୍କର ଗର୍ବ ଏବଂ ଗୌରବ, ଆଧୁନିକ ଓଡ଼ିଶାର କିମ୍ବଦନ୍ତୀ ନେତା ତଥା ସ୍ଥପତି, ସେ ନିଜକୁ ଭୂମିପୁତ୍ର ଭାବରେ ପ୍ରମାଣିତ କରିଛନ୍ତି ତାଙ୍କର ଅଭିନବ ସାହସ ଏବଂ କ୍ରାନ୍ତିକାରୀ ପଦକ୍ଷେପ ମାଧ୍ୟମରେ। ଇତିହାସ ଯେତିକି ପଢ଼ିଥିଲେ, ତାହାଠାରୁ ଅଧିକ ଇତିହାସ ରଚିଥିଲେ ପ୍ରବାଦ ପୁରୁଷ ଦ ଟଲ୍ ମ୍ୟାନ୍ ବିଜୁ ପଟ୍ଟନାୟକ। ବୁଧବାର ପ୍ରବାଦ ପୁରୁଷ, ମହାନ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସ। ତାଙ୍କ ଶ୍ରାଦ୍ଧ ବାର୍ଷିକୀରେ ରାଜ୍ୟର କୋଣ ଅନୁକୋଣରେ ହେଉଛି ତାଙ୍କ ସ୍ମୃତିଚାରଣ। ଶଙ୍ଖ ଭବନରେ ଆୟୋଜିତ ହୋଇଛି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ। ବିଜୁଙ୍କ ତିରୋଧାନ ଦିବସରେ ତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ବିଜେଡି ନେତୃବୃନ୍ଦ



ଓ କର୍ମୀ। ଏହି ଅବସରରେ ସମସ୍ତ ନେତା ଓ କର୍ମୀମାନେ ବିଜୁବାବୁଙ୍କ ଆଦର୍ଶ ଓ ନୀତିକୁ ବଜାୟ ରଖିବା ପାଇଁ ଶପଥ ପାଠ କରିଛନ୍ତି।

ବିଜୁ ବାବୁଙ୍କ ସ୍ୱପ୍ନକୁ ସାକାର କରିବାକୁ ବିଜେଡି ସବୁବେଳେ କାର୍ଯ୍ୟ କରିଆସୁଥିବାବେଳେ ବର୍ତ୍ତମାନ ନୂଆ ଓଡ଼ିଶାକୁ କିଭଳି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଗକୁ ନିଆଯିବ, ସେଥିପାଇଁ ସମସ୍ତେ ସଂକଳ୍ପ ନେଇଛନ୍ତି। ବିଜେଡି ନେତା ଓ କର୍ମୀ ଶପଥ ପାଠରେ କହିଛନ୍ତି, 'ବିଜୁ ଜନତା ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବରେ ଆଜି ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସରେ ଦୃଢ଼ ଶପଥ ଗ୍ରହଣ କରୁଛି... ଦଳୀୟ ଏକତା, ଶୃଙ୍ଖଳା ଏବଂ ଅନୁଶାସନ ସହ କାର୍ଯ୍ୟ କରିବି। ଏହା ସହିତ ଓଡ଼ିଶାବାସୀଙ୍କ ସେବାରେ ମୁଁ ନିଜକୁ ନିରନ୍ତର ଉତ୍ସର୍ଗ କରିବି। ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ଓଡ଼ିଶା ଗଠନ ପାଇଁ ମୁଁ ଆଜି ଦୃଢ଼ ଶପଥ ଗ୍ରହଣ କରୁଛି।' ଶଙ୍ଖ ଭବନରେ ମନ୍ତ୍ରୀ ତଥା ଏକାମ୍ର ବିଧାୟକ ଅଶୋକ ପଣ୍ଡା, ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, ରାଜ୍ୟସଭା ସାଂସଦ ମୁନ୍ନା ଖାଁ, ମେୟର ସୁଲୋଚନା ଦାସ ଓ ଅନେକ ବିଜେଡି ନେତ୍ରୀ ମଧ୍ୟ ଉପସ୍ଥିତ ରହି ବିଜୁବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡିର ନେତୃବୃନ୍ଦ ସକାଳୁ ସକାଳୁ ବିନ୍ଦୁସାଗରରେ ତିଳତର୍ପଣ କରିଛନ୍ତି। ଏହାସହ ଏୟାରପୋର୍ଟ ଓ ଫରେଷ୍ଟ ପାର୍କରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି।

# ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ ତରଫରୁ ଅଗ୍ନି ନିରାପତ୍ତା ସପ୍ତାହ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କଳିଙ୍ଗନଗର, ଯାଜପୁର ଜିଲ୍ଲାର ଅଗ୍ରଣୀ ଶିଳ୍ପସଂସ୍ଥା ଜିନ୍ଦଲ ଷ୍ଟେନଲେସ ଲିମିଟେଡର, ସାମାଜିକ ଦାୟିତ୍ୱବୋଧ ବିଭାଗ ମାଧ୍ୟମରେ ମାନତିରା ଓ ବୁଦ୍ଧରାଜା ବିଦ୍ୟାପୀଠ ପରିସରରେ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ଗତ ୧୫ ଓ ୧୬ ତାରିଖ ଦୁଇଦିନ ଧରି ଏକ ଅଗ୍ନି ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ସଚେତନତା ପ୍ରଦାନ କରିବାର ଲକ୍ଷ୍ୟ ନେଇ ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍‌ର ଅଗ୍ନି ସୁରକ୍ଷା ବିଭାଗ ଓ ସିଏସ୍‌ଆର ବିଭାଗର ମିଳିତ ଉଦ୍ୟମରେ ଅଗ୍ନି ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା।



ଜେଏସଏଲର ଅଗ୍ନି ନିରାପତ୍ତା ବିଭାଗର ଅଧିକାରୀ ଛାତ୍ରଛାତ୍ରୀମାନଙ୍କୁ ନିଆଁ ଲାଗିବାର ବିଭିନ୍ନ କାରଣ ଏବଂ ଏହାକୁ ନିର୍ବାପନ କରିବା ପାଇଁ ବିଭିନ୍ନ ପଦ୍ଧତି ସମ୍ବନ୍ଧରେ ପ୍ରଦର୍ଶନ ମାଧ୍ୟମରେ ଅବଗତ କରାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ରର ଉପଯୋଗୀତା ଓ ବ୍ୟବହାର ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟେନଲେସ ଲିମିଟେଡର ସିଏସଆର ବିଭାଗର ଅଧିକାରୀ ମାନେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଏହି ଶିବିରର ଉପାଦେୟତା ସମ୍ବନ୍ଧରେ ଅବଗତ କରିଥିଲେ। ମାଣତିରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଓ ବୁଦ୍ଧରାଜା ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିବା ବେଳେ ଜେଏସଏଲର କର୍ମକର୍ତ୍ତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍‌ର କର୍ମଚାରୀବୃନ୍ଦ ଯଥା ରୋଲଣ୍ଡ ଦଳେଇ, ସସ୍ମିତା ସାମଲ, ଲବଣୀ ତରାଇ, ପ୍ରିୟଙ୍କା ପଣ୍ଡା, ସସ୍ମିତା ପରିଜା ଓ ମଧୁସ୍ମିତା ମହାନ୍ତି ପ୍ରମୁଖ ପରିଚାଳନା କରିବାରେ ସହଯୋଗ ପ୍ରଦାନ କରିଥିଲେ।

# ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଆରମ୍ଭ ହେଲା ୬ଦିନିଆ ଲିଙ୍ଗରାଜ ମହୋତ୍ସବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରତିବର୍ଷ ପରି ଚଳିତ ବର୍ଷ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚତୁର୍ଦ୍ଦଶ ଲିଙ୍ଗରାଜ ମହୋତ୍ସବ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ପ୍ରମୋଦ ଭଗତ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ପ୍ରତିଭା ପଣ୍ଡା, ସରୋଜ ପଣ୍ଡା, ରାଜେନ୍ଦ୍ର ସାମର୍ଥ। ଗୌରବ ରାଲାନ୍, ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧକ୍ଷତାରେ ସମ୍ପାଦକ ସନତ ମିଶ୍ର ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ପ୍ରଥମେ ଓଡ଼ିଶୀ




ବନ୍ଦନା, ପରେ ଅର୍ଦ୍ଧନରେଶ୍ୱର ନୃତ୍ୟ ପରିବେଷଣ କରିଥିଲେ। ସେହିପରି ବର୍ଦ୍ଧମାନରୁ ଆସିଥିବା ଦିବ୍ୟଶ୍ରି ଗାଙ୍ଗୁଲିଙ୍କ ଭାରତନାଟ୍ୟମ ନୃତ୍ୟ, ଚତିଶଗଡ଼ର ଆଞ୍ଚଲ ପାଣ୍ଡେଙ୍କ ଦ୍ୱାରା କ୍ରିଏଟିଭ ନୃତ୍ୟ, ତାରକ ସାହାଙ୍କ ଦ୍ୱାରା କ୍ରିଏଟିଭ ନୃତ୍ୟ ଓ ସସ୍ମିତା ମହାନ୍ତିଙ୍କ ଲୋକ ନୃତ୍ୟ ପରିବେଷଣ ହୋଇଥିଲା । ବାସୁଦେବ ନାଥ ଏହାକୁ ସଂଯୋଜନା କରିଥିଲେ। ଏଥିରେ ଆଇନଜୀବୀ ଶିବାନନ୍ଦ ରାୟ, ଅନୁଷ୍ଠାନର ମୁଖପାତ୍ର ଲିଙ୍ଗରାଜ ସାହୁ, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ରତିକାନ୍ତ ମହାସୁଆର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ, ସୁଧୀର ରଞ୍ଜନ ଜେନା, ପ୍ରମୋଦ କୁମାର ଦାସ, ପ୍ରତାପ ପଟ୍ଟନାୟକ, ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ ଫୁଲନଖରା କ୍ୟାମ୍ପସ୍‌ରେ ଜଟିଳ ରୋଗୀଙ୍କର ସଫଳ ଚିକିତ୍ସା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜୀବାଣୁ ସଂକ୍ରମଣ ଯୋଗୁଁ କିଡ୍‌ନୀରେ ପ୍ରବାହ ସହ ସେପ୍‌ଟିକ୍ ସକ୍ ଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା, ଯାହାକୁ ଡାକ୍ତରୀ ଭାଷାରେ ପାଇଲୋନେଫ୍ରାଇଟିସ୍ ବୋଲି କୁହାଯାଇଥାଏ। ସେଭଳି ଜଟିଳ ରୋଗରେ ପୀଡ଼ିତ ଥିବା ଜଣେ ରୋଗୀଙ୍କର ସଫଳ ଚିକିତ୍ସା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫୁଲନଖରା କ୍ୟାମ୍ପସ୍ ଠାରେ ହୋଇଯାଇଛି। ୪୨ ବର୍ଷୀୟ ଏହି ପୁରୁଷ ରୋଗୀ ଗତ ଏପ୍ରିଲ ୩ ତାରିଖ ଦିନ ଜ୍ୱର, ଶ୍ୱାସ ପ୍ରଶ୍ୱାସରେ ସମସ୍ୟା ନେଇ ହସ୍ପିଟାଲ୍‌କୁ ଆସିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ୍‌ର କ୍ରିଟିକାଲ୍ କେୟାର ମେଡିସିନ୍ ବିଶେଷଜ୍ଞ ଡାକ୍ତର ଗୌରୀଶଙ୍କର ରାୟଙ୍କର ଅଧିନରେ ଭର୍ତ୍ତି କରାଯାଇ ଆଇସିୟୁରେ ରଖାଯାଇଥିଲା। ନିଃଶ୍ୱାସ ନେବାରେ ସମସ୍ୟା ହେବାରୁ ହସ୍ପିଟାଲ୍‌ରେ ଭର୍ତ୍ତି ହେବାର ପରଦିନ ତାଙ୍କୁ ଭେଣ୍ଟିଲେଟରରେ ରଖାଯିବା ସହ ୪ ଥର ଡାଏଲିସିସ୍ ମଧ୍ୟ କରାଯାଇଥିଲା। ସେହିପରି ୟୁରେଟେରେସ୍କୋପିକ୍ ଲିଥୋଟ୍ରିପ୍ସି (ୟୁଆର୍‌ଏସ୍‌ଏଲ୍) ପ୍ରକ୍ରିୟା ଦ୍ୱାରା ତାଙ୍କର




କିଡ୍‌ନୀ ଷ୍ଟୋନ୍ ବାହାର କରାଯାଇଥିଲା। ନେଫ୍ରୋଲୋଜିଷ୍ଟ ଓ ରେଡିଓଲୋଜିଷ୍ଟ ମାନଙ୍କୁ ନେଇ ଗଠିତ ଏକ ଡାକ୍ତରୀ ଟିମ୍ ସମ୍ପୃକ୍ତ ରୋଗୀଙ୍କର ଚିକିତ୍ସା କରିଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବାରୁ ଏପ୍ରିଲ୍ ୬ ତାରିଖ ଦିନ ତାଙ୍କୁ ଭେଂଟିଲେଟରରୁ କଢ଼ାଯିବା ସହ ପରବର୍ତ୍ତୀ ସମୟରେ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ମଧ୍ୟ କରାଯାଇଛି। ରୋଗୀ ଜଣଙ୍କ ଏବେ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ଦୈନନ୍ଦିନ କାର୍ଯ୍ୟ ମଧ୍ୟ କରୁଛନ୍ତି। ରୋଗୀଙ୍କ ପରିବାରବର୍ଗ ନିଜର ଖୁସି ବ୍ୟକ୍ତ କରିବା ସହ ଏହି ସଫଳ ଚିକିତ୍ସା ପାଇଁ ହସ୍ପିଟାଲ୍‌ର ଡାକ୍ତର, ନର୍ସ ଓ ପାରାମେଡିକ୍ସଙ୍କୁ ଧନ୍ୟବାଦ ଦେଇଛନ୍ତି।

# ବିଜେଡ଼ିରେ ମିଶ୍ରଣ ପର୍ବ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ବିଜୁଜନତା ଦଳର ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ୧୫ନଂ ଜୋନାୟ ଦେଓଦା ପଞ୍ଚାୟତର ବିଜେପି କର୍ମୀମାନେ ବିଧିବଦ୍ଧ ଭାବେ ବିଜେଡ଼ିରେ ସାମିଲ ହୋଇଛନ୍ତି। ବିଜେଡ଼ି କାର୍ଯ୍ୟାଳୟଠାରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ କର୍ମୀମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇକର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ସେମାନେ ହେଲେ ନୀଳମଣି ନାୟକ, କୁଳମଣି ନାୟକ, ରଞ୍ଜିତ ନାୟକ, ବାବନ ନାୟକ, ନବୀନ ନାୟକ ତୋଫାନ ନାୟକ ଓ ପ୍ରଶାନ୍ତ କୁମାର ନାୟକ।ଏହି ବୈଠକରେ ବ୍ଲକ୍ ବେଜେଡି ସଭାପତି ଜଳଧର ମହାନ୍ତି, ନିରଞ୍ଜନ ବଳ ଓ ଦେଓ ଦା ପଞ୍ଚାୟତର ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପୁରୀ ବେଳାଭୂମିରେ ୨୦ ଫୁଟ୍‌ର ବାଳକ୍ ରାମଙ୍କ ବାଲୁକା କଳା : ୧୨ ଟନ୍ ବାଲି ବ୍ୟବହୃତ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ରାମନବମୀ ଉପଲକ୍ଷେ ପୁରୀ ବେଳାଭୂମିରେ ଶ୍ରୀରାମଙ୍କ ସୁନ୍ଦର କଳାକୃତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଛନ୍ତି। ପ୍ରଭୁ ଶ୍ରୀରାମଙ୍କ ଏହି ସୁନ୍ଦର




କଳାକୃତି ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ୨୦ ଫୁଟର ବାଲକ୍ ରାମଙ୍କ ଏହି ବାଲୁକା କଳାରେ ପ୍ରାୟ ୧୨ ଟନ୍ ବାଲି ବ୍ୟବହାର କରାଯାଇଥିବା ସୂଚନା ଦେଇଛନ୍ତି ସୁଦର୍ଶନ। ବାଲ୍ ରାମଙ୍କ ଏହି ବାଲୁକା କଳା ଦେଖିବାକୁ ସମୁଦ୍ର ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି।

# ଆରମ୍ଭ ହେଲା ଶ୍ରୀକ୍ଷେତ୍ର ପୁରୀରେ ପ୍ରସିଦ୍ଧ ସାହିଯାତ



**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ଶ୍ରୀଜଗନ୍ନାଥଙ୍କ ରାମାବତାର ଲୀଳାର ଅଂଶ ହେଉଛି ସାହିଯାତ । ଶ୍ରୀକ୍ଷେତ୍ରର ସଂସ୍କୃତି ଓ ପାରମ୍ପରିକ ସମରକଳାର ପ୍ରତୀକ ରୂପେ ପରିଚିତ ସାହିଯାତ। ଏହି ଯାତ ସମୟରେ ପୁରୀ ସହରର ଆଠସାହିରୁ ବାହାରୁଥିବା ପଟୁଆର ଓ ଯାତ ଆଦି ବାଡି ସାହିଗୁଡ଼ିକରେ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥାନ୍ତି। ସାହିଯାତରେ ସମରକଳା, ଲୋକକଳା, ଲୋକନୃତ୍ୟ, ଲୋକଗୀତ ଓ ଲୋକବାଦ୍ୟ ପରମ୍ପରାର ସମ୍ମିଳିତ ରୂପ ଦେଖିବାକୁ ମିଳିଥାଏ। ବୁଧବାରଠାରୁ ଆରମ୍ଭ ହୋଇଛି ସାହିଯାତ। ଏହା ଆସନ୍ତା ମେ' ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ କାଳିକାଦେବୀ ସାହିରୁ ଯାତ ବାହାରି ଶ୍ରୀମନ୍ଦିରରେ ନୀତି ସମ୍ପନ୍ନ କରାଯାଇଛି। ଏହାପରେ ବାଦିସାହିକୁ ଯାଇ କଳା କୌଶଳ ପ୍ରଦର୍ଶନ କରାଯାଇଥିଲା।

ପରମ୍ପରା ଅନୁଯାୟୀ, ରାମନବମୀ ତିଥି ଅବସରରେ କାଳିକାଦେବୀ ସାହି ପକ୍ଷରୁ ରାମଜନ୍ମ ନୀତି ସମ୍ପନ୍ନ କରାଯାଇଥିଲା। ସେହିଭଳି ୧୮ ତାରିଖରେ ହରଚଣ୍ଡୀ ସାହି ପକ୍ଷରୁ ଯଜ୍ଞ ରକ୍ଷା ନୀତି ଓ ମାଟି ମଣ୍ଡପ ସାହି ପକ୍ଷରୁ ନିଶାଣ ଶୋଭାଯାତ୍ରା ହେବ। ୧୯ ତାରିଖରେ ହରଚଣ୍ଡୀ ସାହି ପକ୍ଷରୁ ପର୍ଶୁରାମ କଳା ହରଣ ନୀତି କରାଯିବ। ୨୦ ତାରିଖରେ ମାର୍କେଣ୍ଡେଶ୍ୱର ସାହି ପକ୍ଷରୁ ବନବାସ ନୀତି, ୨୨ରେ କୁଣ୍ଡେଇବେଣ୍ଟ ସାହି ପକ୍ଷରୁ ସୀତାଚୋରୀ ନୀତି, ୨୩ରେ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାପୋଡ଼ି ନୀତି, ୨୪ରେ ବାଲିସାହି ପକ୍ଷରୁ ସେତୁବନ୍ଧ ପ୍ରସ୍ତାବ ନୀତି, ୨୫ରେ ବାଲିସାହି ପକ୍ଷରୁ ରାବଣ ବଧ ପ୍ରସ୍ତାବ ନୀତି ସମ୍ପନ୍ନ କରାଯିବ। ସେହିପରି ୧ ତାରିଖରେ ଗୌଡ଼ବାଡ଼ ସାହି ପକ୍ଷରୁ ରାମାଭିଷେକ ନୀତି ସହ ସାହିଯାତ ଶେଷ ହେବ।

# ପଦ୍ମ ଛାଡ଼ି ଶଙ୍ଖ ଧରିଲେ ଜିଲ୍ଲା ବିଜେପି ସଂପାଦକ

**କଟକ, ନ୍ୟୁଜ୍‌ବ୍ୟୁରୋ**

ପଦ୍ମ ଛାଡି ଶଙ୍ଖ ଧରିଲେ ଜିଲ୍ଲା ବିଜେପି ସଂପାଦକ। ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ବିଜେଡି ଶକ୍ତି ବୃଦ୍ଧି ପାଇବାରେ ଲାଗିଛି। ବିଜେପି ଟିକେଟ ବଣ୍ଟନକୁ ନେଇ ବଢୁଛି ଅସନ୍ତୋଷ। ବିଜେପି ଛାଡ଼ି ବିଜେଡିରେ ଯୋଗଦେଉଛନ୍ତି ନେତା ଓ କର୍ମୀ। କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ପଞ୍ଚାୟତ ପୂର୍ବତନ ସରପଞ୍ଚ ତଥା କଟକ ଜିଲ୍ଲା ବିଜେପି ସଂପାଦକ ବିବେକାନନ୍ଦ ବେହେରା ୨୦ରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସହ ବିଧାୟକ ପ୍ରତାପ ଜେନାଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ସ୍ଥାନୀୟ ବିଧାୟକ ପ୍ରତାପ ଜେନା ଓ ତାଙ୍କ ସୁପୁତ୍ର ଅଙ୍କିତ ପ୍ରତାପ ଜେନାଙ୍କ ଦୃଢ଼ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଥିବା କହିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁପ୍ରିମକୋର୍ଟରେ ଭିଭିପିଏଟି ଶୁଣାଣି...

ବିଶ୍ୱାସ କରନ୍ତି ନାହିଁ ବୋଲି ତାଙ୍କ ଯୁକ୍ତିକୁ ସମର୍ଥନ କରୁଥିବା ଭଳି ତଥ୍ୟ ଅଛି କି? ଏହାର ଜବାବରେ ଭୂଷଣ କହିଥିଲେ, ଏକ ସର୍ଭେ ରିପୋର୍ଟ ଆମ ପାଖରେ ଅଛି। ଖଣ୍ଡପୀଠ କହିଥିଲେ ଆମେ ଏଭଳି ଘରୋଇ ସର୍ଭେ ଉପରେ ବିଶ୍ୱାସ କରୁନାହୁଁ। ଭୂଷଣ କହିଥିଲେ, ସରକାରୀ କ୍ଷେତ୍ରର କମ୍ପାନୀଗୁଡିକ ଇଭିଏମ୍ ତିଆରି କରୁଛନ୍ତି ଏବଂ ଏହାକୁ ନେଇ ସମସ୍ୟା ରହିଛି। ଏହାକୁ ନେଇ ଅଦାଲତ ପ୍ରଶ୍ନ କରିଥିଲେ ଯେ ଯଦି ଘରୋଇ ସଂସ୍ଥା ଇଭିଏମ୍ ତିଆରି କରିବେ ତେବେ ସେମାନେ ଖୁସି ହେବେ କି?

## ୧୯ରେ ହେବାକୁ ଥିବା ପ୍ରଥମ...

ଏବଂ ସପା ମୁଖ୍ୟ ଅଖିଲେଶ ଯାଦବ ମିଳିତ ଭାବେ ଦିଲ୍ଲୀ ନିକଟସ୍ଥ ଉତ୍ତରପ୍ରଦେଶର ଗାଜିଆବାଦରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ ଏବଂ ଏହି ସମୟରେ ସେମାନେ ବିଜେପି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିଲେ।

## ଗରିବଙ୍କ ପାଇଁ ୩୦...

'ଯେତେବେଳେ ସେ ୨୦୧୪ରେ ଆସିଥିଲେ, ସେତେବେଳେ ସେ ତାଙ୍କ ସହ ଆଶା ଆଣିଥିଲେ, ଯେତେବେଳେ ସେ ୨୦୧୯ରେ ଆସିଥିଲେ, ସେ ତାଙ୍କ ସହ ଆତ୍ମବିଶ୍ୱାସ ଆଣିଥିଲେ, ୨୦୨୪ରେ ଯେତେବେଳେ ମୋଦି ଆସିବେ, ସେ ତାଙ୍କ ସହିତ ଗ୍ୟାରେଣ୍ଟି ଆଣିବେ। ମୋଦିଙ୍କ ଗ୍ୟାରେଣ୍ଟିର ଅର୍ଥ ହେଉଛି "ଗ୍ୟାରେଣ୍ଟି ପୂରଣହେବାର ଗ୍ୟାରେଣ୍ଟି"।

## ଲୋକସଭା ନିର୍ବାଚନ ଲଢୁଥିବା...

ବିଜେପି ପରି ଜାତୀୟ ଦଳରେ ରହି ମଧ୍ୟ ଦଳୀୟ ନେତୃତ୍ୱଙ୍କ ଅଣଦେଖା ଓ ଅବିଚାରର ଶୀକାର ହେବା ପରେ ଅନେକ ପ୍ରଭାବଶାଳୀ ନେତା ଦଳ ଛାଡି ବିଜେଡିରେ ମିଶିଥିଲେ। ସେମାନଙ୍କ ମଧ୍ୟରେ ଭୃଗୁ ବକ୍ସିପାତ୍ର, ଲେଖାଶ୍ରୀ ସାମନ୍ତସିଂହାର ଅର୍ନ୍ତଭୁକ୍ତ। ଏହି ଦୁଇଜଣ ବିଜେଡିରେ ଯୋଗଦେବା ପରେ ଏବେ ଲୋକସଭା ନିର୍ବାଚନ ଲଢିବା ପାଇଁ ପ୍ରାର୍ଥୀ ହୋଇଛନ୍ତି। ଏଥି ପାଇଁ ସେମାନେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଗଭୀର କୃତଜ୍ଞତା ମଧ୍ୟ ଜଣାଇଛନ୍ତି। ଅନ୍ୟପକ୍ଷରେ କଂଗ୍ରେସରୁ ଇସ୍ତଫା ଦେବା ପରେ ବଲାଙ୍ଗୀରର ଟାଣୁଆ ନେତା ସୁରେନ୍ଦ୍ର ସିଂ ଭୋଇଙ୍କୁ ମଧ୍ୟ ଲୋକସଭା ପ୍ରାର୍ଥୀ କରାଯାଇଛି। ଏହି ନେତାମାନଙ୍କୁ ଭାଗ୍ୟବାନ ବୋଲି ସମୀକ୍ଷକ ବିବେଚନା କରିଛନ୍ତି।

## ଆଉ ୯ ଆସନରେ ପ୍ରାର୍ଥୀ...

ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ନବୀନ ପଟ୍ଟନାୟକ ନିଜେ ଏକ ଝଡ଼, ବାତ୍ୟା। ସେ ଯେଉଁଠିକି ଯିବେ ଓଡ଼ିଶାର ବିକାଶର ବାର୍ତ୍ତା ନେଇ ଯିବେ। ସମ୍ବଲପୁରର ବିଜେଡି ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ କହିଛନ୍ତି, ବିଜେପି ସରକାର ସମ୍ବଲପୁରକୁ ସ୍ମାର୍ଟ ସିଟି କରିବାକୁ ଆନ୍ତରିକତା ପ୍ରକାଶ କରି ନ ଥିଲେ। ଆମେ ସମ୍ବଲପୁରକୁ ସ୍ମାର୍ଟ ସିଟି କରିକି ଦେଖାଇବୁ। ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାକୁ ଖୁବ୍ ଭଲ ପାଆନ୍ତି। ଆମେ ସବୁବେଳେ ଲୋକଙ୍କ ସେବା କରୁ । ନିର୍ବାଚନ ଆସିଲେ ଆମେ ଲଢ଼ିବୁ ଓ ନିଶ୍ଚିତ ଭାବେ ଜିତିବୁ । ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀ ହେଲେ ଜଣେ କିଛି ନ କରି ବି ଅଧା ନିର୍ବାଚନ ଜିତି ଯାଇଥାଏ । ବିଜେଡିର ପଞ୍ଚମ ପର୍ଯ୍ୟାୟ ବିଧାୟକ ପ୍ରାର୍ଥୀ ତାଲିକା ଘୋଷଣା ପରେ ବହୁ ଆସନରେ ବିଜେଡି ପ୍ରାର୍ଥୀ ବଦଳାଇଥିବା ଜଣାଯାଇଛି। ନିମାପଡ଼ା ଆସନ ପାଇଁ ପୂର୍ବତନ ମନ୍ତ୍ରୀ ସମୀର ଦାସ ଟିକେଟ ଆଶାୟୀ ଥିବା ବେଳେ ତାଙ୍କ ପରିବର୍ତ୍ତେ ଦଳ ଦିଲୀପ ନାୟକଙ୍କୁ ପ୍ରାର୍ଥୀ କରିଛି। କୁଚିଣ୍ଡାରେ କିଶୋର ନାୟକଙ୍କୁ ବି ଟିକେଟ ଦିଆଯାଇ ନାହିଁ। କିଶୋରଙ୍କ ଜାଗାରେ ରାଜେନ୍ଦ୍ର ଛତ୍ରିଆଙ୍କୁ ଟିକେଟ ଦେଇଛି ବିଜେଡି । ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ଟିକେଟ କଟିଥିବା ସ୍ପଷ୍ଟ ହୋଇଛି। ବାକାଙ୍କ ଜାଗାରେ ଲକ୍ଷ୍ମୀପ୍ରିୟା ନାୟକ ହୋଇଛନ୍ତି ବିଜେଡି ପ୍ରାର୍ଥୀ ।

## ଇରାନ୍ ଉପରେ ଆକ୍ରମଣ ପାଇଁ...

ରହିଛି, ଯାହାକି ପରମାଣୁ କ୍ଷମତା ବିଶିଷ୍ଟ ରହିଛି । ଏହି ମିଜାଇଲ୍ ୩ହଜାର କିଲୋମିଟର ଯାଏଁ ପରମାଣୁ ଅସ୍ତ୍ରକୁ ନେଇ ଆକ୍ରମଣ କରିବାରେ ସକ୍ଷମ । ଏହା ଇରାନ୍ ପାଖରେ ସୋଜିଲ ନାମର ଏକ ଖତରନାକ୍ ମିଜାଇଲ୍ ରହିଛି । ଯାହା ୧୭ ହଜାର କିଲୋମିଟର ପ୍ରତି ଘଣ୍ଟା ବେଗରେ ୨୫୦୦ କିଲୋମିଟର ରେଡିଏସନରେ ଆକ୍ରମଣ କରିପାରିବ । ସେହିପରି ଯଦି ଆମେ ଇସ୍ରାଏଲ କଥା କହିବା, ତେବେ ଇସ୍ରାଏଲ ପାଖରେ ରହିଛି ୪.୮୦୦ କିଲୋମିଟର ପର୍ଯ୍ୟନ୍ତ ଆକ୍ରମଣ କରିପାରୁଥିବା ଜୋରିକୋ-୩ କଣ୍ଟିନେଟଲ ବାଲାଷ୍ଟିକ୍ ମିଜାଇଲ୍ । ଏହି ମିଜାଇଲ୍ ସାଢେ ସାତ ଶହ କିଲୋର ପରମାଣୁ ଅସ୍ତ୍ରକୁ ସାଙ୍ଗରେ ଧରି ଲକ୍ଷ୍ୟସ୍ଥଳରେ ଆକ୍ରମଣ କରିବାର କ୍ଷମତା ରଖିଛି । ଇସ୍ରାଏଲ ପାଖରେ ଆମେରିକାର ଅତ୍ୟାଧୁନିକ ଫାଇଟର୍ ଜେଟ୍ ଏଫ୍-୧୬ ବି ରହିଛି । ମିଳିଥିବା ସୂଚନା ଆଧାରରେ, ଇସ୍ରାଏଲ ପାଖରେ ପରମାଣୁ ଅସ୍ତ୍ରବି ରହିଛି । କିନ୍ତୁ ଇସ୍ରାଏଲ ପାଖରେ ପରମାଣୁ ଅସ୍ତ୍ର ରହିଛି ବୋଲି ଇସ୍ରାଏଲ କେବେ ସ୍ୱୀକାର କରିନି । ତେବେ ଯୁଦ୍ଧ ଯଦି ଆଗକୁ ବଢେ ତେବେ ଭୟଙ୍କର ରୂପ ଧାରଣ କରିବ । ଆଉ ଏହାର ପ୍ରଭାବ ସାରା ବିଶ୍ୱ ଉପରେ ପଡିବ । ତେଣୁ ଏହି ଯୁଦ୍ଧକୁ ରୋକିବା ପାଇଁ ଭାରତ ସମେତ ଅନ୍ୟ ଦେଶମାନେ ମଧ୍ୟ ପ୍ରୟାସ କରୁଛନ୍ତି ।

## ଆଜିଠୁ ୩ ଦିନ ଯାଏ...

ଦୃଷ୍ଟିରେ ରଖି ୫ ଦିନ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତା'ସହିତ ଉପକୂଳ ଓଡ଼ିଶାରେ ଗୋଟିଏ ଦୁଇଟି ସ୍ଥାନରେ ଉଷ୍ମ-ଆର୍ଦ୍ର ପାଣିପାଗ ସ୍ଥିତି ରହିବାର ସମ୍ଭାବନା ଥିବାରୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଖାସ୍ କରି ୧୮ ଓ ୧୯ ତାରିଖରେ ଖରା ପିକରେ ରହିବ । କିଛି ଜିଲ୍ଲାରେ ତାପମାତ୍ରା ୪୩ରୁ ୪୫ ଡିଗ୍ରୀ ରେକର୍ଡ କରାଯିବାର ସମ୍ଭାବନା ରହିଛି।

## ଭାରତର ଜନସଂଖ୍ୟା ୧୪୪...

ଜନସଂଖ୍ୟାର ୭ ପ୍ରତିଶତ ଲୋକ ୬୫ ବର୍ଷରୁ ଅଧିକ ବୟସ୍କ ହୋଇଥିବା ବେଳେ ପୁରୁଷଙ୍କ ଆୟୁଷ ୭୧ ବର୍ଷ ଏବଂ ମହିଳାଙ୍କ ଆୟୁଷ ୭୪ ବର୍ଷ। ରିପୋର୍ଟରେ ଦର୍ଶାଯାଇଛି ଯେ ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ କ୍ଷେତ୍ରରେ ୩୦ ବର୍ଷର ଅଗ୍ରଗତି ଅଧିକାଂଶ ସମୟରେ ବିଶ୍ୱର ସବୁଠାରୁ ଅବହେଳିତ ସମ୍ପ୍ରଦାୟକୁ ଅଣଦେଖା କରିଛି। ରିପୋର୍ଟ ଅନୁଯାୟୀ, ୨୦୦୬-୨୩ ମଧ୍ୟରେ ଭାରତରେ ବାଲ୍ୟ ବିବାହ ହାର ୨୩ ପ୍ରତିଶତ ଥିଲା। ରିପୋର୍ଟରେ ଦର୍ଶାଯାଇଛି, ଭାରତରେ ମାତୃ ମୃତ୍ୟୁ ଯଥେଷ୍ଟ ହ୍ରାସ ପାଇଛି, ଯାହା ସମଗ୍ର ବିଶ୍ୱରେ ହୋଇଥିବା ମୋଟ ମୃତ୍ୟୁର ୮ ପ୍ରତିଶତ । ସୁଲଭ, ଗୁଣାତ୍ମକ ମାତୃ ସ୍ୱାସ୍ଥ୍ୟ ସେବାର ଉନ୍ନତ ଉପଲବ୍ଧତା ଏବଂ ସ୍ୱାସ୍ଥ୍ୟ ଫଳାଫଳ ଉପରେ ଲିଙ୍ଗଗତ ଭେଦଭାବର ପ୍ରଭାବକୁ ଦୂର କରିବା ପାଇଁ ପ୍ରୟାସ ଯୋଗୁଁ ଭାରତର ସଫଳତାକୁ ଦାୟୀ କରାଯାଇଛି ବୋଲି ରିପୋର୍ଟରେ କୁହାଯାଇଛି। ତେବେ ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତରେ ମାତୃ ମୃତ୍ୟୁ ଆଶଙ୍କାରେ ନାଟକୀୟ ଅସମାନତା ଦେଖିବାକୁ ମିଳୁଛି। ପିଏଲଓଏସ ଗ୍ଲୋବାଲ ପବ୍ଲିକ ହେଲ୍ଥ ଦ୍ୱାରା ଭାରତରେ ଜିଲ୍ଲାସ୍ତରୀୟ ମାତୃ ମୃତ୍ୟୁ ହାରର ଆକଳନ ଏବଂ ସମ୍ପର୍କ ଶୀର୍ଷକ ଏକ ରିପୋର୍ଟକୁ ଉଦ୍ଧୃତ କରି ୟୁଏନ୍‌ଏଫପିଏ କହିଛି ଯେ ଭାରତର ୬୪୦ ଟି ଜିଲ୍ଲା ଉପରେ ନିକଟରେ ହୋଇଥିବା ଗବେଷଣାରୁ ଜଣାପଡିଛି ଯେ ମାତୃ ମୃତ୍ୟୁ ହାର ପ୍ରତି ୧୦୦,୦୦୦ ଜନ୍ମରେ ୭୦ରୁ କମ୍ କରିବାର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିଥିବା ବେଳେ ୧୧୪ଟି ଜିଲ୍ଲାରେ ଏବେ ବି ଅନୁପାତ ୨୧୦ କିମ୍ବା ତା'ଠାରୁ ଅଧିକ ରହିଛି।

# ଏମ୍ସ ଭୁବନେଶ୍ୱରରେ ଉନ୍ନତ କୃତ୍ରିମ ମୂତ୍ର ସ୍ଫିଂଟର ପ୍ରତିରୋପଣ ସେବା ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗୁଣବତ୍ତାସମ୍ପନ୍ନ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରର ଖ୍ୟାତି ଅର୍ଜନ କରିଥିବା ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର ଏହାର ସଫଳତାରେ ଯୋଡ଼ିଛି ଆଉ ଏକ ଫର୍ଦ୍ଦ। ରାଜ୍ୟରେ ପ୍ରଥମକରି ଜଣେ ବ୍ୟକ୍ତିଙ୍କ ଶରୀରରେ କୃତ୍ରିମ ମୂତ୍ର ସ୍ଫିଂଟର୍ସ (ଏୟୁଏସ) ପ୍ରତିରୋପଣ କରାଯାଇଛି। ଏମ୍ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ଦ୍ୱାରା କରାଯାଇଥିବା ଏହି ଅତ୍ୟାଧୁନିକ ପ୍ରତିରୋପଣ ଓଡ଼ିଶାରେ ପ୍ରଥମ ହେବାର ଗୌରବ ଲାଭ କରିଛି। ଏକ ସୁଦକ୍ଷ ଡାକ୍ତରୀ ଦଳ ଏହି ବିଶେଷ ପ୍ରତିରୋପଣ ପ୍ରକ୍ରିୟା ସମ୍ପାଦନ କରିଥିଲେ। ଏହି ଅଭିନବ ସେବା ଗୁରୁତର ମୂତ୍ର ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ନୂତନ ଆଶା ଏବଂ ଉନ୍ନତ ମାନର ଜୀବନ ପ୍ରଦାନ କରିବାରେ ସହାୟକ ହେବ। ପୂର୍ବରୁ ଏହି ପ୍ରତିରୋପଣ କେବଳ ଦେଶର ହାତଗଣତି କିଛି ବଡ଼ ସହରରେ ଉପଲବ୍ଧ ଥିଲା। ବର୍ତ୍ତମାନ ଏହା ଏମ୍ସ ଭୁବନେଶ୍ୱରରେ ଉପଲବ୍ଧ ହୋଇପାରିଛି। କୃତ୍ରିମ ୟୁରିନାରୀ ସ୍ଫିଂଟର ପ୍ରତିରୋପଣ ପ୍ରଣାଳୀ ମୂତ୍ର ରୋଗୀଙ୍କ ପାଇଁ ସର୍ବୋଚ୍ଚ (ସ୍ୱର୍ଣ୍ଣ ମାନକ) ଚିକିତ୍ସା ଭାବରେ ସ୍ୱୀକୃତିପ୍ରାପ୍ତ ଯାହା ପାରମ୍ପାରିକ ଚିକିତ୍ସା ପଦ୍ଧତିର ବିରୁଦ୍ଧାଚରଣ କରେନାହିଁ। ପ୍ରୋଷ୍ଟେଟ



ସର୍ଜରୀ, ମେରୁଦଣ୍ଡରେ ଆଘାତ କିମ୍ବା ମୂତ୍ର ନିୟନ୍ତ୍ରଣକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ବିଭିନ୍ନ କାରଣରୁ ଅଧିକାଂଶ ବ୍ୟକ୍ତି ପରିସ୍ରା ଉପରେ ନିୟନ୍ତ୍ରଣ ହରାଇଥାନ୍ତି। ଯାହାକି ସେମାନଙ୍କ ଦୈନନ୍ଦିନ ଜୀବନ ପ୍ରକ୍ରିୟାକୁ ବେଶ ପ୍ରଭାବିତ କରିଥାଏ। କୃତ୍ରିମ ୟୁରିନାରୀ ସ୍ଫିଂଟର ହେଉଛି ଏପରି ଏକ ଅତ୍ୟାଧୁନିକ ଉପକରଣ ଯାହାକି ମୂତ୍ରବାହିନୀରେ ନିୟନ୍ତ୍ରକ ଭାବେ କାର୍ଯ୍ୟ କରିଥାଏ। ଯାହାକି ଅନିୟନ୍ତ୍ରିତ ପରିସ୍ରାରୁ ମୁକ୍ତି ଦେବା ସହିତ ସାଧାରଣ ଜୀବନଯାପନ ପ୍ରକ୍ରିୟାକୁ ସ୍ୱାଭାବିକ କରିଥାଏ। ଅସ୍ୱାଭାବିକ ମୂତ୍ର ଅସନ୍ତୋଷ ଅନୁଭବ କରୁଥିବା ରୋଗୀଙ୍କ ପାଇଁ ଏହି ସେବା ବିଶେଷ ଭାବରେ ପ୍ରସ୍ତୁତ ହୋଇଛି ଯାହାକି ଅତ୍ୟନ୍ତ ପ୍ରଭାବଶାଳୀ ଓ ଫଳପ୍ରଦ।

ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ . ଆଶୁତୋଷ ବିଶ୍ୱାସ ଏହି ଅତ୍ୟାଧୁନିକ ଆରଟିଫିସିଆଲ୍ ୟୁରିନାରୀ ସ୍ଫିଂଟର ପ୍ରତିରୋପଣ ସେବା ଆରମ୍ଭରେ ଖୁସି ବ୍ୟକ୍ତ କରିବା ସହିତ ବିଶେଷଜ୍ଞ ଡାକ୍ତରୀ ଦଳ ଏବଂ ୟୁରୋଲୋଜୀ ବିଭାଗକୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ରାଜ୍ୟ ତଥା ପୂର୍ବ ଭାରତର ଲୋକମାନେ ଏହି ସେବା ପାଇପାରିବେ, ଯେଉଁଥିପାଇଁ ସେମାନଙ୍କୁ ପୂର୍ବରୁ ଅନ୍ୟ ରାଜ୍ୟକୁ ଯିବାକୁ ପଡୁଥିଲା ବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି। ଏମ୍ସ ଭୁବନେଶ୍ୱରରେ ଏହି ପ୍ରତିରୋପଣ କାର୍ଯ୍ୟକ୍ରମ ଦକ୍ଷ, ଅତ୍ୟାଧୁନିକ ଜ୍ଞାନକୌଶଳରେ ଧୁରିଣ ୟୁରୋଲୋଜିଷ୍ଟ ଏବଂ କୁଶଳୀ ସର୍ଜନଙ୍କ ଏକ ଦଳ ଦ୍ୱାରା ପରିଚାଳିତ ହେବ। ଏମ୍ସ ଭୁବନେଶ୍ୱରରେ ଆଣ୍ଡ୍ରୋଲୋଜି ଚିକିତ୍ସା ଯୋଗାଉଥିବା ୟୁରୋଲୋଜି ବିଭାଗର ସହକାରୀ ପ୍ରଫେସର ଡ. ସମ୍ବିତ ତ୍ରିପାଠୀଙ୍କ ମତରେ ଏହି ପ୍ରତିରୋପଣ ସେବା ଆରମ୍ଭ କରିବା ବ୍ୟାପକ ତଥା ଉନ୍ନତ ଚିକିତ୍ସା ଚିକିତ୍ସା ପ୍ରଦାନ ପାଇଁ ଆମର ପ୍ରତିବଦ୍ଧତାର ଏକ ପ୍ରମୁଖ ପରିଚୟ ଅଟେ। ୟୁରୋଲୋଜି ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ ନାୟକ କହିଛନ୍ତି ଯେ ଆମେ ଆମର ରୋଗୀଙ୍କୁ ସର୍ବୋତ୍ତମ ସମ୍ଭାବ୍ୟ ଫଳାଫଳ ପ୍ରଦାନ କରିବା ଏବଂ ସେମାନଙ୍କ ନିତିଦିନିଆ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଉତ୍ସର୍ଗୀକୃତ। ଏହି ସେବା ଆରମ୍ଭ କରିବାରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ପ୍ରେରଣା ନିମନ୍ତେ ଆମେ କୃତଜ୍ଞ।

ଏମ୍ସ ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା ଏହି ଅବସରରେ ୟୁରୋଲୋଜି ବିଭାଗର ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ନୂତନ ସେବା ମଧ୍ୟରେ କରାଯାଇଥିବା ସମସ୍ତ ପ୍ରକ୍ରିୟା ପାଇଁ ସର୍ବୋଚ୍ଚ ନିରାପତ୍ତା ଏବଂ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଏମ୍ସ ଭୁବନେଶ୍ୱରରେ ଅତ୍ୟାଧୁନିକ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ଉପଲବ୍ଧ ରହିଛି। ରୋଗୀମାନଙ୍କୁ ପ୍ରତିରୋପଣ ପରବର୍ତ୍ତୀ ପୁନରୁଦ୍ଧାର ପ୍ରକ୍ରିୟାରେ ସହାୟତା କରିବା ପାଇଁ ଡାକ୍ତରଖାନା ପକ୍ଷରୁ ନିୟମିତ ଯାଞ୍ଚ ଏବଂ ସହାୟତା ପ୍ରଦାନ ନିମନ୍ତେ ସୁବନ୍ଦୋବସ୍ତ କରାଯାଇଛି। ଏମ୍ସ ଭୁବନେଶ୍ୱରରେ ଆରଟିଫିସିଆଲ୍ ୟୁରିନାରୀ ସ୍ଫିଂଟର ପ୍ରତିରୋପଣ ସେବା ବିଷୟରେ ଅଧିକ ସୂଚନା କିମ୍ବା ଏନେଇ ପରାମର୍ଶ କରିବାକୁ ଚାହୁଁଥିବା ରୋଗୀମାନେ ଏମ୍ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ସହିତ ଯୋଗାଯୋଗ କରିପାରିବେ।

ଉତ୍କଳ ଦୀପିକା

ଭୁବନେଶ୍ୱର
୧୮ ଅପ୍ରେଲ
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24









ଭୁବନେଶ୍ୱର : ପବିତ୍ର ରାମନବମୀ ପାଳନ ଅବସରରେ ୟୁନିଟ୍-୩ ସ୍ଥିତ ରାମ ମନ୍ଦିରରେ ଯଜ୍ଞ କରାଯିବା ସହ ଭକ୍ତମାନଙ୍କ ପ୍ରବଳ ଭିଡ଼। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ଶ୍ରାଦ୍ଧ ଦିବସ ପାଳନ ଅବସରରେ ବିଧାନସଭା ପରିସରରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ବାଚସ୍ପତି ପ୍ରମିଳା ମଲ୍ଲିକ। (ଫଟୋ : ସମ୍ବାଦ କଳିକା)

## ମହାନ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

# ବିଜୁବାବୁ ଥିଲେ ଓଡ଼ିଶାର ସ୍ୱାଭିମାନ, ସ୍ପର୍ଦ୍ଧା ଓ ସମୃଦ୍ଧିର ପ୍ରତୀକ

**ଭୁବନେଶ୍ୱର, ୧୭।୪**
**ନ୍ୟୁଜ୍‌ବ୍ୟୁରୋ**

ପ୍ରବାଦପୁରୁଷ ବିଜୁବାବୁ ଥିଲେ ଓଡ଼ିଶାର ସ୍ୱାଭିମାନ, ସ୍ପର୍ଦ୍ଧା ଓ ସମୃଦ୍ଧିର ପ୍ରତୀକ। ଓଡ଼ିଶା ବାହାରେ ଓଡ଼ିଶାର ଅନନ୍ୟ ପରିଚୟ। ଆଧୁନିକ ଓଡ଼ିଶା ଗଠନରେ ତାଙ୍କର ଭୂମିକା ଥିଲା ଅଗ୍ରଗଣ୍ୟ। ବିଜୁ ବାବୁ ଓଡ଼ିଶାର ରାଜନୀତି, ଅର୍ଥନୀତି, ସାଂସ୍କୃତିକ ଜାଗରଣ, ଚେତନା ଆନ୍ଦୋଳନକୁ ବହୁଭାବେ ପ୍ରଭାବିତ କରିଥିଲେ ବୋଲି ଅତିଥିମାନେ ମହାନ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସରେ ମତପ୍ରଦାନ କରିଛନ୍ତି।

ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଲେ ଯେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଥିଲେ ଜଣେ ମହାନାୟକ। ସମୟ ଓ ଇତିହାସର ଗତିପଥକୁ ବଦଳେଇଦେବା



ଭଳି ଚରିତ୍ର ସେ ଥିଲେ। କେବଳ ଭାରତ ନୁହେଁ, ଇଣ୍ଡୋନେସିଆ ଏବଂ ରୁଷିଆ, ସବୁଠାରେ ତାଙ୍କର ବୀରତ୍ୱ ପାଇଁ ସେ ପ୍ରଶଂସିତ ହୋଇଥିଲେ। ତାଙ୍କର ସ୍ୱପ୍ନ, ସାହସ ଏବଂ ବୀରତ୍ୱ ଅତ୍ୟନ୍ତ ମର୍ମସ୍ପର୍ଶୀ। ମଧୁବାବୁ ଯେଉଁଭଳି ଉତ୍କଳ ନାମର ସର୍ବଦା ପ୍ରଚାରପ୍ରସାର କରୁଥିଲେ, ସେଭଳି ବିଜୁବାବୁ କଳିଙ୍ଗ ଶବ୍ଦକୁ ଅତ୍ୟନ୍ତ ଭାବପ୍ରବଣ ଭାବରେ ବ୍ୟବହାର କରୁଥିଲେ। ସେଥିପାଇଁ ସେ କଳିଙ୍ଗ ନାମରେ ବିଭିନ୍ନ ଶିଳ୍ପାନୁଷ୍ଠାନ, ଶିକ୍ଷାନୁଷ୍ଠାନ ଏବଂ ରାଜ୍ୟ ପୁରସ୍କାରକୁ ନାମିତ କରି ରାଜ୍ୟର ଗରିମାମୟ ଇତିହାସର ପୁନର୍ଜାଗରଣ ପାଇଁ ପ୍ରୟାସ କରିଥିଲେ ବୋଲି ପ୍ରମୁଖ ଶାସନ ସଚିବ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ଏବଂ ସ୍ତମ୍ଭକାର ଡ. ଅଭିରାମ ବିଶ୍ୱାଳ ବିଜୁବାବୁଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, କୃତି ଓ କୀର୍ତ୍ତି ଉପରେ ଆଲୋକପାତ କରିଥିଲେ। ସେ କହିଲେ ଯେ ପାରାଦୀପ ବନ୍ଦର, ମହିଳା ସଶକ୍ତିକରଣ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆଦି ତାଙ୍କର ଅନେକ ଅବଦାନ ମଧ୍ୟରୁ କେତେକ ଉଦାହରଣ ମାତ୍ର। ଶିଳ୍ପ ବିକାଶ ହେଉ ବା ଭିତ୍ତିଭୂମି, ଗରିବ ଲୋକଙ୍କ କଲ୍ୟାଣ ହେଉ ବା ମା'ମାନଙ୍କ ସଶକ୍ତିକରଣ ସବୁକ୍ଷେତ୍ରରେ ସେ ଜଣେ ଦୂରଦ୍ରଷ୍ଟା ପରି କାମ କରିଯାଇଛନ୍ତି। କୃଷିରୁ ଶିଳ୍ପ, ଶିକ୍ଷାରୁ ସଶକ୍ତିକରଣ ସବୁକ୍ଷେତ୍ରରେ ତାଙ୍କର ବିପୁଳ ଅବଦାନ ରହିଛି ବୋଲି ଡ. ବିଶ୍ୱାଳ ପ୍ରକାଶ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ଓଡ଼ିଆ ଜାତି ପାଇଁ, ରାଜ୍ୟ ତଥା ଦେଶ ପାଇଁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ସବୁବେଳେ ନମସ୍ୟ ହୋଇ ରହିବେ। ବିଜୁବାବୁଙ୍କ ଦେହାବସାନ ପରେ ତାଙ୍କ ମୃତ ଶରୀରକୁ ତିନିଗୋଟି ରାଷ୍ଟ୍ରର ଜାତୀୟ ପତାକା ଦ୍ୱାରା ଆଚ୍ଛାଦିତ କରାଯାଇଥିଲା। ଅଦମ୍ୟସାହସୀ ବିଜୁ ପଟ୍ଟନାୟକ ରାଜ୍ୟ ରାଜନୀତିରେ ପ୍ରବେଶ କରି ୧୯୬୧ରେ ମୁଖ୍ୟମନ୍ତ୍ରୀ ହେବାପରେ ଓଡ଼ିଶାର ବିକାଶ ନିମନ୍ତେ ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଦୂରଦୃଷ୍ଟି ସଂପନ୍ନ ପଦକ୍ଷେପ ଗ୍ରହଣ କରିଥିଲେ। ରାଜ୍ୟବାସୀଙ୍କ ପାଇଁ ତାଙ୍କ ଆଦର୍ଶ ଅନୁକରଣୀୟ ହୋଇରହିଥିବେ ବୋଲି ସେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।


ରବିବାସରୀୟ କଳିକା
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା
ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିବସରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ କରୁଛି।
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

## ଝାରପଡ଼ା ଜେଲ୍‌ରେ ପାଳିତ ହେଲା ଶ୍ରୀରାମ ନବମୀ

**ଭୁବନେଶ୍ୱର, ୧୭।୪ :ନ୍ୟୁଜ୍‌ବ୍ୟୁରୋ**

ବୁଧବାର ଶ୍ରୀରାମ ନବମୀ। ସଜେଇ ହୋଇଛି ସାରା ଭୁବନେଶ୍ୱର। ସବୁଠି ରାମମୟ ପରିବେଶ। ଝାରପଡା ସ୍ୱତନ୍ତ୍ର ଜେଲରେ ଦେଖିବାକୁ ମିଳିଛି ଭାବମୟ ପରିବେଶ। ଜେଲ କ୍ୟାମ୍ପସରେ ଥିବା ହନୁମାନ ମନ୍ଦିର ପରିସରରେ ନିରାଡ଼ମ୍ବର ସହ ଅନୁଷ୍ଠିତ ହୋଇଛି ରାମ ନବମୀ। ଜେଲ୍ ସୁପରିନଟେଣ୍ଡେଣ୍ଟ ସତ୍ୟ ପ୍ରକାଶ ସ୍ୱାଇଁ ଓ ଜେଲର ପ୍ରସନ୍ନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରାମନବମୀ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ମହାପ୍ରଭୁଙ୍କ ଦର୍ଶନ କଲେ ଅନନ୍ତ ଅମ୍ବାନୀ, ଦାନ କଲେ ଅଢେଇ କୋଟି

**ପୁରୀ, ୧୭।୪ :ନ୍ୟୁଜ୍‌ବ୍ୟୁରୋ**

ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀ। ସେ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ନିଜର ବିବାହ ପୂର୍ବରୁ ସେ ମହାପ୍ରଭୁଙ୍କ ଆଶୀର୍ବାଦ ନେବା ପାଇଁ ଶ୍ରୀମନ୍ଦିର ଆସିଥିଲେ। ପ୍ରଥମେ ଅନନ୍ତ ବଡ଼ଦାଣ୍ଡରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପରିଚାଳନା କମିଟି ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ଅନନ୍ତ ଶ୍ରୀମନ୍ଦିର ଭିତରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ତେବେ ଭଲରେ ମହାପ୍ରଭୁଙ୍କ ଦର୍ଶନ ହୋଇଥିବା କଥା ସେ କହିଛନ୍ତି।

ସୂଚନା ଅନୁସାରେ, ଅନନ୍ତ ଅମ୍ବାନୀ ମଙ୍ଗଳବାର ରାତି ୧୦ଟା ୩୦ରେ ପୁରୀରେ ପହଞ୍ଚିଥିଲେ। ପରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପରିଚାଳନା କମିଟି ସଦସ୍ୟ, କୌଳିକ



ପଣ୍ଡା ଅନନ୍ତଙ୍କୁ ସ୍ୱାଗତ କରି ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରଥମେ ପ୍ରଭୁ ପତିତପାବନଙ୍କୁ ପ୍ରଣାମ କରି ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ ଅନନ୍ତ। ପରେ କାଳିଆ ଠାକୁରଙ୍କୁ ଦର୍ଶନ କରି ବେଶ୍ ଭାବ ବିହ୍ୱଳିତ ହୋଇଥିଲେ। ମହାପ୍ରଭୁଙ୍କ ଚନ୍ଦନ ଲାଗି ବେଶ ଦର୍ଶନ କରିଥିଲେ ଅନନ୍ତ ଅମ୍ବାନୀ ଏବଂ ଶ୍ରୀମନ୍ଦିରର ପରମ୍ପରା, ମହାପ୍ରଭୁଙ୍କ ନୀତିକାନ୍ତି ବିଷୟରେ ପଚାରି ବୁଝିଥିଲେ।

ଶ୍ରୀଜୀଉଙ୍କ ଦର୍ଶନ ପରେ ଶ୍ରୀମନ୍ଦିର ଭିତରେ ଥିବା ବିଭିନ୍ନ ଦେବଦେବୀ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ଶ୍ରୀମନ୍ଦିର ଭିତରେ ବେଢ଼ା ପରିକ୍ରମା କରିଥିଲେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାତ୍ର ପହୁଡ଼ ପରେ ସେ ଫେରିଥିଲେ। ସେ ଦୀର୍ଘ ୨ ଘଣ୍ଟା ସମୟ ଅତିବାହିତ କରିଥିଲେ। ଏହି ଅବସରରେ ସେ ଶ୍ରୀମନ୍ଦିର ପ୍ରଶାସନକୁ ୨ କୋଟି ୫୦ ଲକ୍ଷ ଟଙ୍କାର ଦାନ ଦେଇଥିଲେ।

ଶ୍ରୀମନ୍ଦିର ଉତ୍ତର, ପଶ୍ଚିମ, ଦକ୍ଷିଣ ଦ୍ୱାରକୁ ସିଂହଦ୍ୱାର ଭଳି ରୁପା ଛାଉଣୀ କରିବାକୁ ସେବାୟତ ଅନନ୍ତଙ୍କୁ ଜଣାଇଥିଲେ। ଏହି କାର୍ଯ୍ୟ କରିବା ପାଇଁ ଅନନ୍ତ ତାଙ୍କ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନନ୍ତଙ୍କୁ ମହାପ୍ରଭୁଙ୍କ ମାଳ, ମହାପ୍ରସାଦ, ଶ୍ରୀଅଙ୍ଗ ଲାଗି ଖଣ୍ଡୁଆ ଉପହାର ଭାବେ ଦେଇଥିଲେ। କୌଳିକ ପଣ୍ଡା ରଘୁନାଥ ଗୋଚ୍ଛିକାର ଅନନ୍ତଙ୍କୁ ଶ୍ରୀମନ୍ଦିର ଭିତରେ ବୁଲାଇଥିଲେ। ସେପଟେ ମହାପ୍ରଭୁଙ୍କୁ ଦର୍ଶନ ପରେ ଅନନ୍ତ ଅମ୍ବାନୀ କହିଥିଲେ, 'ସମସ୍ତଙ୍କୁ ରାମ ନବମୀର ଶୁଭେଚ୍ଛା। ସମସ୍ତଙ୍କୁ କାଳିଆ ସୁଖୀ, ମଙ୍ଗଳରେ ରଖନ୍ତୁ।' କହିରଖୁଛି କି, ଆଗାମୀ ଜୁଲାଇରେ ଅନନ୍ତଙ୍କ ବିବାହ ଉତ୍ସବ ରହିଛି। ତେବେ ଏହା ପୂର୍ବରୁ ସେ ଭାରତର ପ୍ରମୁଖ ମନ୍ଦିର ଯାଇ ଈଶ୍ୱରଙ୍କ ଆଶୀର୍ବାଦ ନେଇଛନ୍ତି।

# ମହିଳାଙ୍କ ଚରିତ୍ର ସଂହାର କରୁଛି ବିଜେପି; ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ବିଜେଡି



**ଭୁବନେଶ୍ୱର, ୧୭।୪ :ନ୍ୟୁଜ୍‌ବ୍ୟୁରୋ**

ତୃଣମୂଳ ସ୍ତରରେ ମହିଳାଙ୍କ ଚରିତ୍ର ସଂହାର କରୁଛି ବିଜେପି। ମୁଖ୍ୟ ନିର୍ବାଚନ କମିଶନଙ୍କ ନାଁ ନେଇ ଧମକ ଦେଉଛନ୍ତି। କଥା ନମାନିଲେ ପରିଣାମ ଭୋଗିବ ବୋଲି ନାଲି ଆଖି ଦେଖାଉଛନ୍ତି। ପ୍ରତ୍ୟେକ ନିର୍ବାଚନ ଓ ଉପନିର୍ବାଚନ ପୂର୍ବରୁ ମହିଳାଙ୍କୁ ଏଭଳି ଧମକାଉଛନ୍ତି ବିଜେପି ନେତା ଓ କର୍ମୀ। ଏନେଇ ଅଭିଯୋଗ କରି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି ବିଜେଡି। ରାଜ୍ୟର ମହିଳାମାନଙ୍କ ସ୍ୱାସ୍ଥ୍ୟରକ୍ଷା ଦିଗରେ ଆଶାକର୍ମୀମାନେ ତୃଣମୂଳସ୍ତରରେ କାମ କରୁଛନ୍ତି। ଛୁଆଙ୍କ ପୋଷଣ ପାଇଁ ଅଙ୍ଗନୱାଡି କର୍ମୀମାନେ କାମ କରୁଛନ୍ତି। ସେହିଭଳି ମହିଳା ସଶକ୍ତିକରଣ ଦିଗରେ କାମ କରୁଛନ୍ତି ମିଶନ ଶକ୍ତି ମହିଳା। ତେବେ ତୃଣମୂଳସ୍ତରରେ କାର୍ଯ୍ୟରତ ମହିଳାଙ୍କୁ କାହିଁକି ଇର୍ଷା କରୁଛି ବିଜେପି ବୋଲି ପ୍ରଶ୍ନ କରିଛି ବିଜେଡି। ବିଜେପିର ଏଭଳି କାର୍ଯ୍ୟ ଉପରେ ଦୃଷ୍ଟି ଦେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି ଜଣାଇଛି ବିଜେଡି। ବିଜେଡିର ଏକ ଟିମ୍ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-7 • Issue-50 • 10th-16th April 2024 • Bhubaneswar
ନେତାଙ୍କ ଟାର୍ଗେଟ୍‌ରେ ପାର୍କ
ଭୋଟ୍ ପାଇଁ ଭିଡ଼
ସମସ୍ୟା ସମାଧାନ ପାଇଁ ଥରୁଟିଏ ଭାବି ନାହାନ୍ତି
ଭୁବନେଶ୍ୱରରେ ହେବ ବାଙ୍ଗାଲୁରୁ ସ୍ଥିତି, ମିଳିବନି ପାଣି!

# ରଥକାଠ ଚିରଟ ପାଇଁ ଖପୁରିଆ କରତ କଳକୁ ଗଲା ମହାପ୍ରଭୁଙ୍କ ଆଜ୍ଞାମାଳ ଓ ମହାପ୍ରସାଦ

**ପୁରୀ, ୧୭।୪ :ନ୍ୟୁଜ୍‌ବ୍ୟୁରୋ**

ବୁଧବାର ପବିତ୍ର ରାମ ନବମୀ। ଏହି ଅବସରରେ ବୁଧବାର ଠାରୁ ରଥକାଠ ଚିରଟର ଶୁଭ ଅନୁକୂଳ ପରମ୍ପରା ଆରମ୍ଭ ହୋଇଛି। ରଥ କାଠ ଚିରଟ ପାଇଁ ଶ୍ରୀମନ୍ଦିରରୁ କଟକ ଖପୁରିଆ କରତ କଳ ଯାଇଛି ମହାପ୍ରଭୁଙ୍କ ଆଜ୍ଞାମାଳ ଓ ମହାପ୍ରସାଦ। ସେପଟେ ଶ୍ରୀକ୍ଷେତ୍ରରେ ମହାଆଡମ୍ବରରେ ପାଳନ ହୋଇଛି ପବିତ୍ର ରାମ ନବମୀ। ଏନେଇ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ରାମ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ପବିତ୍ର ରାମ ନବମୀ ଅବସରରେ ରଥକାଠ ଚିରଟର ଶୁଭ ଅନୁକୂଳ ହେବାର ପରମ୍ପରା ଥିବାରୁ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଓ ମହାପ୍ରସାଦ ନେଇ ଏକ ପାଞ୍ଚ ଜଣିଆ ପ୍ରତିନିଧି ଦଳ କଟକ ଅଭିମୁଖେ ଯାତ୍ରା କରିଛନ୍ତି। କଟକ ଖପୁରିଆ ସ୍ଥିତ କରତ କଳରେ ବୁଧବାର ପବିତ୍ର ରାମନବମୀ ତିଥିରେ ମାଳ ମହାପ୍ରସାଦ ଲାଗି ପରେ ତିନୋଟି ଧଉରା କାଠର ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ଆସନ୍ତା ଅକ୍ଷୟ ତୃତୀୟା ଅବସରରେ ରଥ ନିର୍ମାଣ ଅନୁକୂଳ ହେବାର ପରମ୍ପରା ରହିଛି।

ସେପଟେ ପବିତ୍ର ରାମ ନବମୀ ପାଇଁ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ରାମ ମନ୍ଦିର ଥିଲା ଲୋକାରଣ୍ୟ। ହଜାର ହଜାର ଶ୍ରଦ୍ଧାଳୁ ଏହି ପବିତ୍ର ଦିନରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମ ଓ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ନିଜକୁ ଧନ୍ୟ ମଣିଥିଲେ। ଏହି ଅବସରରେ ଶ୍ରୀମନ୍ଦିରରେ ଆନନ୍ଦ ଉତ୍ସାହର ସହ ପାଳିତ ହୋଇଥିଲା ରାମଜନ୍ମ ନୀତି। ଦ୍ୱିତୀୟ ଭୋଗମଣ୍ଡପ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଦକ୍ଷିଣ



ଘରେ ଥିବା ଶ୍ରୀରାମଙ୍କ ପ୍ରତିମାକୁ ଅଣାଯାଇ ଆଜ୍ଞାମାଳ ଲାଗି କରାଯାଇଥିଲା। ପରେ ଦୁଇଜଣ ସେବାୟତ ଦଶରଥ ଓ କୌଶଲ୍ୟା ହୋଇ ରାମଜନ୍ମ ନୀତି ସଂପାଦନ କରିଥିଲେ। ତେବେ ରାମ ନବମୀ ଅବସରରେ ମହାପ୍ରଭୁଙ୍କ ଦର୍ଶନ କଲେ ଅଶେଷ ପୁଣ୍ୟ ଲାଭ ହେବାର ବିଶ୍ୱାସ ଥିବାରୁ ଶ୍ରୀକ୍ଷେତ୍ର ବେଶ୍ ଚଳଚଞ୍ଚଳ ହୋଇ ଉଠିଥିଲା। ସେହିପରି ରାମ ନବମୀ ଅବସରରେ ପୁରୀରେ ଥିବା ରାମ ମନ୍ଦିରରେ ମଧ୍ୟ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ସକାଳୁ ବହୁ ସଂଖ୍ୟାରେ ଭକ୍ତମାନେ ଯାଇ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ ସହ ଆର୍ଶୀବାଦ କାମନା କରିଥିଲେ।

# ବିଜେଡିରେ ମିଶିଲେ କଂଗ୍ରେସ ସଂପାଦକ କ୍ୟାପଟେନ ରାଜ ନାରାୟଣ

**ଭୁବନେଶ୍ୱର, ୧୭।୪ :ନ୍ୟୁଜ୍‌ବ୍ୟୁରୋ**

ବିଜେଡିରେ ମିଶିଲେ କଂଗ୍ରେସ ସଂପାଦକ ତଥା ବଡ଼ଚଣା ନିର୍ବାଚନ ମଣ୍ଡଳୀର କ୍ୟାପଟେନ ରାଜ ନାରାୟଣ ମହାପାତ୍ର। ତାଙ୍କ ସହ ଅନେକ ସ୍ଥାନୀୟ ନେତା ଓ ସମର୍ଥକ ବି ବିଜେଡିରେ ସାମିଲ ହୋଇଛନ୍ତି। ରାଜନାରାୟଣଙ୍କ ବାପା ସୀତାକାନ୍ତ ମହାପାତ୍ର ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ରହିଥିଲେ। ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଓ ସଂଗଠନ ସମ୍ପାଦକଙ୍କ ପକ୍ଷରୁ ସ୍ୱାଗତ କରିଥିଲେ ସାଂସଦ ସସ୍ମିତ ପାତ୍ର। ରାଜନାରାୟଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି ବୋଲି କହିଛନ୍ତି ବିଜେଡି ନେତା ଜନ୍ମେଜୟ ଲେଙ୍କା। ରାଜଙ୍କ ଯୋଗଦାନ ଫଳରେ ବଡ଼ଚଣାରେ ବିଜେଡି ଆହୁରି ସୁଦୃଢ଼ ହେବ।

ବୁଧବାର ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ। ସେ ସାରା ବିଶ୍ୱରେ ପାଇଲଟ ଭାବେ ସେ ଖ୍ୟାତି ଅର୍ଜନ କରିଛନ୍ତି। ରାଜ ଶେଷ ପାଇଲଟ ଯିଏ ବିଜୁ ବାବୁଙ୍କ ଠାରୁ ସ୍କଲାରସିପ ପାଇ ଆମେରିକାରେ ପାଇଲଟ ହୋଇଥିଲେ। ତାଙ୍କ ସୁଯୋଗ୍ୟ ପୁତ୍ର ନବୀନ



ପଟ୍ଟନାୟକଙ୍କ ଆଦର୍ଶରେ କଂଗ୍ରେସ ଛାଡି ବିଜେଡିରେ ମିଶିଲୁ ବୋଲି କହିଛନ୍ତି ରାଜ। ବଡ଼ଚଣାକୁ ଏନ୍‌ଏସି ଘୋଷଣା କରିବା ନିଷ୍ପତ୍ତି ପରେ ସମସ୍ତେ ନବୀନଙ୍କ ବିକାଶ ଧାରାରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ କାମ କରିବୁ ବୋଲି ସଙ୍କଳ୍ପ ନେବା ସହ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଛନ୍ତି ରାଜ।

ସେହିପରି ବିଜେଡିରେ ମିଶିଲେ ଅନୁଗୁଳ ଜିଲ୍ଲାର ମହେଶ ଚନ୍ଦ୍ର ଧଳ। ଆଦର୍ଶ ଗ୍ରୁପର ପ୍ରତିଷ୍ଠାତା ଅଛନ୍ତି ମହେଶ। ସେ ଶିକ୍ଷାରେ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଅନୁଗୁଳରେ ପ୍ରଥମ ୨୦୦ ଶଯ୍ୟା କୋଭିଡ୍ ହସ୍ପିଟାଲ କରିବା ସହ ମାଗଣା ଅକ୍ସିଜେନ ଦେଇଥିଲେ । ୨୦୧୦ ରେ ରେକର୍ଡ ୧୦୦୧ ୟୁନିଟ ରକ୍ତ ପ୍ରଦାନ କରି ରକ୍ତ ଅଭାବ ଦୂର କରିଛନ୍ତି ମହେଶ। ଦକ୍ଷତା ବିକାଶ ପାଇଁ ଆଇଟିଆଇ ଆରମ୍ଭ କରିବା ସହ ଗରିବ ପିଲାଙ୍କ ପାଇଁ ଶିକ୍ଷା ଓ କ୍ରୀଡ଼ା ହବ୍ କରିଛନ୍ତି। ତାଙ୍କ ସହଯୋଗୀ ସୁଶାନ୍ତ ସାହୁ ବି ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶଙ୍କ ପକ୍ଷରୁ ଉଭୟଙ୍କୁ ସ୍ୱାଗତ କରିଛନ୍ତି ସାଂସଦ ସସ୍ମିତ ପାତ୍ର। ଅନୁଗୁଳ ଜିଲ୍ଲାରେ ବିଜେଡି ଆହୁରି ସଶକ୍ତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଓଡ଼ିଶା ସ୍ୱପ୍ନ ସଫଳ ହେବ। ମହେଶ ଧଳ କହିଛନ୍ତି, ଆଜି ମୋ ପାଇଁ ଏକ ମହାନ ଦିନ। କାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଲି। ତେଣୁ ମୁଁ ତାଙ୍କ ପାଖରେ ଚିରଋଣୀ ବୋଲି କହିଛନ୍ତି ମହେଶ ଚନ୍ଦ୍ର ଧଳ।

## ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com